



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 281 | ଭାଗ ୩୩ | ସଂଖ୍ୟା ୨୮୧ | Saturday 3 January 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୩ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସରକାରଙ୍କ ପରିବେଶ ଚିନ୍ତା

## ୧୦ରୁ ମିଳିବ ଗ୍ରୀନ୍ ଷ୍ଟିକର୍




**ଭୁବନେଶ୍ୱର,୨।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ପ୍ରଦୂଷଣ ମାତ୍ରା ବଢୁଥିବାରୁ ଏହାକୁ ନେଇ ରାଜ୍ୟ ସରକାର ଚିନ୍ତା ପ୍ରକଟ କରିବା ସହ ପ୍ରଦୂଷଣ ବ୍ୟାପକ କରୁଥିବା ଯାନବାହନଗୁଡ଼ିକୁ ରାସ୍ତାରୁ ହଟାଇଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ତେଣୁ ସମସ୍ତ ଗାଡ଼ିକୁ ଆସନ୍ତା ଜାନୁଆରୀ ୩୧ ତାରିଖ ସୁଦ୍ଧା ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) କରାଇନେବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ପିୟୁସିସି ହାସଲ କରୁଥିବା ଗାଡ଼ିର ମାଲିକମାନଙ୍କୁ ଯେପରି ସୁରୁଖୁରୁରେ ତେଲ ଟାଙ୍କିରେ ଡିଜେଲ୍ ଓ ପେଟ୍ରୋଲ୍ ମିଳିପାରିବ, ସେଥିସକାଶେ ଏକ ଗ୍ରୀନ୍ ଷ୍ଟିକର୍ ପ୍ରଦାନ କରାଯିବ। ଏହି ଗ୍ରୀନ୍ ଷ୍ଟିକର୍ ଦେଖିବା ପରେ ଟାଙ୍କିରେ ଗାଡ଼ିର ମାଲିକମାନେ ତେଲ ଭରିପାରିବେ। ଏଥିସକାଶେ ଆସନ୍ତା ୧୦ ତାରିଖରୁ ଗ୍ରୀନ୍ ଷ୍ଟିକର ଉପଲବ୍ଧ ହେବ ବୋଲି ଆଜି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ବିଭାଗ ପକ୍ଷରୁ କୁହାଯାଇଛି ଯେ ବୈଧ ପିୟୁସିସି ଥିବା ଯାନବାହାନଗୁଡ଼ିକ ପାଇଁ ଆସନ୍ତା ୧୦ ତାରିଖରୁ ସବୁଜ ରଙ୍ଗର ପିୟୁସିସି ବୈଧତା ଷ୍ଟିକର୍ ଉପଲବ୍ଧ ହେବ। ଯେଉଁ ଯାନବାହନ ମାଲିକମାନେ ପୂର୍ବରୁ ବୈଧ ପିୟୁସିସି ପ୍ରାପ୍ତ କରିସାରିଛନ୍ତି, ସେମାନେ ନିଜ ନିଜ ଅଞ୍ଚଳର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରୁ ଏହି ସବୁଜ ଷ୍ଟିକର୍ ପାଇପାରିବେ। ଏହି ପ୍ରକ୍ରିୟାକୁ ସୁଗମ କରିବା ପାଇଁ ସମସ୍ତ ଆର୍‌ଟିଓରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ। ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, କେବଳ ବୈଧ ପିୟୁସିସି ଥିବା ଯାନବାହନକୁ ହିଁ ସବୁଜ ଷ୍ଟିକର୍ ପ୍ରଦାନ କରାଯିବ। ଷ୍ଟିକର୍ ଜାରି କରିବା ପୂର୍ବରୁ ଆର୍‌ଟିଓ ଅଧିକାରୀମାନେ ଯାନର ପ୍ରଦୂଷଣ ପ୍ରମାଣପତ୍ର, ପଞ୍ଜୀକରଣ ବିବରଣୀ ଏବଂ ବାହନ ଡାଟାବେସ୍‌ରେ ଥିବା ରେକର୍ଡକୁ ଯାଞ୍ଚ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

> ସବୁ ଆର୍‌ଟିଓରେ ଖୋଲିବ ସ୍ପେଶାଲ୍ କାଉଣ୍ଟର

### ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ସହନଶୀଳତା ନୀତି

## ଦୁର୍ନୀତି ବିରୋଧରେ ଆକ୍ସନ ମୋଡ୍‌ରେ ଭିଜିଲାନ୍ସ

- ୪୮୮ ମାମଲାର ଫୈସଲା, ୧୦୮ଟିରେ ଦଣ୍ଡବିଧାନ
- ସର୍ବାଧିକ ଆୟବହିର୍ଭୂତ ସମ୍ପତ୍ତି ମାମଲାର ସମାଧାନ
- ରାଜ୍ୟ ଭିଜିଲାନ୍ସ ଏକାଡେମୀକୁ ଆଇଏସ୍‌ଓ ପ୍ରମାଣପତ୍ର



**ଭୁବନେଶ୍ୱର,୨।୧(ସଂଚାର ବ୍ୟୁରୋ):** ଗତ ୨୦ ବର୍ଷର ଇତିହାସକୁ ପଛରେ ପକାଇ ଓଡ଼ିଶା ଭିଜିଲାନ୍ସ ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛି। ସରକାରଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ରାଜ୍ୟରେ ଭିଜିଲାନ୍ସ ବିଭାଗ ସକ୍ରିୟ ଭାବେ କାର୍ଯ୍ୟ କରି ଦୁର୍ନୀତିଖୋର୍‌ମାନଙ୍କୁ ଧରିବାରେ ସଫଳ ହୋଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଭିଜିଲାନ୍ସ ବିଭାଗର ଏକ ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ୨୦୨୫ ଏପ୍ରିଲ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ୧୨୫ଟି ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଏକ ରେକର୍ଡ। ପୂର୍ବରୁ ସମାନ ସମୟ ମଧ୍ୟରେ ରାଜ୍ୟ ସରକାର କଦାପି ଏତେସଂଖ୍ୟକ ମାମଲାର ତଦନ୍ତ ପାଇଁ ଭିଜିଲାନ୍ସକୁ ସୁପାରିସ୍ କରିନାହାନ୍ତି। ଏଥିସହ ଗତ ବର୍ଷ ସମୁଦାୟ ୪୮୮ଟି ମାମଲାର ଫୈସଲା ହୋଇଛି। ଏହାଛଡ଼ା ସର୍ବାଧିକ ୧୭୩ଟି ଆୟବହିର୍ଭୂତ ସମ୍ପତ୍ତିଜନିତ ମାମଲାର ମଧ୍ୟ ଫୈସଲା ହୋଇଛି, ଯାହା ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ।

ସୂଚନାନୁସାରେ ଦୁର୍ନୀତି ବିରୋଧରେ ଆକ୍ସନ ମୋଡ୍‌ରେ ସରକାର କାର୍ଯ୍ୟ କରୁଥିବାରୁ ଓଡ଼ିଶା ସାରା ଦେଶରେ ପ୍ରଶଂସିତ ହେଉଛି ଓ ମୁଖ୍ୟମନ୍ତ୍ରୀଙ୍କର ଶୂନ୍ୟ ସହନଶୀଳତା ନୀତିକୁ ପାଥେୟ କରି ରାଜ୍ୟ ଭିଜିଲାନ୍ସ ଏକାଡେମୀ (ଏସଭିଏ) ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିପାରିଛି। ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍ସ ଏକାଡେମୀକୁ ଆଇଏସ୍‌ଓ ୯୦୦୦:୨୦୧୫ ପ୍ରମାଣପତ୍ର ମଧ୍ୟ ମିଳିଛି। ଏହି ପ୍ରମାଣପତ୍ର ଏକାଡେମୀକୁ ଆସନ୍ତା ତିନି ବର୍ଷ ପାଇଁ ମିଳିଛି। ଏହି ପ୍ରମାଣପତ୍ର ପାଇଁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ଏକାଡେମୀ ଓ ରାଜ୍ୟ ଭିଜିଲାନ୍ସ ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ। ୨୦୨୫ ବର୍ଷରେ ସମୁଦାୟ ୪୮୭ଟି ସ୍ଥାନରେ ଭିଜିଲାନ୍ସ ➢ପୃଷ୍ଠା-୬

### ଲୋକସେବା ଭବନରେ ମାଳମାଳ ରିଲ୍ସ

## ଆସିବ ସ୍ୱତନ୍ତ୍ର ଗାଇଡ୍‌ଲାଇନ

- ଆଇନ ମନ୍ତ୍ରୀଙ୍କ ଉଦ୍‌ବେଗ




**ଭୁବନେଶ୍ୱର,୨।୧(ସଂଚାର ବ୍ୟୁରୋ):** ଲୋକସେବା ଭବନରେ ମାଳ ମାଳ ରିଲ୍ସ ନେଇ ପୂର୍ତ୍ତ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଲୋକସେବା ଭବନରେ କାର୍ଯ୍ୟ କରୁଥିବା ବ୍ୟକ୍ତି ହୁଅନ୍ତୁ କି ବାହାର ଲୋକ ହୁଅନ୍ତୁ, ସେଠାରେ ରିଲ୍ସର କୌଣସି ଅବକାଶ ନାହିଁ। ଏହା ଆଦୌ ଗ୍ରହଣୀୟ ନୁହେଁ। ଆଗକୁ ଗୃହ ବିଭାଗ ପକ୍ଷରୁ ଲୋକସେବା ଭବନ ସୁରକ୍ଷା କର୍ମୀଙ୍କୁ ତାଗିଦ୍ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଯଦି ଆଗାମୀ ଦିନରେ ଏପରି ଘଟଣାର ପୁନରାବୃତ୍ତି ହୁଏ, ତା'ହେଲେ ଦୋଷୀଙ୍କ ବିରୋଧରେ ଲୋକସେବା ଭବନ ସୁରକ୍ଷା କର୍ମୀ ଓ ପୁଲିସ ବିଭାଗ ➢ପୃଷ୍ଠା-୬

## ମାଓନେତା କେଶବ ପାଇଁ ଖୋଲିଲା ସ୍ୱତନ୍ତ୍ର ଅଦାଲତ




**ଗଜପତି,୨।୧(ସଂଚାର ବ୍ୟୁରୋ):** ମାଓନେତା ଡୁନା କେଶବ ରାଓ ଓରଫ ଆଜାଦଙ୍କ ପାଇଁ ଆଜି (ଶୁକ୍ରବାର) ପାରଳାଖେମୁଣ୍ଡିରେ ଖୋଲିଲା ସ୍ୱତନ୍ତ୍ର ଅଦାଲତ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହି କୋର୍ଟ ଖୋଲାଯାଇଛି। ଏଠାରେ ଓଡ଼ିଶାର ବିଭିନ୍ନ ଥାନାରେ ଆଜାଦଙ୍କ ନାଁରେ ଥିବା ୩୭ଟି ମାମଲାର ବିଚାର କରାଯିବ। ଏନେଇ ସରକାରୀ ଓକିଲ ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ମାଓନେତା ଆଜାଦ ଗତ ୨୦୧୧ରେ ମାଓ ସଂଗଠନ ଛାଡ଼ି ଆନ୍ଧ୍ର ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହା ପରେ ଓଡ଼ିଶା ପୁଲିସ ତାଙ୍କୁ ଗିରଫ କରିଥିଲା। ସେବେଠାରୁ ସେ ଝାରପଡ଼ା ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଆସୁଛନ୍ତି। ତାଙ୍କ ନାଁରେ ଗଜପତି, ରାୟଗଡ଼ା, କନ୍ଧମାଳ ଓ ନୟାଗଡ଼ ଆଦି ଜିଲ୍ଲାର ବିଭିନ୍ନ ଥାନାରେ ୩୭ଟି ମାମଲା ରହିଛି। ଏଥିସହ ଆନ୍ଧ୍ର ପ୍ରଦେଶରେ ମଧ୍ୟ ଅନେକ ମାମଲା ରହିଛି। ତେବେ ଗତ ୧୪ ବର୍ଷ ହେଲା ମାମଲାର ବିଚାର ହୋଇପାରୁନାହିଁ। ତେଣୁ ମାମଲାର ଶୀଘ୍ର ଶୁଣାଣି ପାଇଁ ଆଜାଦ ଗତ ୨୦୨୪ରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

ତେବେ ମାମଲାର ଶୀଘ୍ର ଶୁଣାଣି ପାଇଁ ଗତ ଗତ ୨୦୨୪ରେ ଡି. କେଶବ ରାଓଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ୫୧୧/୨୦୨୪ ନମ୍ବରରେ ଏକ ମାମଲା ଦାଏର କରାଯାଇଥିଲା। ଗତବର୍ଷ ଜୁଲାଇ ୨୧ ତାରିଖରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଏଥିସହ ପାରଳାଖେମୁଣ୍ଡିରେ ଏକ ସ୍ୱତନ୍ତ୍ର କୋର୍ଟ ତିଆରି କରିବାକୁ ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଗୃହ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ, ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର ଅଦାଲତ କରାଯାଇଛି। ଏଥିପାଇଁ ଜଣେ ସ୍ୱତନ୍ତ୍ର ବିଚାରପତିଙ୍କୁ ମଧ୍ୟ ➢ପୃଷ୍ଠା-୬

> ୩୭ ମାମଲାର ବିଚାର ହେବ

### ଇସ୍କନ୍ ଉପରେ ବର୍ଷିଲେ ଶଙ୍କରାଚାର୍ଯ୍ୟ

## ଅଦିନିଆ ରଥଯାତ୍ରା ହିନ୍ଦୁଙ୍କ ବିରୋଧରେ ଷଡ଼ଯନ୍ତ୍ର



**ପୁରୀ,୨।୧(ସଂଚାର ବ୍ୟୁରୋ):** ବାରମ୍ବାର ତାଗିଦା ସତ୍ତ୍ୱେ ଇସ୍କନ୍ ପକ୍ଷରୁ ବିଭିନ୍ନ ଦେଶରେ ଅଦିନିଆ ରଥଯାତ୍ରା ଧାରା ଜାରି ରହିଛି। ଆଜି ଏହି ପ୍ରସଙ୍ଗରେ ଇସ୍କନ୍ ଏପରି ମନୋବୃତ୍ତିକୁ ନେଇ ବର୍ଷିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି ଯେ ଇଂରେଜମାନେ ଯେପରି ଭାରତକୁ ବ୍ୟବସାୟ କରିବା ପାଇଁ ଆସିଥିଲେ, ଇସ୍କନ୍ ସେଭଳି ବିଦେଶରେ ଅଦିନିଆ ରଥଯାତ୍ରା କରୁଛି। ଏହା ହିନ୍ଦୁଙ୍କ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି ଜଗଦ୍‌ଗୁରୁ। ପୁରୀଠାରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ବିଶ୍ୱବ୍ୟାପୀ ସଂଗଠନ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧାତ୍ମିକ ସମାବେଶକୁ ଉଦ୍‌ଘାଟନ କରିବା ଅବସରରେ ଏପରି ମନ୍ତବ୍ୟ ଦେଇଛନ୍ତି ବର୍ଷିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ। ସେ କହିଛନ୍ତି ଯେ ସାରା ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସନାତନ ଧର୍ମ ବେଶ୍ ପ୍ରାଚୀନ। ଏହି ମହାନ ସଂସ୍କୃତି ବିଶ୍ୱରେ ଅନନ୍ୟ ମଧ୍ୟ। ତେଣୁ ଇସ୍କନର ଏଭଳି ଅଦିନିଆ ରଥଯାତ୍ରା ସମ୍ପୂର୍ଣ୍ଣ ଭାବେ ଶାସ୍ତ୍ରବିରୋଧୀ। ସେହିପରି ପଶ୍ଚିମବଙ୍ଗର ଦିଘାଠାରେ ଯେଉଁ ଜଗନ୍ନାଥ ମନ୍ଦିର ନିର୍ମାଣ କରି ତାହାକୁ ଜଗନ୍ନାଥ ଧାମ ବୋଲି କୁହାଯାଉଛି, ତାହା ଓଡ଼ିଶାର ଅର୍ଥନୈତିକ ସ୍ରୋତକୁ ➢ପୃଷ୍ଠା-୬

## ଉନ୍ନୟନ କମିଶନର ଭାବେ ଦାୟିତ୍ୱ ନେଲେ ଦେଓରଞ୍ଜନ



**ଭୁବନେଶ୍ୱର, ୨।୧ (ସଂଚାର ବ୍ୟୁରୋ) :** ଉନ୍ନୟନ କମିଶନର ଭାବେ ଦାୟିତ୍ୱ ନେଲେ ବରିଷ୍ଠ ଆଇଏଏସ ଅଧିକାରୀ ଦେଓରଞ୍ଜନ ସିଂ। ମୁଖ୍ୟ ଶାସନ ସଚିବ ଭାବରେ ଅନୁ ଗର୍ଗ ଦାୟିତ୍ୱ ନେବା ପରେ ରାଜ୍ୟ ସରକାର ଉନ୍ନୟନ କମିଶନର ଭାବେ ଦେଓରଞ୍ଜନ ସିଂଙ୍କୁ ଦାୟିତ୍ୱ ଦେଇଛନ୍ତି। ଗୁରୁବାର ରାଜ୍ୟର ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ ହୋଇଥିଲା। ସୂଚନାନୁଯାୟୀ ନୂତନ ଉନ୍ନୟନ କମିସନର ଭାବେ ଦାୟିତ୍ୱ ଗ୍ରହଣ କଲେ ଦେଓରଞ୍ଜନ କୁମାର ସିଂହ। ପୂର୍ବରୁ ଅନୁ ଗର୍ଗ ଉନ୍ନୟନ କମିସନର ଭାବେ କାର୍ଯ୍ୟ କରୁଥିଲେ। ସେ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେବା ପରେ ସେହି ପଦବୀ ଖାଲିପଡ଼ିଥିଲା। ୧୯୯୩ ବ୍ୟାଚ ଆଇଏଏସ୍ ଅଧିକାରୀ ଦେଓରଞ୍ଜନ କୁମାର ସିଂହଙ୍କୁ ଉନ୍ନୟନ କମିସନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଯୋଜନା ଓ ସଂଯୋଜନ ବିଭାଗ ସହ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ସମ୍ଭାଳିବେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ➢ପୃଷ୍ଠା-୬

### ୮୭ ଲକ୍ଷ ଆତ୍ମସାତ ଅଭିଯୋଗ

## ଫରେଷ୍ଟରଙ୍କ ସମେତ ୩ ଗିରଫ

**ଭବାନୀପାଟଣା,୨।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଦୁର୍ନୀତିର ମୂଳୋତ୍ପାଟନ ଦିଗରେ ପଦକ୍ଷେପ ନେଉଥିଲେ ହେଁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ କଳାକାର୍‌ନାମାରେ କୌଣସି ପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିପାରୁନାହିଁ। ଜନସାଧାରଣ ଓ ସରକାରୀ ଅଧିକାରୀମାନେ ଦୁର୍ନୀତିଠାରୁ ଦୂରେଇ ରହିବା ସକାଶେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଉଛି। କିନ୍ତୁ ସେସବୁର ପ୍ରଭାବ ବିଶେଷ କିଛି ଅନୁଭୂତ ହେଉଥିବା ପରିଲକ୍ଷିତ ହେଉନାହିଁ। ଏହି କ୍ରମରେ ଆଜି ଭିଜିଲାନ୍ସ ପକ୍ଷରୁ ୩ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଏହି ତିନି ଜଣଯାକ ଅଧିକାରୀଙ୍କ ବିରୋଧରେ ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ରହିଛି। ସେମାନେ ହେଲେ କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ରେଞ୍ଜର ପୂର୍ବତନ ଫରେଷ୍ଟର ଜୟ କୁମାର ଜୁଆଡ଼ ଏବଂ ଯାଜପୁର ଚିତୋଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ ଓ ପୂର୍ବତନ ସଭାପତି ବଦ୍ରି ନାରାୟଣ ରାୟ।



ମିଳିଥିବା ସୂଚନାନୁସାରେ, ଶ୍ରୀ ଜୁଆଡ଼ ନକଲି ମଷ୍ଟର୍ ରୋଲ୍ ପ୍ରସ୍ତୁତ କରି ଚାରା ରୋପଣ ବାବଦରେ ଆସିଥିବା ଅର୍ଥରୁ ୫୫ ଲକ୍ଷ ଟଙ୍କା ଆତ୍ମସାତ୍ ➢ପୃଷ୍ଠା-୬

### ମହଙ୍ଗା ପଡ଼ିଲା ଏଡିଜିଙ୍କ ଗାର୍ଲଫ୍ରେଣ୍ଡଙ୍କୁ ପ୍ରେମ

## ତଡ଼ା ଖାଇଲେ ରୋମିଓ ଏସିପି

ଏସିପିଙ୍କୁ ମହଙ୍ଗା ପଡ଼ିଛି ମହିଳା ଡିଏସ୍‌ପିଙ୍କୁ ପ୍ରେମ ନିବେଦନ। ଏମିତି ସେମିତି ଡିଏସ୍‌ପି ନୁହେଁ, ବରଂ ଖୋଦ ଏଡିଜିଙ୍କ ଗାର୍ଲଫ୍ରେଣ୍ଡଙ୍କୁ ପ୍ରେମ ନିବେଦନ କରି ହରଡ଼ଘଣାରେ ପଡ଼ିଛନ୍ତି ଜଣେ ଏସିପି। କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ବରଂ ଘଟଣା ଘଟିଛି କମିଶନରେଟ ପୁଲିସର ଭୁବନେଶ୍ୱର ୟୁପିଡିରେ। ବାରମ୍ବାର ଜଣେ ମହିଳା ଡିଏସପିଙ୍କୁ ଅଶ୍ଳୀଳ ମେସେଜ ଓ ପ୍ରେମ ନିବେଦନ ପରେ ଏସିପିଙ୍କୁ ମୁଖ୍ୟାଳୟ ବା ପୁଲିସ ସେବା ଭବନକୁ ବଦଳି କରାଯାଇଛି। ମିଳିଥିବା ସୂଚନା ମୁତାବକ, ଜଣେ ଏଡିଜି ର୍‍ୟାଙ୍କ ଅଫିସରଙ୍କ ସହ କଟକରେ କରୁଥିବା ଜଣେ ମହିଳା ଡିଏସପିଙ୍କ ପ୍ରେମ ଉଣା ଜଣା। କିନ୍ତୁ ଗତ କିଛି ବର୍ଷ ହେଲା ଏଥିରେ ସାଜିଥିଲେ କମିଶନରେଟ ପୁଲିସରେ କାର୍ଯ୍ୟରତ ଜଣେ ଏସିପି। ସାହେବଙ୍କ ଗାର୍ଲଫ୍ରେଣ୍ଡଙ୍କୁ କାମ ଶିଖାଇବା ଆଳରେ କୁଆଡ଼େ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଏସିପି ଜଣଙ୍କ ମଧ୍ୟ ବିବାହିତ। ନିଜଠାରୁ ୪ ବର୍ଷ ବଡ଼ ଜଣେ ଡିଏସପି ର୍‍ୟାଙ୍କର ଅଫିସରଙ୍କୁ ବିବାହ ମଧ୍ୟ କରିଛନ୍ତି ସେ। କିନ୍ତୁ ରଙ୍ଗିଲା ଗୁଣ ପାଇଁ ଶେଷରେ ପାନେ ପାଇଛନ୍ତି ଉକ୍ତ ଏସିପି ଜଣଙ୍କ। ଡିଜିପି ଅଫିସରେ ପ୍ରେମାଳୁ ଏସିପିଙ୍କ କାମୁକ ଗୁଣ କଥା ପହଞ୍ଚିବା ପରେ ଏବେ ବାବୁଙ୍କୁ ତଡ଼ା ଖାଇବାକୁ ପଡ଼ିଛି। କଥା ଚାପିବା ପାଇଁ ଅଫିସିଆଲ ଅର୍ଡର ବାହାରିନି ସିନା, କିନ୍ତୁ ମୁଖ୍ୟାଳୟକୁ ତାଙ୍କର ବଦଳି ହୋଇଛି। ନୂଆବର୍ଷରେ ଏହି କାମୁକ ଏସିପିଙ୍କୁ ଉଚିତ ଦଣ୍ଡ ମିଳିଥିବା ଚର୍ଚ୍ଚା ହେଉଛି। ସେପଟେ ଏଡିଜିଙ୍କ ସମର୍ଥକ କହୁଛନ୍ତି, 'ଏ ତୋ ଶିର୍ଫ ଟ୍ରେଲର ଥା, ପିକ୍‌ଚର ଅଭି ବାକି ହୈ ମେରେ ଦୋସ୍ତ...'।





**କାନ ଡେରିଥା**

ଶେଷ ସାତ ଦିନ ଡିସେମ୍ବର ମାସେ
ପିଇଲେ ବିଦେଶୀ ମଦ
ବତିଶି କୋଟିର ମଦ ପିଇଦେଲେ
ପଚିଶି ଥିଲା ଦୁଃଖଦ
ଖୁସି ସତେ ଗଦଗଦ...
ଛବିଶି ପ୍ରାରମ୍ଭେ କିଛି ଶୋଇଗଲେ
କାହାକୁ ଥିଲା ବିପଦ।

■ ଦେବାଶିଷ

## ଜାନକୀକରଣ ନାଁରେ ଏକାଠି ହେବେ ଅନୁଗତ

- ଜାନକୀ ନୀତି ଆପଣାଇବାକୁ ନେତାଙ୍କ ଆହ୍ୱାନ
- ବଳ ଗୋଟାଉଛନ୍ତି ଭକ୍ତବିରୋଧୀ

**ଭୁବନେଶ୍ୱର,୨।୧(ସଂଚାର ବ୍ୟୁରୋ):** ଆଧୁନିକ ଓଡ଼ିଶାର ନିର୍ମାତା ମହାନ ଜନନାୟକ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦୦ତମ ଜନ୍ମ ଜୟନ୍ତୀ ସମାରୋହ ପାଇଁ ଉତ୍ସାହିତ କଂଗ୍ରେସ ଶିବିର। ଜାନକୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ କଂଗ୍ରେସ ନେତାମାନେ ସଂକଳ୍ପ ନେବେ ଯେ ପୁଣିଥରେ ରାଜ୍ୟରେ ଦଳ କିପରି କ୍ଷମତାକୁ ଫେରିବ। ଜାନକୀ ନୀତିକୁ ଆପଣାଇବାକୁ ନେତାଏ ଅଣ୍ଟା ଭିଡ଼ିଛନ୍ତି। ଦୀର୍ଘ ବର୍ଷ ପରେ କଂଗ୍ରେସରେ ଜାନକୀଙ୍କ ନୀତି ଓ ଆଦର୍ଶକୁ ଦଳ ଆପଣାଇବାକୁ ଯାଉଥିବା ବେଳେ ସବୁ ଜାନକୀପ୍ରେମୀ ଏକାଠି ହେବାକୁ ଯାଉଛନ୍ତି।

ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ ଅଶୀ ଦଶକରେ ଓଡ଼ିଶା କଂଗ୍ରେସର ଚାଣକ୍ୟ ଥିଲେ। ୧୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ କ୍ଷମତାରେ ରହି ଓଡ଼ିଶାରେ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସ୍ଥିର ସରକାର ଦେଇଥିଲେ ସେ। ଗୋଷ୍ଠୀ କନ୍ଦଳ ଓ ଦୁର୍ବଳ ସଂଗଠନ ଭିତରେ ଦଳକୁ କିପରି ସଶକ୍ତ କରାଯାଏ, ସେ ଫର୍ମୂଲା ତାଙ୍କୁ ବେଶ୍ ଜଣା ଥିଲା। ଓଡ଼ିଶାରେ କଂଗ୍ରେସ ସଂଗଠନକୁ ମଜବୁତ କରି ସେ ଶାସନ ଡୋରି ସମ୍ଭାଳିଥିଲେ। ତାଙ୍କ ସମୟ ଥିଲା ରାଜ୍ୟ କଂଗ୍ରେସ ପାଇଁ ସ୍ୱର୍ଣ୍ଣିମ ସମୟ। ତାଙ୍କ ପରେ ଓଡ଼ିଶାରେ କଂଗ୍ରେସ ସଂଗଠନ ଆଉ ଉଧେଇ ପାରିଲା ନାହିଁ। ତେଣୁ ରାଜ୍ୟ କଂଗ୍ରେସ ଏବେ ଜାନକୀ ନୀତିରେ ଅନୁପ୍ରାଣିତ ହେବାକୁ ଅଣ୍ଟା ଭିଡ଼ିଛି। ଆସନ୍ତାକାଲି ଏହି ବିଚକ୍ଷଣ ନେତାଙ୍କ ଜନ୍ମ ଶତବାର୍ଷିକୀ ଦିବସରେ ଏହାର ମୂଳଦୁଆ ପକାଇବ କଂଗ୍ରେସ। ଶତବାର୍ଷିକୀ କମିଟିର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାରେ କଂଗ୍ରେସ ସଂଗଠନ ଦୁର୍ବଳ ଅଛି। ତେଣୁ କଂଗ୍ରେସ ଯଦି ଜାନକୀ ବାବୁଙ୍କ ନୀତିରେ ଅନୁପ୍ରାଣିତ ହେବ, ତା'ହେଲେ ଆଗକୁ ଭଲ ପ୍ରଦର୍ଶନ କରିପାରିବ।




ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ଓଡ଼ିଶାରେ ହୋଇଥିବା ବିକାଶକୁ ନେଇ ରାଜ୍ୟ କଂଗ୍ରେସ ଏବେ ତା'ର ପ୍ରଚାର ପ୍ରସାରକୁ ଜୋରଦାର କରିବ। ଦଳର ବରିଷ୍ଠ ନେତାଙ୍କ ଯୁକ୍ତି ହେଉଛି ଯେ ଜାନକୀଙ୍କ ଶାସନ ସମୟରେ ଶିଳ୍ପ କ୍ଷେତ୍ରରେ ବିଶେଷ ଉନ୍ନତି ହୋଇଥିଲା। ସେ ଜଣେ ବିଚକ୍ଷଣ ରାଜନେତା ଥିଲେ। ରାଜ୍ୟ କଂଗ୍ରେସରେ ସମସଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବା କଳା ତାଙ୍କ ପାଖରେ ଥିଲା। ତେଣୁ ତାଙ୍କର କାର୍ଯ୍ୟଶୈଳୀ ହିଁ ନୂତନ ବର୍ଷରେ ଆମ ପାଇଁ ଆହ୍ୱାନ ହେବ। ଦଳକୁ ସଶକ୍ତ କରିବାକୁ ସମସ୍ତେ ଏକାଠି ଆଗକୁ ବଢ଼ିବାକୁ ଆସନ୍ତାକାଲି ସମସ୍ତେ ଜାନକୀ ଅନୁଗତ ଶପଥ ନେବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ➢ପୃଷ୍ଠା-୬

## ବାଇକ୍ ଉପରେ ଚଢ଼ିଗଲା ବସ୍: ୩ ମୃତ



**ବାରିପଦା/ ଯାଜପୁର,୨।୧(ସଂଚାର ବ୍ୟୁରୋ):** ଦ୍ରୁତ ଗତିରେ ଯାଉଥିବା ବ୍ଲୁ ଷ୍ଟାର୍ ନାମକ ଏକ ଘରୋଇ ବସ୍ ସମ୍ମୁଖରୁ ଆସୁଥିବା ବାଇକ୍‌କୁ ମୁହାଁମୁହିଁ ଭାବେ ଧକ୍କା ଦେବା ଫଳରେ ବାଇକ୍‌ରେ ଯାଉଥିବା ୩ଜଣ ଯୁବକ ପ୍ରାଣ ହରାଇଛନ୍ତି। ରାଇରଙ୍ଗପୁରରୁ ଯଶୀପୁର ଦେଇ କେନ୍ଦୁଝର ଅଭିମୁଖେ ଉକ୍ତ ବସ୍‌ଟି ଯାଉଥିବା ସମୟରେ ଏପରି ଅଘଟଣ ଘଟାଇଛି। ଘଟଣାଟି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ରାଣୀବନ୍ଧ ନିକଟରେ ୨୨୦ ନମ୍ବର ଜାତୀୟ ରାଜପଥରେ ଘଟିଛି। ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଉକ୍ତ ବସ୍‌ଟି ଭାଲୁବସା ଗ୍ରାମ ନିକଟସ୍ଥ ରାଣୀବନ୍ଧ ସମ୍ମୁଖ ଦେଇ ଯାଇଥିବା ୨୨୦ ନଂ ଜାତୀୟ ରାଜପଥରେ ବିପରୀତ ଦିଗରୁ ଆସୁଥିବା ବାଇକକୁ ଧକ୍କା ଦେଇଥିଲା। ଫଳତଃ ବସ୍‌ଟି ବାଇକ୍‌କୁ କିଛି ଦୂରକୁ ➢ପୃଷ୍ଠା-୬

# ଗହୀରମଥାରୁ ଟ୍ରଲର ଜବତ, ଛଅଜଣ ମସ୍ତ୍ୟଜୀବୀ ଗିରଫ



**ରାଜନଗର,୨।୧ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଲୀ ମୁହାଁଣ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବନବିଭାଗର ପାଟ୍ରୋଲିଂ ଦଳ ଧର୍ମ ଶଙ୍କର-୫ ନାମକ ଟ୍ରଲରକୁ ଜବତ କରିବା ସହ ଛଅଜଣ ମସ୍ତ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀ ମାନେ ଟ୍ରଲରଟିକୁ ଜବତ କରିଥିଲେ । ସେଥିରୁ ଗୋଟିଏ ଜିପିଏସ(ଗ୍ରାମୀଣ-୫୮୦), ଦୁଇଟି ଭିଏଚଏଫ(ଆଇକମ-୨୩୦୦ଏଚ), ଗୋଟିଏ ଫିସଫାଇଣ୍ଡର(ଗ୍ରାମୀଣ-୩୫୦), ଦଶଟି ଟ୍ରଲିଂନେଟ ଓ ୫୦ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି । ଗିରଫ ମସ୍ତ୍ୟଜିବୀମାନେ ହେଲେ ପାଲେପୁ କାମେଶ୍ୱର ରାଓ, କୋମାରି ଭେଙ୍କଟେଶ୍ୱରାଲୁ, ଓଲିଟି ଶ୍ରୀନୁ, ଧୋମା ଶ୍ରୀନୁ, କାରି ନାଗେଶ୍ୱର ରାଓ, ଓଲେଟି ମହାଲକ୍ଷ୍ମୀ । ଗିରଫ ମସ୍ତ୍ୟଜିବୀମାନେ ଆନ୍ଧ୍ରପ୍ରଦେଶର କାଙ୍କିନାଡା ଜିଲ୍ଲାର ଅଟନ୍ତି । ସେମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଭଙ୍ଗାଗଲା ଘରୋଇ ଔଷଧ ଦୋକାନ



**ରାଜନଗର,୨।୧ (ସଂଚାର ବ୍ୟୁରୋ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜୟଗୁରୁ ଔଷଧ ଦୋକାନ ରହିଥିଲା । ଏହାକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇ ମାଟିରେ ମିଶାଇ ଦିଆଯାଇଛି । ଏହି ଔଷଧ ଦୋକାନଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦୀର୍ଘ ବର୍ଷ ଧରି ଥିଲା । ସରକାରଙ୍କ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ୫କୋଟି ଟଙ୍କା ଅନୁଦାନ ମଂଜୁର ହୋଇଥିଲା। ଘରୋଇ ଔଷଧ ଦୋକାନଟି ଥିବାରୁ ନୂତନ ଗୃହ ନିର୍ମାଣ ପାଇଁ ବାଧକ ସାଜିଥିଲା। ଏହି ଔଷଧ ଦୋକାନକୁ ସେଠାରୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ନିଷ୍ପତି ନେଇଥିଲା । ଦୁଇଦିନ ତଳେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଉଚ୍ଛେଦ ପାଇଁ ନୋଟିସ ଦେଇଥିଲେ । ଧାର୍ଯ୍ୟ ସମୟ ମଧରେ ତହସିଲଦାର ଶ୍ରୀ ଦାସ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଂଚି ଜେସିବି ସହାୟତାରେ ଜୟଗୁରୁ ଔଷଧ ଦୋକାନକୁ ଭାଙ୍ଗି ଦେଇଥିଲେ ।

# ଲୁଟେରାକୁ ଧରି ପୁଲିସ ଜିମା ଦେଲେ ଲୋକେ



**ବାଲିଅନ୍ତା,୨।୧ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ବାଲିଅନ୍ତା ଥାନା ପୁଲିସ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ପାରିବାସୁଦେଇପୁର ଛକରେ ଜଣେ ସିନ୍ଧି ଚୋରକୁ ସ୍ଥାନୀୟ ଲୋକେ କାବୁ କରି ବାଲିଅନ୍ତା ପୁଲିସ ଜିମା ଦେଇଛନ୍ତି। ବାଲିଅନ୍ତା ଥାନା ପୁଲିସ ଲୁଟେରାକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ବାଲିଅନ୍ତା ଥାନା ଅଞ୍ଚଳରେ ସିନ୍ଧି ଚୋରି ବୃଦ୍ଧି ପାଉଛି । ହେଲେ ପୁଲିସ ସିନ୍ଧି ଚୋରକୁ କାବୁ କରିବାରେ ସକ୍ଷମ ହେଉ ନାହିଁ। ଗତ ୨ ଦିନ ତଳେ ବାସୁଦେଇପୁର ଗ୍ରାମର ପ୍ରଦୀପ୍ତ ପଣ୍ଡାଙ୍କ ଭେରାଇଟି ଷ୍ଟୋରରୁ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଏବଂ କ୍ୟାସ ଡ୍ରରୁ ନଗଦ ୨ ହଜାର ଟଙ୍କା ଲୁଟ ହୋଇଯାଇଥିଲା। ଏସମ୍ପର୍କରେ ସେ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ସ୍ଥାନୀୟ ଲୋକେ ସିସି କ୍ୟାମେରା ଯାଞ୍ଚ କରି ସିଲୁ ଭୋଇ ନାମକ ଜଣେ ଯୁବକ ଲୁଟ କରୁଥିବା ଜାଣିବାକୁ ପାଇଥିଲେ । ସିଲୁ ଆଜି ବଜାରରେ ବୁଲୁଥିବା ବେଳେ ସ୍ଥାନୀୟ ବ୍ୟବସାୟୀ କାବୁ କରି ବାଲିଅନ୍ତା ପୁଲିସକୁ ହସ୍ତାନ୍ତର କରିଥିଲେ ।

# ନେହେରୁ ସାହୁ ହେଲେ ପୋକ୍ସୋ କୋର୍ଟର ସରକାରୀ ଓକିଲ



**କେନ୍ଦ୍ରାପଡା,୨।୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ କୋର୍ଟର ନୂତନ ସରକାରୀ ଓକିଲ ନିଯୁକ୍ତି ହୋଇଛନ୍ତି । ଏହି ଅବସରରେ ଦୀର୍ଘ ୨୦ ବର୍ଷ ଧରି କେନ୍ଦ୍ରାପଡା କୋର୍ଟରେ ଓକିଲାତି କରୁଥିବା ନେହେରୁ କୁମାର ସାହୁଙ୍କୁ ଯୋଗ୍ୟ ବିବେଚିତ ଅନୁଭବ କରି କେନ୍ଦ୍ରାପଡା ପୋକ୍ସୋ କୋର୍ଟ ଓ ଏଡିଜେ କୋର୍ଟରେ ସରକାରୀ ଓକିଲ ଭାବେ ନିଯୁକ୍ତି ଦେଇଥିବାରୁ ସେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଶତ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

**ରାଜକନିକା,୨।୧ (ସଂଚାର ବ୍ୟୁରୋ):** ସମାଜରେ ଅସହାୟ, ନିରାଶ୍ରୟ, ଭିନ୍ନକ୍ଷମଙ୍କ ନିମନ୍ତେ ବ୍ୟାପକ ଭାବେ ସରକାରୀ ଯୋଜନା ଆଉ ସହାୟତା ଯୋଗାଇ ଦେବାର ପ୍ରାବଧାନ ଭିତରେ କିନ୍ତୁ ଅଲୋଡା ହୋଇଛନ୍ତି ଜନୈକ ଭିନ୍ନକ୍ଷମ ଦୃଷ୍ଟିବାଧିତ ବ୍ୟକ୍ତି । ଯାହାକି ତାଙ୍କ ଜୀବନଜୀବିକା ଉପରେ ଭୀଷଣ ପ୍ରଭାବ ପକାଇଛି।

ମିଳିଥିବା ସୂଚନା ଅନୁଯାୟୀ ରାଜକନିକା ବ୍ଲକ ଅନ୍ତର୍ଗତ ଅବଦୁଲପୁର ପଞ୍ଚାୟତ ଅହମ୍ମଦପୁର ଗ୍ରାମର ଭିନ୍ନକ୍ଷମ ହେଉଛନ୍ତି ଅଜାମ୍ବିଳ ମଳିକ (୫୭) । ସେ ଶତପ୍ରତିଶତ ଦୃଷ୍ଟିବାଧିତ ବୋଲି ସରକାରୀ ଭାବେ ତାଙ୍କୁ ବିବେଚିତ ହେବାର ପ୍ରମାଣ ପତ୍ର ମିଳିଛି।ହେଲେ ଦୁଖ ଆଉ ପରିତାପର ବିଷୟ ଯେ ତାଙ୍କୁ ଏବେ ମିଳୁଛି ମାତ୍ର ବାରଶହ ଟଙ୍କା ଭତ୍ତା। ଯାହାକି ପରିବାର ଚଳାଇବା ମୁସ୍କିଲ।ଅଶୀ ପ୍ରତିଶତରୁ ଅଧିକ ରହିଲେ କୈଣସୀ ଜଣେ ବି ଦିବ୍ୟାଙ୍ଗ



## ୩୫୦୦ ଟଙ୍କିଆ ଭତ୍ତା କାହା ପାଇଁ?

ସରକାରୀ ନିୟମ ମୁତାବକ ମାସିକ ଭତ୍ତା ୩୫୦୦ ଟଙ୍କା ମିଳିବାର ବ୍ୟବସ୍ଥା ଭିତରେ କିନ୍ତୁ ଅଜାମ୍ବିଳଙ୍କୁ ମିଳୁଛି ମାତ୍ର ବାର ଶହ ଟଙ୍କା।ଯାହାକୁ ନେଇ ଅଜାମ୍ବିଳ ଅତି ଦୟନୀୟ ସ୍ଥିତିରେ ଜୀବିକା ନିର୍ବାହ କରୁ ଛନ୍ତି। ଏତେ କମ୍ ପୈସାରେ କିଭଳି ପରିବାର ପ୍ରତିପୋଷଣ ହେବ ତାହା ବି ତାଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହା ସହିତ ଶତ ପ୍ରତିଶତ ଦିବ୍ୟାଙ୍ଗ ଥାଇ ସରକାରୀ ଆବାସ ମିଳିବା କଥା। ତାହା ବି ତାଙ୍କ ଭାଗ୍ୟରେ ଜୁଟୁନାହି ବୋଲି କ୍ଷୋଭର ସହ କହିଛନ୍ତି।ଏଥିପାଇଁ ଭଙ୍ଗା ଦଦରା ଚାଳ ଛପର ଘରେ ସେ ଦୀର୍ଘଦିନ ହେବ ତ୍ରାହି ତ୍ରାହି ଡାକୁଥିଲେ ବି ସରକାର ଏଯାବତ୍ ତାଙ୍କ କଥା ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି।ଏମିତିକି ସରକାରଙ୍କ ପ୍ରଦତ୍ତ କାର୍ଡ ଦେଖାଇ ସେ ଅସନ୍ତୋଷ ଝାଡିଛନ୍ତି । ତୁରନ୍ତ ଏଭଳି ଜଣେ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ସହିତ ସରକାରୀ ଆବାସ ଯୋଗାଇ ଦେବାକୁ ଦାବି ହେଉଛି ।

# ବିଧାୟକଙ୍କୁ ଭେଟିଲେ ଜିଲ୍ଲା ଯାଦବ ମହାସଭା ସଭାପତି



**କେନ୍ଦ୍ରାପଡା,୨।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରଭାକର ପଲାଇ ନୂତନ ବର୍ଷରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଯାଦବ ମହାସଭାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଶ୍ରୀ ପଲାଇ ଯାଦବ ମହାସଭାର ମୁଖ୍ୟ କାର୍ଯ୍ୟାଳୟର ଉନ୍ନତି ପାଇଁ ବିଧାୟକଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିବା ସହ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିବା ପାଇଁ ଅନୁରୋଧ କରିଛନ୍ତି ।

# ଅରିନ୍ଦମ ରାୟଙ୍କ ନେତୃତ୍ୱରେ ବିଜେପିରେ ମିଶିଲେ ଅନ୍ୟଦଳର କର୍ମୀ

**ସାଲେପୁର,୨।୧ (ସଂଚାର ବ୍ୟୁରୋ):** ଆଜି ଇଂରାଜୀ ନବବର୍ଷ ଅବସରରେ ସାଲେପୁର ବିଜେପି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ଉପସ୍ଥିତିରେ ଟାଙ୍ଗୀ-ସାଲେପୁର ବ୍ଲକର ବହୁ ବିଜେଡି ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜେପି ଦଳରେ ସାମିଲ ହୋଇଥିଲେ।

ଭାତପଡ଼ାସ୍ଥିତ ବିଜେପି କାର୍ଯ୍ୟାଳୟରେ ଆଜି ମଧାହ୍ନେ ସାଲେପୁର ବ୍ଲକ ଦ୍ୱୀପାଞ୍ଚଳର ଯୁବବିଜେଡି ନେତା କେଦାରଶନ ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଓ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱକୁ ସମର୍ଥନ କରି ଆଜି ବିଧିବଦ୍ଧ ଭାବେ ବିଜେପି ଦଳରେ ସାମିଲ ହୋଇଥିବା ଜଣାଯାଇଛି। ସେହିପରି ବହୁଗ୍ରାମର ପ୍ରଫୁଲ୍ଲ ସେଠୀ,



ରୋଧପୁର ଗ୍ରାମର ଶିଶିର କୁମାର କାଣ୍ଡି, ବିସ୍ମୟ ଦାସ, ଚନ୍ଦ୍ରାଦେଇପୁର ପଞ୍ଚାୟତର କିରଣ କୁମାର ଭୂୟାଁ, ଯୁବ ବ୍ୟବସାୟୀ ବିମଳ କୁମାର ସାହୁ ବିଜେପି ଦଳରେ ସାମିଲ ହୋଇଥିଲେ। ସେହିପରି ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦ରୁ ଉର୍ଦ୍ଧ୍ୱ ଅନ୍ୟଦଳର କର୍ମୀମାନେ ଆଜି ସାଲେପୁର ବିଜେପି କାର୍ଯ୍ୟାଳୟରେ ପହଞ୍ଚି ବିଧିବଦ୍ଧ ଭାବେ ବିଜେପି ଦଳରେ ସାମିଲ ହୋଇଥିଲେ। ବିଜେପି ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ବିଜେପି ନେତା ଶ୍ରୀ ରାୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଦଳକୁ ମଜଭୁତ କରିବା ସହ ଲୋକମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅପରାହ୍ଣ ରେ ଶ୍ରୀ ରାୟ ନିଜର ସମର୍ଥକମାନଙ୍କ ସହ ମା' ସାହେଶ୍ୱରୀଙ୍କ ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

## ସୁନା ଝିଅ ଜ୍ୟୋତିସ୍ମିତା ଦାସ

# ତୃତୀୟ ବୃତ୍ତି ପରୀକ୍ଷାରେ ମହାକାଳପଡ଼ା ଟପ୍ପର



**ମହାକାଳପଡ଼ା, ୨।୧୨ (ସଂଚାର ବ୍ୟୁରୋ):** ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ମହାକାଳପଡ଼ା ବ୍ଲକରେ ଶୀର୍ଷ ସ୍ଥାନରେ ରହି ଗୌରବ ଆଣିଛନ୍ତି ଜଣେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିବା ଛାତ୍ରୀ।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍ ଅଧୀନ ବଳିପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆପଲ୍ଲୀ ଗ୍ରାମର ସର୍ବେଶ୍ୱର ଦାସଙ୍କ କନିଷ୍ଠ କନ୍ୟା ଜ୍ୟୋତିସ୍ମିତା ଦାସ (୧୦) ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମହାକାଳପଡ଼ା ବ୍ଲକ୍ ରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଛନ୍ତି। ଜ୍ୟୋତିସ୍ମିତା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ରାଜଗଡରେ ପାଠ ପଢୁଛନ୍ତି। ଜ୍ୟୋତିସ୍ମିତା ଙ୍କ ବାପା ସର୍ବେଶ୍ୱର ଦାସ ଜଣେ ପ୍ରାଥମିକ ବିଦ୍ୟାଳୟର ସରକାରୀ ଶିକ୍ଷକ। ଜ୍ୟୋତିସ୍ମିତାଙ୍କ ସଫଳତା ପରେ ଗୁରୁଜୀ ଗୁରୁମାଙ୍କ ସମେତ ତାଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ଜ୍ୟୋତିସ୍ମିତାଙ୍କ ବାପା କହିଛନ୍ତି ଝିଅ ଘରେ କଠିନ ପରିଶ୍ରମ କରି ଅଧ୍ୟୟନ କରୁଥିଲା। ତାର ପରିଶ୍ରମ ଓ ଗୁରୁଜୀ ଗୁରୁମାଙ୍କ ପାଠ ପଢ଼ା ଓ ଗୁରୁଜନ ମାନଙ୍କ ଆଶୀର୍ବାଦ ପାଇଁ ସେ ଆଜି ସଫଳତା ହାସଲ କରିଛି। ଝିଅର ସଫଳତା ପାଇଁ ସେ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମାହାଙ୍ଗା ବିକାଶ ପରିଷଦର ବନ୍ଧୁମିଳନ

# ମାହାଙ୍ଗାକୁ ସବୁ କ୍ଷେତ୍ରରେ ବିକାଶ କରିବା ମୋର ପ୍ରଥମ ଲକ୍ଷ୍ୟ: ଶାରଦା



**ନିଶ୍ଚିନ୍ତକୋଇଲି,୨।୧ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାସ୍ଥିତ ଜେ.ଏନ କଲେଜ ଖେଳପଡ଼ିଆରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମାହାଙ୍ଗାରେ ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଭାଇଚାରା ବଞ୍ଚାଇବା କହିବା ସହ ମାହାଙ୍ଗାକୁ ସବୁ କ୍ଷେତ୍ରରେ ବିକାଶ କରିବା ମୋର ପ୍ରଥମ ଲକ୍ଷ୍ୟ ବୋଲି କହି ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ନବବର୍ଷରେ ଅଭିନନ୍ଦନ ଜଣାଇଥିଲେ।

ଏଥିରେ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଯୁଧିଷ୍ଠିର ଖଟୁଆ, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, କମଳା ବସ୍ତିଆ, ଜିଲ୍ଲା ବିଜେପି ଉପସଭାପତି ମନୋରଞ୍ଜନ ନାୟକ, କନକଲତା ବେହେରା, ଆଇନଜୀବୀ ଉମେଶ ଭଞ୍ଜ, ଆଇନଜୀବୀ ଗୌତମ ଶତପଥି, ଅଶୋକ ଓଝା, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ଆତ୍ମା ଅଧକ୍ଷ କିଶୋର ରାଉତ, ଦେବେନ୍ଦ୍ର ସାହୁ, ଅଶୋକ ବିଶ୍ୱାଳ, ଅଭିନ ଜେନା, ଅଶୋକ ସାହୁ, ଦେବଦତ କର, ରବୀନ୍ଦ୍ର ତ୍ରିପାଠୀ, ଅଜୟ ନାୟକ, ପନ୍ନଗ ଭୂଷଣ ଦାସ, ମୃତ୍ୟୁଞ୍ଜୟ ବିଶ୍ୱାଳ, ସଞ୍ଜୟ ବେହେରା, କୈଳାସ ବେହେରା, ପିତାମ୍ବର ମହାନ୍ତି, ନୃସିଂହ ପରିଡ଼ା, ରଞ୍ଜନ ରାଉତ, ହରିସେନ ପଣ୍ଡା, ତ୍ରିଲୋଚନ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହ ଶାରଦା ଭାଇଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନଙ୍କୁ ବିକାଶ ପରିଷଦର ବହୁ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ।

# ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଲେ ପାଟକୁରା ବିଧାୟକ



**ଡେରାବିଶ, ୨।୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅର୍ଦ୍ଧାମୂଳରେ ଇଚ୍ଛାବିହାରୀ କ୍ଷେତ୍ରରେ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପ୍ରତିଷ୍ଠାର ସପ୍ତମ ବାର୍ଷିକ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବୁଧବାର ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁ ପବିତ୍ର ଜଳ ଆଣି ମନ୍ଦିର ପରିସର ଯଜ୍ଞବେଦିରେ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା ଏବଂ ଯଜ୍ଞାଗ୍ନି ସ୍ଥାପନ କରାଯାଇ ଯଜ୍ଞ ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟାରେ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଯଜ୍ଞ କର୍ତ୍ତାଭାବେ କଳ୍ପତରୁ ଶତପଥୀ ଓ କବିତା ଶତପଥୀ, ରବୀନ୍ଦ୍ର କୁମାର ବଳ ଓ ମିନତୀ ବଳ, ଅବିନାଶ ପ୍ରଧାନ ଓ କାର୍ଯ୍ୟ ନିର୍ବାହ କରୁଛନ୍ତି । ଶୁକ୍ରବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ବିଧାୟକ ଙ୍କୁ ଦାନପୁର ବ୍ରିଜ୍ ପାଖରୁ ବିରାଟ ପଟୁଆର ଯଜ୍ଞ ସ୍ଥଳକୁ ପାଛୋଟି ନେଇଥିଲେ। ଏହି କାଯ୍ୟ କ୍ରମରେ ବରିଷ୍ଠ ବିଜେଡି ନେତା ସରଜକାନ୍ତ ନାୟକ, ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ପରିଡା, କୈଳାଶ ପରିଡା, ସରୋଜ ବଳ, ଶୁଭନ୍ଦୁ ନାୟକ, ନିରଞ୍ଜନ ଶତପଥି, ନିତ୍ୟାନନ୍ଦ ଭଦ୍ର, ସମାଜ ସେବି ଜୟନ୍ତ ଶତପଥି, ବୈରାଗୀ ପଣ୍ଡା ଏହି ଶେଷ ସନ୍ଧ୍ୟାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦାନ କରି ଯଜ୍ଞ ପୁରୁଷ ଙ୍କ ଆଶୀର୍ବାଦ ଭିକ୍ଷାକରିଥିଲେ। ସମସ୍ତ ଅଂଚଳ ବାସି ଙ୍କ ପାଇଁ ନବବର୍ଷ ର ଅଭିନନ୍ଦନ ସହ ସୁଖ ସମୃଦ୍ଧି ପାଇଁ ଭିକ୍ଷା କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା,୨।୧ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଦକ୍ଷଣ ଭବନରେ ପାଣି ପାୟତ ପକ୍ଷ-୨୦୨୬ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ନିଷ୍ପି ଗ୍ରହଣ କରାଯାଇଛି ଯେ ରାଜ୍ୟସରକାରଙ୍କ ନିଷ୍ପତି କ୍ରମେ ଚଳିତ ଜାନୁଆରୀ ୬ ତାରିଖ ଠାରୁ ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପାୟତ ପକ୍ଷ-୨୦୨୬ ଡିଭିଜନ ଓ ଜିଲ୍ଲାସ୍ତରୀୟ ଭାବେ ପାଳନ କରାଯିବ । ପାଣି ପାୟତର ସୁଫଳ ଓ ଏହାର କାର୍ଯ୍ୟକାରିତା ନିମନ୍ତେ ଥିବା ଯୋଜନାଗୁଡିକୁ ଲୋକମାନଙ୍କ ନିକଟରେ ପହାଇବା ନିମନ୍ତେ ଯେଉଁ ସଚେତନତାର ଆବଶ୍ୟକତା ରହିଛି ସେଥିପାଇଁ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି, କୃଷି, ମସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପମାନ ଖୋଲା ଯାଇ ସଚେତନ କରାଯିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହାବ୍ୟତୀତ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧରେ ରଚନା, ବକ୍ତୃତା, କୁଇଜ୍ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଡିଭିଜନ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୨୫୦୦,୨୦୦୦ ଓ ୧୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୦୦୦, ୨୫୦୦ ଓ ୨୦୦୦ ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରାଯିବ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବା କେନ୍ଦ୍ରରେ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ,୨।୧ (ସଂଚାର ବ୍ୟୁରୋ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଟ୍ଟାମୁଣ୍ଡାଇ ସେବା କେନ୍ଦ୍ରରେ ନବ ବର୍ଷ ଅବସରରେ ବ୍ରହ୍ମ ଯୋଗିନୀ ଡା କମଲେଶ ଦିଦିଙ୍କ ସ୍ମୃତି ଉଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସଞ୍ଚାଳିକା ଶଶୀରେଖା ଦିଦିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଜା ପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏକ ପ୍ରମୁଖ ସମାଜ ସଂସ୍କାର ସଂଗଠନ । ବିଭିନ୍ନ ସାମାଜିକ କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି ଏହି ସଂଗଠନ ଭାତୃତ୍ୱ ଓ ସାମାଜିକ ଭାଇଚାରା ପ୍ରତିଷ୍ଠା କରିପାରିଛି। ତ୍ୟାଗ ଓ ତିତିକ୍ଷାର ପ୍ରତୀକ ଦିବଙ୍ଗତା ଡା କମଲେଶ ଦିଦି ଏହି ସଂଗଠନର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମତ ପ୍ରକାଶ କରି ବିଧାୟକ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ ବନ୍ଧୁମିଳନ

**ସାଲେପୁର,୨।୧ (ସଂଚାର ବ୍ୟୁରୋ):** ସାହିତ୍ୟ ସବୁବେଳେ ସତକଥା କହିଥାଏ। ସାହିତ୍ୟିକମାନଙ୍କ ମଧରେ ସରଳତା ରହିଲେ ସାହିତ୍ୟ ଅଧିକ ସମୃଦ୍ଧିଶାଳୀ ହୋଇଥାଏ ବୋଲି ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ ନବବର୍ଷକୁ ସ୍ୱାଗତ ଜଣାଇ ଓ ପୁରାତନ ବର୍ଷକୁ ବିଦାୟ ଜଣାଇ ସାଲେପୁର ହାଇସ୍କୁଲ ପରିସରରେ ବନ୍ଧୁମିଳନ, କବିତା ପାଠ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ଗିରୀଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ



ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଯୋଗଦେଇ ସାହିତ୍ୟ ସବୁବେଳେ ଚିରନ୍ତନ ଓ ସତ୍ୟ ଉପରେ ଆଧାରିତ ବୋଲି କହିବା ସହ ସାହିତ୍ୟ ଅନୁଷ୍ଠାନର ସମୃଦ୍ଧି ହେଲେ ଓଡ଼ିଆ ଭାଷା ସାହିତ୍ୟର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାଶ ନିଜ ବକ୍ତବ୍ୟରେ ସାଲେପୁରର ଐତିହ୍ୟ ଓ ସଂସ୍କୃତିକୁ ଜାତୀୟ ସ୍ତରରେ ପହଞ୍ଚାଇବାପାଇଁ ସମସ୍ତଙ୍କ ଉଦ୍ୟମ କାମନା କରିଥିଲେ। ଏହି ଅବସରରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଓ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗଡମେକର୍ ରଙ୍ଗାରଙ୍ଗ ଶିଶିର ଉତ୍ସବ-୨୦୨୬

**ପଟ୍ଟାମୁଣ୍ଡାଇ,୨।୧ (ସଂଚାର ବ୍ୟୁରୋ):** ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଙ୍ଗଠନ (ଗଡମେକର୍)ର ଶାସ୍ତ୍ରୀୟ ତଥା ପାରମ୍ପରିକ ଓଡ଼ିଶୀ ପଞ୍ଚକଳା ଆସର ୧୯ତମ ଶିଶିର ଉତ୍ସବ ସହିତ ୩୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ୨୦୨୬ ନୂଆ ବର୍ଷ ଅବସରରେ ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ସୁଶାନ୍ତ କୁମାର ପାଣିଙ୍କ ସଂଯୋଜନାରେ ପଟ୍ଟାମୁଣ୍ଡାଇ ଶ୍ରୀରାମମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଅନନ୍ୟ ସାଂସ୍କୃତିକ ସମାରୋହରେ ଶତାଧିକ ଆକାଶବାଣୀ/ଦୂରଦର୍ଶନ ଶିଳ୍ପୀ ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ପଞ୍ଚକଳାରେ ଚିତ୍ତାକର୍ଷକ ପରିବେଷଣ କରି ମନ୍ତ୍ରମୁଗ୍ଧ କରି ଦେଇଥିଲେ। ଗଣକବି ଗୋପାଳ ଦାଶଙ୍କ ୧୫୦ତମ




ଜୟନ୍ତୀ ଅବସରରେ ବନ୍ଦେ ମା ତରମ ଗାନ କରାଯାଇ ଶିଶିର ଉତ୍ସବ ଆରମ୍ଭ ହୋଇଥିଲା । ଏହି ଶିଶିର ଉତ୍ସବରେ ଗୁରୁ ସୁଶାନ୍ତ ପାଣିଙ୍କ ନିର୍ଦ୍ଦେଶନା, ସାଇ ସ୍ୱରାଜ ଶତପଥୀଙ୍କ ଉପସ୍ଥାପନା ଓ ସୌମ୍ୟକାନ୍ତ ମଲ୍ଲିକଙ୍କ ମର୍ଦଳ ବାଦନରେ କଣ୍ଠଶିଳ୍ପୀ ସଞ୍ଜିବ ତରାଇ, ସୁଦୀପ୍ତ ନାୟକ, ଅମୃତମୟ ସାମଲ, ସୁପ୍ରିୟା ଦାଶ, ପ୍ରିୟଙ୍କା ବେହେରା, ତାନି ତମନ୍ନା ପ୍ରଧାନ, ସାଇ ସମୀକ୍ଷା ସାହୁ, ସୁଶ୍ରୀ ସମନ୍ୱିତା ଦାଶ, ସୌମ୍ୟରଞ୍ଜନ ସୂତାର ପ୍ରମୁଖ ଗୋପାଳ ସଂଗୀତ ଶାସ୍ତ୍ରୀୟ ଓଡିଶୀ ସଂଗୀତ, ଦେଶାତ୍ମକବୋଧ ପଲ୍ଲୀ ଶିଶୁ ସଂଗୀତ ପରିବେଷଣ କରିଥିଲେ ।

୨୦୨୫ରେ ଓଡ଼ିଶାର ୧୭ଟି ଜିଲ୍ଲା ସମେତ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ଭୁବନେଶ୍ୱର ଦୂରଦର୍ଶନ ଆଦିରେ ଗଡମେକର୍ କଳା ପ୍ରଦର୍ଶନର ଝଲକ ଥିଲା ଶିଶିର ଉତ୍ସବ'୨୬ର ବିଶେଷ ଆକର୍ଷଣ। ବାବା ବୈକୁଣ୍ଠନାଥଙ୍କ ସୁପ୍ରସିଦ୍ଧ ନୃତ୍ୟନାଟିକା ନିମାଇଁ ସନ୍ୟାସ ମଞ୍ଚାୟନ ସହିତ ଶାସ୍ତ୍ରୀୟ ଓଡ଼ିଶୀ ମଙ୍ଗଳାଚରଣ ନମାମି, ବଟୁନୃତ୍ୟ, ରାଗେଶ୍ରୀ ପଲ୍ଲବୀ, ଅଭିନୟରେ ଯମୁନା ଓ ସଜ କଞ୍ଜ ନୟନା, ମୋକ୍ଷନୃତ୍ୟ ଆଦି ଗୁରୁ ବିଜୟ କୁମାର ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶନ କରିଥିଲେ ଅନୁଷ୍ଠାନର ଦୂରଦର୍ଶନ ଶିଳ୍ପୀମାନେ। ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର ଅଧକ୍ଷ ଗୁରୁ ରମେଶ କୁମାର ଦେଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଇନ୍ଦ୍ରଧନୁରେ ସୁବର୍ଣ୍ଣବିନ୍ଦୁ ପାଣି, ଆଶିଷ ସାହୁ, କାହ୍ନୁ ଚରଣ ପରିଡ଼ା, ସୋରଭ ଦାସ, ପୁନମପ୍ରିୟା ଦାସ ପ୍ରମୁଖ ଭାଗ ନେଇଥିଲେ ।

# ଚୋରି ଲୁହାଛଡ଼ ଡଙ୍ଗାରୁ ଉଦ୍ଧାର କଲା ପୁଲିସ

**ମାର୍ଶାଘାଇ,୨।୧(ସଂଚାର ବ୍ୟୁରୋ):** ଚଣ୍ଡିଖୋଲ - ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥର ଏବେ ସଂପ୍ରସାରଣ କାର୍ଯ୍ୟ ଚାଲିଅଛି। କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ନୀଳାଞ୍ଚଳ ବଜାର ମହାନଦୀ ପୋଲ ନିକଟରେ ରାଜପଥର ସଂପ୍ରସାରଣ କାର୍ଯ୍ୟ ଏସ୍. ପି.ଏସ୍ ନାମକ ଠିକା ସଂସ୍ଥା କରୁଅଛି। ଗତକାଲି ନୂଆବର୍ଷ ପାଇଁ କର୍ମଚାରୀ ମାନଙ୍କର ଛୁଟି ଥିଲା। ଏହାର ସୁଯୋଗ ନେଇ କିଛି ଦୃର୍ବୃତ୍ତମାନେ ବିଳମ୍ବିତ ରାତିରେ ଠିକା ସଂସ୍ଥାର ଷ୍ଟକ ୟାଡରୁ ଲୁହାରଡ ସହିତ ବିଭିନ୍ନ ମୁଲ୍ୟବାନ ସାମଗ୍ରୀ ଚୋରି କରି ଏକ ଡଙ୍ଗାରେ ନେଇଯାଇଥିଲେ। ଦୃର୍ବୃତ୍ତମାନେ ଯେଉଁ ଡଙ୍ଗାରେ ଠିକା ସଂସ୍ଥାର ଚୋରା ସାମଗ୍ରୀ ନେଉଥିଲେ ସେହି ଡଙ୍ଗାଟି ଭୁତମୁଣ୍ଡାଇ ମହାନଦୀ ପୋଲ ଠାରୁ ୫୦୦ ମିନିଟ ଦୁରରେ ମହାନଦୀରେ ବୁଡି ଯାଇଥିଲା। ଆଜି ସକାଳେ କାର୍ଯ୍ୟ ଆରମ୍ଭ ସମୟରେ ଷ୍ଟକୟାର୍ଡରେ ଷ୍ଟକ ଥିବା ଲୁହାରଡରୁ ୪ରୁ ୫ ଟନ ଲୁହା ରଡ ନଥିବା ଠିକା ସଂସ୍ଥାର ଅଧିକାରୀମାନେ ଦେଖିଥିଲେ। ଖୋଜା ଖୋଜି ପରେ ମହାନଦୀରେ ବୁଡି ଯାଇଥିବା ଡଙ୍ଗାରୁ ଅନ୍ୟ ଏକ ଡଙ୍ଗାକୁ ଲୁହା ରଡ



ବାହାର କରାଯାଉ ଥିବାର ଠିକା ସଂସ୍ଥାର କର୍ମଚାରୀମାନେ ଦେଖିଥିଲେ। ବୁଡି ଯାଇଥିବା ଡଙ୍ଗା ନିକଟକୁ ଠିକା ସଂସ୍ଥାର କର୍ମଚାରୀମାନେ ଆସୁଥିବାର ଦେଖି ବୁଡି ଯାଇଥିବା ଡଙ୍ଗାରୁ ଲୁହା ରଡ ବାହାର କରୁଥିବା ଡଙ୍ଗାଟି ଦୃତଗତିରେ ସେଠାରୁ ପଳାଇ ଯାଇଥିଲା। ଠିକା ସଂସ୍ଥାର ଅଧିକାରୀମାନେ ୧୧୨କୁ ଫୋନ କରି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ମାର୍ଶାଘାଇ ପୋଲିସ ପହଁଚି ତଦନ୍ତ ଆରମ୍ଭ କରିଛି। ବୁଡି ଯାଇଥିବା ଡଙ୍ଗାରୁ ୨ ଟନରୁ ଉର୍ଦ୍ଧ୍ୱ ଲୁହାରଡକୁ ଠିକା ସଂସ୍ଥାର କର୍ମଚାରୀମାନେ ଉଦ୍ଧାର କରିଛନ୍ତି।

## ବିକାଶ ପୁରୁଷଙ୍କୁ ଶ୍ରଦ୍ଧା ସୁମନ



**ଭୁବନେଶ୍ୱ, ୨।୧ (ସଂଚାର ବ୍ୟୁରୋ):** ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କର ଆଜି ୩୯ତମ ଶ୍ରାଦ୍ଧବର୍ଷିକୀ। ଏହି ଅବସରରେ ବିଧାନସଭା ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଶ୍ରୀ ମହତାବ ଏକାଧାରରେ ଜଣେ ରାଜନୈତିକ, ସାହିତ୍ୟିକ, ସାମ୍ବାଦିକ ଓ ରାଜନେତା ଥିଲେ। ଆଧୁନିକ ଓଡ଼ିଶା ପାଇଁ ଭିତ୍ତିଭୂମି ସହ ରାଜ୍ୟର ସାମାଜିକ ଓ ଆର୍ଥିକ ଉତ୍ଥାନ ପାଇ ସେ ସର୍ବଦା କାର୍ଯ୍ୟ କରୁଥିଲେ। ଜଣେ ରାଷ୍ଟ୍ରନୀତିଜ୍ଞ, ଜନସେବକ ଭାବେ ପରିଚିତ ଥିବା ଶ୍ରୀ ମହତାବ ଚିରସ୍ମରଣୀୟ ବୋଲି ଅଭିଭାଷଣ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମତ ଦେଇଛନ୍ତି। ଭୁବନେଶ୍ୱର ସହର, ହୀରାକୁଦ ନଦୀବନ୍ଧ, ଉତ୍କଳ ବିଶ୍ୱବିଦ୍ୟାଳୟ, ହାଇକୋର୍ଟ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, କଟକଠାରେ ଧାନ ଗବେଷଣା କେନ୍ଦ୍ର ସ୍ଥାପନ ଦିଗରେ ଶ୍ରୀ ମହତାବ ଓଡ଼ିଶାରେ ବିକାଶର ମୂଳଦୁଆ ପକାଇଥିଲା।

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ମହତାବ ଜନଜାଗରଣ ଓ ଓଡ଼ିଶା ବିକାଶ ନେଇ ଦୂରଦୃଷ୍ଟି ସହାୟକ ହେବ। ମହତାବଙ୍କ ନୀତି ଆଦର୍ଶ ଓ ମାର୍ଗଦର୍ଶନ ନେଇ ଆଗକୁ ବଢ଼ିବା କଥା କହିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୨୦୩୬ ସୁଦ୍ଧା ନୂଆ ଓଡ଼ିଶା ସ୍ୱପ୍ନ ସାକାର ଲକ୍ଷ୍ୟ ରଖାଯାଇଛି। ଏଥିପାଇ ବିଧାନସଭା ପରିସରରେ ଶ୍ରୀ ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଏହି ଅବସରରେ ହରେକୃଷ୍ଣ ମହତାବଙ୍କ ଜୀବନ, କୃତିତ୍ୱ ସଫଳ କାର୍ଯ୍ୟ ପୁସ୍ତକ 'ହୁ ଇଜ୍ ହୁ' ଉନ୍ମୋଚନ କରାଯାଇଥିଲା। ଏହାସହ ବିଧାନସଭା ନୂତନ କ୍ୟାଲେଣ୍ଡର ଓ ଡାଏରୀ ମଧ ଲୋକାର୍ପଣ କରାଯାଇଥିଲା। ବାଚସ୍ପତି, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଂସଦ ଭର୍ତ୍ତୃହରି ମହତାବ, ବହୁ ବିଧାୟକ, ଗୃହ ସଚିବ ହେମନ୍ତ ଶର୍ମା, ଉତ୍କଳ ସମ୍ମିଳନୀର ବହୁ କର୍ମକର୍ତ୍ତା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଏମ୍ସରେ ପ୍ରତିଷ୍ଠା ହେବ କ୍ରିଟିକାଲ୍ କେୟାର୍ ହସ୍ପିଟାଲ୍

**ଭୁବନେଶ୍ୱର, ୨।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱରକୁ ଆସୁଥିବା ରୋଗୀମାନଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବାକୁ ଏମ୍ସ ପରିସରରେ ପ୍ରତିଷ୍ଠା ହେବ ବିଶାଳ କ୍ରିଟିକାଲ କେୟାର ହସ୍ପିଟାଲ୍। ବର୍ଷେ ଭିତରେ ଏହି ହସ୍ପିଟାଲ୍ କାମ ସରିବ। ଏଥିରେ ୧୫୦ ଶଯ୍ୟା ବିଶିଷ୍ଟ ଆଇସିୟୁ ରହିବ। ଏହି ସ୍ୱତନ୍ତ୍ର କେନ୍ଦ୍ରରେ ଅଚଳ ଅଙ୍ଗ, ଗୁରୁତର ସଂକ୍ରମଣ, ଆଘାତର ଚିକିତ୍ସା ସହ ବଡ଼ ଅସ୍ତ୍ରୋପଚାରର ପରବର୍ତ୍ତୀ ଜଟିଳତା ଆଦିର ଚିକିତ୍ସା ମିଳିପାରିବ। ଉନ୍ନତ ମାନର ଚିକିତ୍ସା ଉପକରଣ ଓ ଉଚ୍ଚ ତାଲିମପ୍ରାପ୍ତ ଡାକ୍ତରୀ ଦଳ ଦ୍ୱାରା ୨୪/୭ ତଦାରଖ ସୁବିଧା ରହିବ। ସେହିପରି ଏଠାରେ ବିଶେଷଜ୍ଞ ଡାକ୍ତର, ଉନ୍ନତ ମନିଟରିଂ ଉପକରଣ, ଭେଣ୍ଟିଲେଟର ଏବଂ ଇନଫ୍ୟୁଜନ ପମ୍ପର ସୁବିଧା ରୋଗୀଙ୍କୁ ମିଳିପାରିବ।

**କ୍ୟାପିଟାଲ୍ ହସ୍ପିଟାଲରେ ଲୋକାର୍ପଣ ଅପେକ୍ଷାରେ ଟ୍ରମା କେୟାର ସେଣ୍ଟର**




ସେପଟେ ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲ ପରିସରରେ ନିର୍ମିତ ନୂଆ ଟ୍ରମା କେୟାର ସେଣ୍ଟର କାର୍ଯ୍ୟକ୍ଷମ ହେବ। ଗତବର୍ଷ ଡିସେମ୍ବର ଶେଷରେ ଏହା ଲୋକାର୍ପଣ ହେବାକୁ ଥିଲେ ହେଁ ତା' ହୋଇପାରିନାହିଁ। ଖୁବଶୀଘ୍ର ଏହାର ଲୋକାର୍ପଣ ପାଇଁ ସମୟ ଧାର୍ଯ୍ୟ କରାଯିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତ ୨୦୨୨ରେ ହସ୍ପିଟାଲର ଆଶୁ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ଏହି ଲେଭଲ-୧ ଟ୍ରମା କେୟାର ସେଣ୍ଟରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ମୋଟ୍ ୮୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ଏହି କେନ୍ଦ୍ରଟି ୫ ମହଲା ବିଶିଷ୍ଟ।

ଏହି ଟ୍ରମା କେୟାର ସେଣ୍ଟରରେ ମୋଟ ୨୦୦ ଶଯ୍ୟା ରହିବ। ଆଶୁ ଚିକିତ୍ସା (କାଜୁଆଲିଟି)ରୁ ରୋଗୀ ସଂଖ୍ୟା କମାଇବା ପାଇଁ ଏହି ଟ୍ରମା କେୟାର ୟୁନିଟରେ ଅସ୍ଥିଶଲ୍ୟ (ଅର୍ଥୋପେଡିକ୍), ସର୍ଜରୀ (ଅପରେସନ୍) ବିଭାଗ ସହ ମଡ୍ୟୁଲାର ଅସ୍ତ୍ରୋପଚାର ଗୃହ (ଓଟି), ପ୍ଲାଷ୍ଟିକ୍ ସର୍ଜରୀ, ନିଶ୍ଚେତକ ବିଭାଗ ଓ ବିଭିନ୍ନ ରୋଗୀ ୱାର୍ଡ ରହିଛି। କୋଠାର ତଳେ ମୋଟ ୪ଟି ଜରୁରୀକାଳୀନ ଓଟି ରହିବ। ୮ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁ ରେଡିଓ ଡାଇଗ୍ନୋଷ୍ଟିକ୍ ଚିକିତ୍ସା ସେବା ମିଳିବ। ପ୍ରଥମ ମହଲାରେ ଏକକାଳୀନ ୨୦ ଶଯ୍ୟା ବିଶିଷ୍ଟ ଟ୍ରମା ବେଡ୍, ୨୦ଟି ମେଡିସିନ୍ ବେଡ୍, ୩ଟି କ୍ୟାବିନ୍, ୧୦ଟି ଆଇସିୟୁ ବେଡ୍ ଓ ୮ଟି ହାଇ ଡେଫିସିଏନ୍ସି ବେଡ୍ ମଧ ରହିବ। ଦ୍ୱିତୀୟ ମହଲାରେ ୨ଟି ଟ୍ରମା ଓଟି, ୮ଟି ଅସ୍ତ୍ରୋପଚାର ପରବର୍ତ୍ତୀ ବେଡ୍, ୬ଟି ପୂର୍ବ ଅସ୍ତ୍ରୋପଚାର ବେଡ୍ ରହିବ। ତୃତୀୟ ମହଲାରେ ଏକ ସମ୍ମିଳନୀ କକ୍ଷ ବ୍ୟବସ୍ଥା କରାଯିବ। ସେଠାରେ ଫିଜିଓଥେରାପି ୟୁନିଟ୍ ସହ ଦୁଇଟି ଶଲ୍ୟ ଓଟି ଓ ୨୧ଟି ଶଯ୍ୟା ବିଶିଷ୍ଟ ଆଇସିୟୁ ରହିବ। ଚତୁର୍ଥ ମହଲାରେ ୧୦ଟି ଶଯ୍ୟା ବିଶିଷ୍ଟ ବୟୋବୃଦ୍ଧ ଆଇସିୟୁ (ଜେରିଆଟ୍ରିକ) ସହ ୩ଟି ଲେଖାଏଁ ନେଫ୍ରୋଲୋଜି ଓ ଡାଇଲିସିସ୍ ଶଯ୍ୟା ରହିବ। ଦିବ୍ୟାଙ୍ଗ ଓ ବୟସ୍କ ରୋଗୀଙ୍କ ପାଇଁ ଲିଫ୍ଟ ସହ ହ୍ୱିଲଚେୟାର ଯିବା ପାଇଁ ସ୍ଲୋପିଂ ସୁବିଧା ଉପଲବ୍ଧ ହେବ।

**ଦଳିତ ଅତ୍ୟାଚାର ପ୍ରସଙ୍ଗ**

# ସରକାରଙ୍କୁ ଘେରିଲା କଂଗ୍ରେସ

**ଭୁବନେଶ୍ୱର, ୨।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବଡ଼ଚଣା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଉଦୟଗିରିଠାରେ ଆର୍ନ୍ତଜାତିକ ବୌଦ୍ଧ ସମ୍ମିଳନୀ ଉପଲକ୍ଷେ ମଟିପଡ଼ା ପାହାଡ଼ ଅଞ୍ଚଳରେ ଅସ୍ଥାୟୀ ଶିବିର ତିଆରି କରିବା ସକାଶେ ସେଠାକାର ଆଦିବାସୀଙ୍କ ଘର ଭଙ୍ଗାଯିବା ଘଟଣା ନେଇ ଆଜି କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଛି। ପୂର୍ବତନ ସାଂସଦ ଓ ପିସିସି ଆଦିବାସୀ ସେଲର ଅଧକ୍ଷ ଯଶୋବନ୍ତ ସିଂ ଲାଗୁରି କହିଛନ୍ତି ଯେ ବିଜେପି ସରକାର ଅମଳରେ ଆଦିବାସୀଙ୍କ ଜମି ଉପରେ ଲୋଲୁପ ଦୃଷ୍ଟି ପଡ଼ିଛି। ରାଜଗାଙ୍ଗପୁରର ଏୟାରଷ୍ଟ୍ରିପ, ସୁନ୍ଦରଗଡ଼ ଲାଞ୍ଜିବେର୍ଣ୍ଣା ଜମି ଅଧିଗ୍ରହଣ, କେନ୍ଦୁଝରରେ ପସ୍କୋ,




ଟିକରପଡ଼ାରେ ଷ୍ଟରଲାଇଟ ପାଇଁ ବେଆଇନ ଭାବେ ଆଦିବାସୀଙ୍କ ଜମି ଅଧିଗ୍ରହଣ କରାଯାଉଛି। ଏବେ ଯାଜପୁର ଜିଲ୍ଲାର ଉଦୟଗିରିଠାରେ ମଟିପଡ଼ା ଭଳି ଏକ ଗ୍ରାମାଞ୍ଚଳରେ ପ୍ରଶାସନ ଆଦିବାସୀଙ୍କ ଘର ଭାଙ୍ଗିବା ସହ ଗଛ କାଟିଛି, ଯାହାକି କଦାପି ନ୍ୟାୟସଙ୍ଗତ ନୁହେଁ। ଏପରିକି ନୂଆବର୍ଷ ଦିନ ସେମାନଙ୍କ ଘରକୁ ଭାଙ୍ଗିଦିଆଯାଇଛି। ଏବେ ନିରୀହ ଆଦିବାସୀମାନେ କେଉଁଠି ମୁଣ୍ଡ ଗୁଞ୍ଜିବେ, ସେନେଇ ସରକାର ଆଦୌ ଚିନ୍ତିତ ନୁହଁନ୍ତି। କିନ୍ତୁ କଂଗ୍ରେସ ସବୁବେଳେ ଆଦିବାସୀଙ୍କ ସହ ରହିଛି ଓ ଆଗାମୀ ଦିନରେ ରହିବ ବୋଲି ଶ୍ରୀ ଲାଗୁରୀ କହିଛନ୍ତି।

ବିସ୍ଥାପନ ଓ ପରିବେଶ ଆବାହକ ସୁଧାଂଶୁ ଶେଖର ଦେଓ ଓଡ଼ିଶା ସହ ଦେଶର ଅଧିକାଂଶ ଅଞ୍ଚଳରେ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ ଶବର ଜନଜାତି ଜଗନ୍ନାଥଙ୍କ ନିଜ ଲୋକ। କିନ୍ତୁ ଓଡ଼ିଶା ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର ଆଦିବାସୀ ଶବରଙ୍କ ଘର ଭାଙ୍ଗିଦେଲା। ଏନେଇ ଯାଜପୁର ଜିଲ୍ଲାପାଳ ବି କିଛି କହିପାରୁନାହାନ୍ତି। ଅସ୍ଥାୟୀ ଶିବିର ସ୍ଥାପନ ପାଇଁ ବିଜେପି ଗୁଣ୍ଡାଗିରି କରୁଛି। ଏହା ସମ୍ପୂର୍ଣ୍ଣ ରୂପେ ଏକ ଆଦିବାସୀ ଦଳିତବିରୋଧୀ ସରକାର। ପୂର୍ବରୁ ୟୁପିରେ ଯାହା ଘଟୁଥିଲା, ଏବେ ଓଡ଼ିଶାରେ ତାହା ଘଟୁଛି। ଅର୍ଥାତ୍ ଓଡ଼ିଶାରେ ବି ବୁଲଡୋଜାର ଶାସନ ଆରମ୍ଭ ହୋଇଛି। ଜଙ୍ଗଲ ଅଧିକାର ଆଇନ ଅନୁସାରେ ଆଦିବାସୀଙ୍କୁ ଜମି ପଟ୍ଟା ଦିଆଯାଉନାହିଁ। ମଟିପଡ଼ା, ବାରିପଦା ଓ ଅନୁଗୁଳରେ ଲକ୍ଷ ଲକ୍ଷ ଗଛ କଟାଯାଉଛି। ଏଥିପ୍ରତି ସରକାରଙ୍କର କୌଣସି ତତ୍ପରତା ନାହିଁ। କିନ୍ତୁ କଂଗ୍ରେସ ନିରବ ନ ରହି ଦଳିତ, ଆଦିବାସୀ ଓ ପଛୁଆବର୍ଗ (ଡିଏପି)ଙ୍କ ହିତ ପାଇଁ ସଂଗ୍ରାମ କରିବ ବୋଲି ଶ୍ରୀ ଦେଓ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମଟିପଡ଼ାର ଅନେକ ଆଦିବାସୀ ପୁରୁଷ ଓ ମହିଳା ଯୋଗଦେଇଥିଲେ।

# ଆଜି ବର୍ଷର ପ୍ରଥମ 'ସୁପରମୁନ୍'

## ଦେଖାଯିବ ୧୪ ପ୍ରତିଶତ ବଡ଼ ଜହ୍ନ

**ଭୁବନେଶ୍ୱର, ୨।୧ (ସଂଚାର ବ୍ୟୁରୋ):** ଆସନ୍ତାକାଲି ପୌଷ ପୂର୍ଣ୍ଣିମାରେ ଦେଖାଯିବ ଚଳିତ ୨୦୨୬ ବର୍ଷର ପ୍ରଥମ 'ସୁପର୍‌ମୁନ୍'। ଉକ୍ତଦିନ ଚନ୍ଦ୍ର ପ୍ରାୟ ୩ ଲକ୍ଷ ୬୨ ହଜାର କିମି ନିକଟରେ ରହିବ ଓ ସାଧାରଣ ଦିନର ପୂର୍ଣ୍ଣ ଚନ୍ଦ୍ରଠାରୁ ପ୍ରାୟ ୧୪ ପ୍ରତିଶତ ବଡ଼ ସହ ୩୦ ପ୍ରତିଶତ ଉଜ୍ଜ୍ୱଳ ଦେଖାଯିବ। ୨୦୨୬ରେ ଦ୍ୱିତୀୟ ଦ୍ୱିତୀୟ 'ସୁପରମୁନ' ଗତ ବର୍ଷ ନଭେମ୍ବର ୨୪ ଓ ଶେଷ 'ସୁପରମୁନ'ଟି ଗତ ବର୍ଷ ୨୩ ତାରିଖରେ ଦେଖାଯିବ। ସେହିଭଳି ଆସନ୍ତା ମେ' ୧, ମେ' ୩୧ ଓ ଜୁନ୍ ୨୯ରେ 'ମାଇକ୍ରୋମୁନ' ବା 'ଛୋଟଚନ୍ଦ୍ର' ଦେଖାଯିବ, ଯାହାକୁ ଖାଲି ଆଖିରେ ଦେଖିହେବ। ସୂଚନାଯୋଗ୍ୟ ଯେ 'ସୁପରମୁନ୍' ଶବ୍ଦର ବ୍ୟବହାର ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନୋଲ୍ ୧୯୭୯ରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ସୋସିଆଲ୍ ମିଡିଆର ବହୁଳ ବ୍ୟବହାର ଫଳରେ ଏହା ଅଧିକ ଲୋକପ୍ରିୟ ହୋଇପାରିଥିଲା। ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଲା। ଲୋକେ ସୁପରମୁନକୁ ନେଇ ମଧ ଅନେକ ସମାଲୋଚନା କଲେ। ପରେ ପରେ ସୁପରମୁନ୍ ଶବ୍ଦର ବ୍ୟବହାର ମାତ୍ରାଧିକ ହେଲା। ହେଲେ ଚଳିତ ବର୍ଷ ସୁପରମୁନ ଆକାଶରେ ଦେଖାଯିବ। ଆକାଶ କୁହୁଡି ଓ ମେଘମୁକ୍ତ ରହିଲେ, ଏହା ଅଧିକ ସ୍ପଷ୍ଟ ଓ ଉଜ୍ଜ୍ୱଳ ଦେଖାଯିବ। 'ସୁପରମୁନ୍' ଓ 'ମାଇକ୍ରୋମୁନ୍' ଭଳି ମହାଜାଗତିକ ଦୃଶ୍ୟ ଏବର୍ଷ ଆକାଶରେ ଦୃଶ୍ୟମାନ ହେବ। ଆସନ୍ତାକାଲି ଚନ୍ଦ୍ର ପୃଥିବୀଠାରୁ ପ୍ରାୟ ତିନି ଲକ୍ଷ ୬୨ହଜାର କିଲୋମିଟର ଦୂରରେ ରହିବ। ସାଧାରଣ ଦିନରେ ଦେଖାହେଉଥିବା ଚନ୍ଦ୍ରଠାରୁ ଏହା ୩୦ ପ୍ରତିଶତ ଅଧିକ ଉଜ୍ଜ୍ୱଳ ଦେଖାଯିବ। ତେବେ ଏହାପରେ ଦ୍ୱିତୀୟ ଥର ପାଇଁ ସୁପରମୁନ୍ ନଭେମ୍ବର ୨୪ ତାରିଖରେ ଦେଖିବାକୁ ମିଳିବ। ଖାଲି ସେତିକି ନୁହେଁ, ଚଳିତ ବର୍ଷର ଶେଷ ସୁପରମୁନ୍ ଡିସେମ୍ବର ୨୩ ତାରିଖରେ ଦେଖିବାକୁ ମିଳିବ।



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

**ଢେଙ୍କାନାଳ, ୨।୧ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଜନୈକ ବ୍ୟକ୍ତି ଆତ୍ମାହୁତି ଉଦ୍ୟମ କରିଥିବା ଜଣାପଡ଼ିଛି। ତେବେ ଉକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଟାଉନ ଥାନା ପୁଲିସ ତାଙ୍କୁ ରୋକିବା ସହ ବଡ଼ ଧରଣର ଅଘଟଣକୁ ରୋକିବାରେ ସକ୍ଷମ ହୋଇଛି। ଉକ୍ତ ବ୍ୟକ୍ତି ଜଣଙ୍କ ଢେଙ୍କାନାଳ ସଦର ଥାନା ବଣସିଂହ ନୂଆପଡ଼ା ଗ୍ରାମର ସୁଚିତ୍ର ସାହୁ ବୋଲି ଜଣାପଡ଼ିଛି। ଏଥିସହ ପୁଲିସ୍ ତାଙ୍କ ବ୍ୟାଗରୁ ଏକ ପେଟ୍ରୋଲ ବୋତଲ ବି ଜବତ କରିଛି।

ସୂଚନାନୁସାରେ, ଢେଙ୍କାନାଳ ସଦର ଥାନା ନୂଆପଡ଼ା ଗ୍ରାମର ସୁଚିତ୍ର ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କ ପାଖକୁ ଗୁହାରି କରିବାକୁ ଆସିଥିଲେ। ନୂଆପଡ଼ାରେ ଥିବା ତାଙ୍କର ଏକ ଜାଗା ଭୁଲରେ ଅନ୍ୟ ଜଣଙ୍କ ନାମରେ ପଟ୍ଟା ହୋଇଥିବାରୁ ସେ ଉକ୍ତ ଜାଗାକୁ ବିକ୍ରି କରି ପାରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। ଆଜକୁ ୩/୪ ବର୍ଷ ହେଲା, ଏ ସମ୍ପର୍କରେ ସେ ଅଭିଯୋଗ କରିବାକୁ ଢେଙ୍କାନାଳ ତହସିଲକୁ ବାରମ୍ବାର ଦୌଡୁଛନ୍ତି। ମାତ୍ର ତହସିଲ ଅଫିସ ପକ୍ଷରୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜାଗାକୁ ବିକ୍ରି କରି ନ ପାରି ଆର୍ଥିକ ଅନାଟନରେ ହନ୍ତସନ୍ତ ହେଉଛନ୍ତି। ଏପରିକି ଏହାକୁ ନେଇ ସେ ତହସିଲଦାର, ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଗୁହାରି କରି ହତାଶ ପରେ ବାଧ ହୋଇ ଆଜି ଆତ୍ମାହୁତି ଦେବା ପାଇଁ ଉଦ୍ୟମ କରିଥିଲେ। ତେବେ କୌଣସି ସୂତ୍ରରୁ ସୂଚନା ପାଇ ପୂର୍ବରୁ ଜଗି ରହିଥିବା ଟାଉନ ଥାନା ପୁଲିସ ତାଙ୍କ ବ୍ୟାଗକୁ ଆଗୁଆ ଜବତ କରିନେଇଥିଲା। ପରେ ସୁଚିତ୍ରଙ୍କୁ ପୁଲିସ କାବୁ କରି ଥାନାକୁ ନେଇଥିବା ଜଣାପଡ଼ିଛି। ଆତ୍ମାହୁତି କରୁଥିବା ଉଦ୍ୟମ ସମ୍ପର୍କିତ ଏକ ମାମଲା ରୁଜୁ କରିବା ସହ ପୁଲିସ ସୁଚିତ୍ରଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ପଟିଆରେ ଏକରେ ଜମିରୁ ଜବରଦଖଲ ଉଚ୍ଛେଦ



**ଭୁବନେଶ୍ୱର, ୨।୧ (ସଂଚାର ବ୍ୟୁରୋ):** ପଟିଆ ଅଞ୍ଚଳରେ ଜବରଦଖଲକାରୀମାନେ ସରକାରୀ ଜମିରେ ଏକାଧିକ ଛାତ ଓ ଆଜବେଷ୍ଟସ ଘର ତିଆରି କରି ନିଜେ ରହିବା ସହ ଭଡ଼ାରେ ବି ଲଗାଇଛନ୍ତି। ଦୀର୍ଘଦିନ ଧରି ଜୋରଜବରଦସ୍ତି ରହିଆସୁଥିବା କେତେକ ବ୍ୟକ୍ତିଙ୍କ ଘରକୁ ଆସି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବୁଲ୍‌ଡୋଜର୍ ଲଗାଇ ଭାଙ୍ଗି ଦିଆଯାଇଛି। ଆଜି ପର୍ଯ୍ୟନ୍ତ ହୋଇଥିବା ଏହି ଜବରଦଖଲ ଉଚ୍ଛେଦ ଅଭିଯାନରେ ପାଖାପାଖି ଏକ ଏକର ଜମିକୁ ମୁକ୍ତ କରାଯାଇପାରିଛି। ବିଡିଏ ପକ୍ଷରୁ ପଟିଆ ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନମ୍ବର ୫୧୮ରେ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଛି। ବାକି ଥିବା ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସକାଶେ ଆହୁରି ସମୟ ଲାଗିବ। ଆଜି ଏହି ଉଚ୍ଛେଦ ଅଭିଯାନର ତୃତୀୟ ଦିନରେ ୧୩ଟି ଆଜବେଷ୍ଟସ ଘର, ଗୋଟିଏ ଲୁହା ଗେଟ୍ ଓ ଗୋଟିଏ ଛାତ ଘର ସହ ୧୦ ଫୁଟ ଲମ୍ବର ପାଚେରି ଭଙ୍ଗାଯାଇଛି। ପ୍ରାୟ ୨୦୦ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଉଚ୍ଛେଦ ସମୟରେ ଘଟଣାସ୍ଥଳରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର (ଓଏସଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ। ଆଜି ପର୍ଯ୍ୟନ୍ତ ୩ ଦିନର ଉଚ୍ଛେଦ ଅଭିଯାନରେ ମୋଟ ୫ଟି ଛାତ ଘର, ୪୫ଟି ଆଜବେଷ୍ଟସ ଘର, ୧୧ଟି ଶୌଚାଳୟ, ଏକାଧିକ ଲୁହା ଗେଟ୍ ସହ ପାଣି ଟାଙ୍କି ଓ ପାଚେରିକୁ ମାଟିରେ ମିଶାଇ ଦିଆଯାଇଛି। ଆସନ୍ତାକାଲି ମଧ ଏହି ପ୍ରକ୍ରିୟା ଜାରି ରହିବ।

# ପ୍ରଥମ ୯ ମାସରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ରେକର୍ଡ ପଣ୍ୟ ପରିବହନ

**ଭୁବନେଶ୍ୱର, ୨।୧ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ୩ ତ୍ରୈମାସିକରେ ପଣ୍ୟ ପରିବହନ ଓ ଟ୍ରାଫିକ୍ ପରିଚାଳନାରେ ଉଲ୍ଲେଖନୀୟ ପ୍ରଦର୍ଶନ ରେକର୍ଡ କରିଛି, ଯାହା ନିରନ୍ତର ଅଭିବୃଦ୍ଧି, ଅଧିକ ୱାଗନ୍ ବ୍ୟବହାର ଓ ବର୍ଦ୍ଧିତ କାର୍ଯ୍ୟକ୍ଷମତାକୁ ପ୍ରତିଫଳିତ କରୁଛି। ଗତ ବର୍ଷ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୩୦.୩୬ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧୧୯.୫୬ ନିୟୁତ ଟନ୍ ପଣ୍ୟ ପରିବହନ ତୁଳନାରେ ୯ ପ୍ରତିଶତ ବୃଦ୍ଧି କରି ଗତ ବର୍ଷ ତୁଳନାରେ ୧୦.୮୦ ନିୟୁତ ଟନ୍ ଅଧିକ ପଣ୍ୟ ବୋଝେଇ କରିପାରିଛି। ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ସମୁଦାୟ ୨୦୯.୯୭ ନିୟୁତ ଟନ୍ ପଣ୍ୟ



ପରିବହନ କରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନ ୧୮୮.୬୪ ନିୟୁତ ଟନ୍ ତୁଳନାରେ ୧୧.୩ ପ୍ରତିଶତ ଅର୍ଥାତ୍ ଅତିରିକ୍ତ ୨୧.୩୩ ନିୟୁତ ଟନ୍ ଅଧିକ ବୋଝେଇ ହାସଲ କରିଛି। କେବଳ ଗତ ଡିସେମ୍ବରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୧୫.୨୩ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲା, ଯାହା ୨୦୨୪ ଡିସେମ୍ବର ତୁଳନାରେ ୩ ପ୍ରତିଶତ ଅଧିକ। ସେହିପରି କେବଳ ଡିସେମ୍ବରରେ ପୂର୍ବତଟ ରେଳପଥ ପୂର୍ବ ଆର୍ଥିକ ବର୍ଷ ପଣ୍ୟ ବୋଝେଇ ୨୩.୨୭ ନିୟୁତ ଟନ୍ ତୁଳନାରେ ୯ ପ୍ରତିଶତ ଅଭିବୃଦ୍ଧି ଆଣିପାରିଛି। ଗତବର୍ଷ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପ୍ରତିଦିନ ହାରାହାରି ୭୦୬୮ ୱାଗନ୍ ବ୍ୟବହାର କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୭ ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ପ୍ରତିଦିନ ହାରାହାରି ୧୧,୩୮୯ ୱାଗନ୍ ବ୍ୟବହାର କରିଥିଲା, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୧୦୪୧୫ ୱାଗନ୍ ବ୍ୟବହାରଠାରୁ ୯ ପ୍ରତିଶତ ଅଭିବୃଦ୍ଧି କରିପାରିଛି। କେବଳ ଗତ ଡିସେମ୍ବରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପ୍ରତିଦିନ ହାରାହାରି ୭୩୩୧ ୱାଗନ୍ ବ୍ୟବହାର ହାସଲ କରି ୨୦୨୪ରେ ହାରାହାରି ଦୈନିକ ୭,୮୮ ୱାଗନ୍ ବ୍ୟବହାର ତୁଳନାରେ ୩ ପ୍ରତିଶତ ବୃଦ୍ଧି କରିଛି। ଏହି ମାସରେ ପୂର୍ବତଟ ରେଳପଥ ଦୈନିକ ୧୨,୧୧୨ ୱାଗନ୍ ବ୍ୟବହାର କରି ଗତ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୱାଗନ୍ ବ୍ୟବହାର ୨୨୨୫୦ ତୁଳନାରେ ୮ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକରଣ କରିଛି।

**ବିଏମ୍‌ସିର ପ୍ରଥମ ପଥ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି**

## ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜମିବ ଘରୋଇ ଖାଦ୍ୟର ସମ୍ଭାର

**ଭୁବନେଶ୍ୱର, ୨।୧୨ (ସଂଚାର ବ୍ୟୁରୋ):** ଆସିଗଲା ପଥ ଉତ୍ସବ। ଆସନ୍ତା ରବିବାର ମାଷ୍ଟର କ୍ୟାଣ୍ଟିନରୁ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଖେଳକୁଦ, ଗୀତ, ନାଚରେ ଦୁଲୁକିବ। ଡିଜେର ତାଳେ ତାଳେ ଝୁମିବେ ଦର୍ଶକ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗରମାଗରମ ଖାଦ୍ୟର ମଜା ନେବେ ଦେଖଣାହାରୀ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଛି ବ୍ୟାପକ ପ୍ରସ୍ତୁତି। ଚଳିତ ବର୍ଷ ପଥ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆଜି ବିଏମ୍‌ସି କାର୍ଯ୍ୟାଳୟରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରାମଚନ୍ଦ୍ର ରଣସିଂହଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଶୀତୁଆ ସକାଳର ମଜା ନେବା ପାଇଁ ଭୁବନେଶ୍ୱରବାସୀଙ୍କ ପାଇଁ ଖୁବ୍‌ଶୀଘ୍ର ଆସୁଛି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପଥ ଉତ୍ସବ। ବିଏମ୍‌ସି ପକ୍ଷରୁ ଆସନ୍ତା ରବିବାର ସକାଳ ସାଢ଼େ ୬ଟାରୁ ମାଷ୍ଟର କ୍ୟାଣ୍ଟିନଠାରୁ ରାମ ମନ୍ଦିର ମଧ୍ୟରେ ୨୦୨୫-୨୫ର ପ୍ରଥମ ପଥ ଉତ୍ସବ ଅନୁଷ୍ଠିତ ହେବ।

**● କର୍ମୀ ସମ୍ମିଳନ ଓ ମିଶ୍ରଣ ପର୍ବରେ ଦୃଢ଼ୋକ୍ତି**

## ଜିଲ୍ଲା ପରିଷଦ ନିର୍ବାଚନରେ ବାଜିମାତ୍ କରିବ କଂଗ୍ରେସ



**ଭୁବନେଶ୍ୱର, ୨।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ଗୋପ ବ୍ଲକଠାରେ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଆଗାମୀ ଜିଲ୍ଲା ପରିଷଦ ନିର୍ବାଚନରେ ତାଙ୍କ ଦଳ ବାଜିମାତ୍ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ପାଇଁ ଗୋପ ଏକ ଐତିହାସିକ କର୍ମଭୂମି। ଏହି ପବିତ୍ର ଭୂମିରୁ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ କଂଗ୍ରେସ ସଙ୍ଗଠନ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ରାଜ୍ୟସାରା ବ୍ୟାପିଥିଲା। ଏହି ଅଞ୍ଚଳରେ କଂଗ୍ରେସର ଅବସ୍ଥା ଭଲ ନ ଥିବା ସତ୍ତ୍ୱେ ନୂଆବର୍ଷ ଆରମ୍ଭରେ ଶତାଧିକ ମହିଳା ଏହି ସଭାରେ ଯୋଗଦେଇଛନ୍ତି ଏବଂ ଦଳରେ ମିଶିଛନ୍ତି। କଂଗ୍ରେସରେ କାମ କରିବାକୁ ହେଲେ ଲୋକଙ୍କ ପାଇଁ କାମ କରିବାକୁ ପଡ଼ିବ। ଗତ ଦଶ ମାସରେ ଆମେ ଲୋକଙ୍କ ପାଇଁ ସଂଗ୍ରାମ କରୁଛୁ। ନାରୀ ନ୍ୟାୟ ପାଇଁ ଘଟୁଥିବା ସମସ୍ତ ଅତ୍ୟାଚାର ବିରୁଦ୍ଧରେ ଆମେ ଲଢ଼େଇ କରୁଛୁ। ବିଧାନସଭା ଘେରାଉରେ ପୁରପଲ୍ଲୀରୁ ପ୍ରାୟ ୫୦ ହଜାର ଲୋକ ସାମିଲ୍ ହୋଇଥିଲେ। ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିନଠାରୁ ପୁଣି ଗାନ୍ଧୀ ପଥେ ଯାତ୍ରା ଆରମ୍ଭ ହେବ। ସମସ୍ତ ବ୍ଲକରେ ପହଞ୍ଚିବା ସହ ଦଳ ଆସନ୍ତା ଜିଲ୍ଲା ପରିଷଦ ନିର୍ବାଚନରେ ରାଜ୍ୟ କଂଗ୍ରେସମୟ ହେବ। କଂଗ୍ରେସ ଲୋକଙ୍କ ସହଯୋଗରେ ନିର୍ବାଚନ ଲଢ଼ିବ ବୋଲି ଶ୍ରୀ ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିଶ୍ର, ଭାସ୍କର ସେଠ, ନୀଳମଣି ପ୍ରଧାନ, ରବି ନାରାୟଣ ବେହେରା, ଅମରେନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପୁନର୍ଗଠନ, ପୁଣି କେବେ?

**ଭୁବନେଶ୍ୱର, ୨।୧:** ନବେ ଦଶକରେ ବିଜୁ ପଟ୍ଟନାୟକଙ୍କ ସରକାର ଅମଳରେ ଓଡ଼ିଶାର ଜିଲ୍ଲା ସଂଖ୍ୟା ୧୩ରୁ ୩୦କୁ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଭଳି ବଡ଼ବଡ଼ ଜିଲ୍ଲାଗୁଡ଼ିକରେ ବିଭାଜନ କରି ପରବର୍ତ୍ତୀ ସମୟରେ ନୂଆ ଜିଲ୍ଲା ଗଠନ ଲାଗି ଯେଉଁ ପ୍ରସ୍ତାବ ରହିଥିଲା ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ।

ଉଲ୍ଲେଖନୀୟ ଯେ ସେତେବେଳେ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ପୁରୀ, କଟକ, ଗଞ୍ଜାମ ଭଳି ବଡ଼ବଡ଼ ଜିଲ୍ଲାଗୁଡ଼ିକୁ ବିଭାଜିତ କରି ଅନେକ ନୂଆ ଜିଲ୍ଲା ଗଠନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଫୁଲବାଣୀ ଜିଲ୍ଲାର ମଧ ବିଭାଜନ ହୋଇଥିଲା। ତେବେ କେତେକ କାରଣ ଯୋଗୁ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ବିଭାଜନ କରି ନୂଆ ଜିଲ୍ଲା ସେତେବେଳେ ଗଢ଼ାଯାଇ ପାରିନଥିଲା। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ୩ ଭାଗ କରି ନୂତନ ଜିଲ୍ଲା ଗଠନ ପାଇଁ ବାରମ୍ବାର ଦାବି ଉଠୁଥିବାବେଳେ ଆଉ କେତେକ ମହଲ ଏହି ତିନୋଟି ବଡ଼ ଜିଲ୍ଲାକୁ ନଭାଙ୍ଗିବା ପାଇଁ ମତ ଦେଉଛନ୍ତି। ଇତିମଧ୍ୟରେ ବିଭାଜିତ ଗଞ୍ଜାମ ଜିଲ୍ଲାକୁ ଭାଙ୍ଗି ଘୁମୁସର ଜିଲ୍ଲା ଗଠନ ପାଇଁ ମଧ ଦାବି ଉଠୁଛି। ଏହାଛଡ଼ା ରାଜ୍ୟର ଆଉ କେତେକ ସବ୍‌ଡିଭିଜନ୍‌କୁ ଜିଲ୍ଲା ମାନ୍ୟତା ଦେବା ଲାଗି ମଧ ବାରମ୍ବାର ବିଭିନ୍ନ ସଂଗଠନ ଦାବି ଉଠାଉଛନ୍ତି। ଏହାଛଡ଼ା ରାଜ୍ୟ ରାଜଧାନୀ ଭୁବନେଶ୍ୱରକୁ ପ୍ରଶାସନିକ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦେବା ଲାଗି ମଧ ବହୁ ବର୍ଷରୁ ଦାବି ହୋଇଆସୁଛି। ଖୋର୍ଦ୍ଧା ଜିଲ୍ଲା ଗଠନ ବେଳେ ଏହାର ମହକୁମା ଭୁବନେଶ୍ୱରରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲ୍ଲା ସଦର ମହକୁମା ଖୋର୍ଦ୍ଧାକୁ ସ୍ଥାନାନ୍ତରିତ ହୋଇଛି। ଜିଲ୍ଲା ପୁନର୍ଗଠନ ପ୍ରସ୍ତାବ ଦୀର୍ଘବର୍ଷ ଧରି ସରକାରଙ୍କ ବିଚାରାଧୀନ ରହିଛି। ଏହାଛଡ଼ା ବ୍ଲକ ଓ ତହସିଲ ପୁନର୍ଗଠନ ଲାଗି ମଧ ବାରମ୍ବାର ଦାବି ଉଠୁଛି। ତେବେ ଏ ସଂକ୍ରାନ୍ତରେ କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହେବ ସେଥିଘେନି ସରକାରଙ୍କ ପକ୍ଷରୁ କୌଣସି ସୂଚନା ମିଳୁନଥିବାବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତଗୁଡ଼ିକର ପୁଣିଥରେ ପୁନର୍ଗଠନ କରାଯାଇପାରେ ବୋଲି ଶୁଣାଯାଉଛି।

ବଡ଼ବଡ଼ ଜିଲ୍ଲାଗୁଡ଼ିକୁ ଆବଶ୍ୟକତା ଭିତ୍ତିରେ ଭାଙ୍ଗି ଛୋଟଛୋଟ ନୂଆ ଜିଲ୍ଲାମାନ ଗଠନ କରାଗଲେ ସେଠାରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ରହିବେ। ଯାହାଫଳରେ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ ବୋଲି ଯୋଜନା ବିଶାରଦମାନେ ମତବ୍ୟକ୍ତ କରୁଛନ୍ତି। ତେବେ ଜିଲ୍ଲା ପୁନର୍ଗଠନ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରେ। (ତଥ୍ୟ)

# ପୂର୍ବତଟ ରେଳପଥର ନୂତନ ସମୟ ସାରଣୀ କାର୍ଯ୍ୟକାରୀ

**ଭୁବନେଶ୍ୱର, ୨।୧ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ପକ୍ଷରୁ ଗତକାଲିଠାରୁ ନୂତନ ସମୟ ସାରଣୀ କାର୍ଯ୍ୟକାରୀ କରାଯାଇଛି। ଏହି ନୂତନ ସମୟ ସାରଣୀର ମୁଖ୍ୟ ଉଦ୍ଦେଶ୍ୟ ଯାତ୍ରୀ ସୁବିଧା ବୃଦ୍ଧି, ଉନ୍ନତ ସଂଯୋଗ, ସମୟନିଷ୍ଠା, ସୁରକ୍ଷା ଓ ସୁଖଦ ଯାତ୍ରା ଅନୁଭୂତି ପ୍ରଦାନ କରିବା। ନୂତନ ସମୟ ସାରଣୀ ଅନୁଯାୟୀ, ରେଳ ସଂଯୋଗ ସୁଦୃଢ଼ କରିବା ପାଇଁ ୬ଟି ନୂତନ ଟ୍ରେନ (ତିନି ଯୋଡ଼ା) ଚଳାଚଳ ଆରମ୍ଭ କରାଯାଇଛି। ଏହା ମଧ୍ୟରେ ଉଧନା–ବ୍ରହ୍ମପୁର–ଉଧନା, ସମ୍ବଲପୁର–ବୌଦ୍ଧ–ସମ୍ବଲପୁର ଓ ବୌଦ୍ଧ–ଭୁବନେଶ୍ୱର ନୂଆ–ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ ଅନ୍ତର୍ଭୁକ୍ତ ରହିଛି। ଏଥିସହ ୧୪ଟି ଟ୍ରେନ (ସାତ ଯୋଡ଼ା)କୁ ନୂତନ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ବିସ୍ତାର କରାଯାଇଛି, ଯାହାଦ୍ୱାରା ଅନ୍ତର୍ନିହିତ ଓ ଆଞ୍ଚଳିକ ଅଞ୍ଚଳଗୁଡ଼ିକୁ ଉତ୍ତମ ରେଳ ସଂଯୋଗ ମିଳିବ। ଏମାନଙ୍କ ମଧ୍ୟରେ —୧୨୮୭୧/୧୨୮୭୨ ହାଓଡ଼ା–ଟିଟିଲାଗଡ଼–ହାଓଡ଼ା ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ; ୫୮୩୦୫/୫୮୩୦୬, ୫୮୩୦୭/୫୮୩୦୮ ବଲାଙ୍ଗିର–ସୋନପୁର–ବଲାଙ୍ଗିର ପାସେଞ୍ଜର ଓ ୧୨୮୯୩/୧୨୮୯୪ ଭୁବନେଶ୍ୱର–ସୋନପୁର–ଭୁବନେଶ୍ୱର ଇଣ୍ଟରସିଟି ପୁରୁଣା କଟକ ପର୍ଯ୍ୟନ୍ତ; ୨୨୮୨୦/୨୨୮୧୯ ବିଶାଖାପଟଣା–ଭୁବନେଶ୍ୱର–ବିଶାଖାପଟଣାମ ଇଣ୍ଟର ସିଟି, ୧୭୦୧୫/୧୭୦୧୬ ଭୁବନେଶ୍ୱର–ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ଏବଂ ୧୧୦୨୦/୧୧୦୧୯ ଭୁବନେଶ୍ୱର–ମୁମ୍ବାଇ ସିଏସ୍‌ଏମ୍‌ଟି କୋଣାର୍କ ଏକ୍ସପ୍ରେସ୍‌କୁ ଭୁବନେଶ୍ୱର ନୂଆ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ସେହିପରି ଯାତ୍ରୀ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ୧୯୦୨୧/୧୯୦୨୨ ଉଧନା–ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ସାପ୍ତାହିକରୁ ବୃଦ୍ଧି କରି ସପ୍ତାହକୁ ୩ ଦିନ କରାଯାଇଛି। ଏଥିସହ ୨୦୭୦୭/୨୦୭୦୮ ସିକନ୍ଦରାବାଦ–ବିଶାଖାପାଟଣା ବନ୍ଦେ ଭାରତ ଏବଂ ୨୦୮୩୫/୨୦୮୩୬ ରାଉରକେଲା–ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନର ଚଳାଚଳ ଦିନରେ ପରିବର୍ତ୍ତନ କରାଯାଇଛି। ୧୨୮୯୨/୧୨୮୯୧ ପୁରୀ–ଭଞ୍ଜପୁର–ପୁରୀ ଏକ୍ସପ୍ରେସ୍ ଟ୍ରେନ ନମ୍ବରକୁ ପରିବର୍ତ୍ତନ କରାଯାଇଛି, ଯାହା ଆସନ୍ତା ଫେବ୍ରୁଆରୀ ୧୦ରୁ କାର୍ଯ୍ୟକାରୀ ହେବ। ଯାତ୍ରା ସମୟ କମାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ୧୦ଟି ଟ୍ରେନ୍‌ର ଗତି ବଢ଼ାଯାଇଛି, ଯାହାଦ୍ୱାରା କିଛି ରୁଟ୍‌ରେ ସର୍ବାଧିକ ୩୫ ମିନିଟ୍ ସମୟ ସଞ୍ଚୟ ହେବ। ଯାତ୍ରୀ ସୁରକ୍ଷା ଓ ସୁବିଧା ବୃଦ୍ଧି ପାଇଁ ୪ଟି ଟ୍ରେନ (ଦୁଇ ଯୋଡ଼ା)କୁ ଏଲ୍‌ଏଚ୍‌ବି କୋଚ୍‌ରେ ପରିବର୍ତ୍ତନ କରାଯାଇଛି।

# କେନାଲରେ ପଡ଼ି ହାତୀ ମୃତ

**● ଅସୁସ୍ଥ ଅବସ୍ଥାରେ ଜଙ୍ଗଲରେ ଘୂରି ବୁଲୁଥିଲା**



**ବଲାଙ୍ଗୀର, ୨।୧ (ସଂଚାର ବ୍ୟୁରୋ):** ଟିଟିଲାଗଡ଼ ବନ ବିଭାଗ ବେଲଗାଁ ସେକ୍ସନ ଅନ୍ତର୍ଗତ ନିମପଡ଼ା ବର୍ଣ୍ଣୀ ଜଙ୍ଗଲଠାରେ ଥିବା କେନାଲରେ ପଡ଼ି ଏକ ମାଈ ହାତୀର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ କିଛିଦିନ ତଳେ ପଡ଼ୋଶୀ ଜିଲ୍ଲା କଳାହାଣ୍ଡିରୁ ଏକ ଗୋଠଛଡ଼ା ମାଈ ହାତୀ ବର୍ଣ୍ଣୀ ଜଙ୍ଗଲକୁ ପ୍ରବେଶ କରିଥିଲା। ହାତୀଟି ୮ ଦିନ ଧରି ଅସୁସ୍ଥ ଥିବାବେଳେ ବନ ବିଭାଗ ପକ୍ଷରୁ ନିୟମିତ ଟ୍ରାକିଂ କରାଯାଇଥିଲା। ମାତ୍ର ଗତ ରାତିରେ ନାଳ ପାରିହେବା ସମୟରେ କେନାଲରେ ପଡ଼ି ହାତୀର ମୃତ୍ୟୁ ଘଟିଛି। ସୂଚନା ପାଇ ବଲାଙ୍ଗୀର ଡିଏଫ୍‌ଓ ଅଜିତ ବିଶି ଓ ଟିଟିଲାଗଡ଼ ରେଞ୍ଜର ଶୈଳେଶ ବିଶି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତ ହାତୀର ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବା ନେଇ ବିଭାଗୀୟ ସୂଚନା ମିଳିଛି।

ଜୀବନ ଅମୃତ ଅନୁଚିନ୍ତା
ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଶନିବାର ୩ ଜାନୁଆରୀ ୨୦୨୬, ଭୁବନେଶ୍ୱର
Saturday 3 January 2026, Bhubaneswar

# କର୍ମଚାରୀମାନଙ୍କର ଆଶା ଓ ବାସ୍ତବତା

ଭାରତର କେନ୍ଦ୍ରୀୟ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀମାନଙ୍କ ପାଇଁ ଅଷ୍ଟମ ବେତନ ଆୟୋଗ ଏକ ବଡ଼ ଆଶାର କିରଣ ହୋଇଛି। ଜାନୁଆରୀ ୧, ୨୦୨୬ରୁ ଏହାର ପ୍ରଭାବ ଆରମ୍ଭ ହେବାର ଆଶା ରହିଛି, ଯାହା ସପ୍ତମ ବେତନ ଆୟୋଗର ଦଶ ବର୍ଷର ଅବଧି ଶେଷ ହେବା ପରେ ଆସିଛି। ସରକାରୀ କର୍ମଚାରୀମାନଙ୍କର ବେତନ, ଭତ୍ତା ଏବଂ ପେନସନର ସଂଶୋଧନ ପାଇଁ ଏହି ଆୟୋଗ ଗଠନ ହେବା ଦରକାର, କିନ୍ତୁ ଏହାର ବାସ୍ତବାୟନରେ ବିଳମ୍ବ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇପାରେ।

ପୂର୍ବ ବେତନ ଆୟୋଗଗୁଡ଼ିକର ଇତିହାସ ଦେଖିଲେ ଜଣାପଡ଼େ ଯେ ପ୍ରତ୍ୟେକ ଆୟୋଗ କର୍ମଚାରୀମାନଙ୍କର ଜୀବନଧାରଣ ଖର୍ଚ୍ଚ ଏବଂ ମୁଦ୍ରାସ୍ଫୀତିକୁ ଧ୍ୟାନରେ ରଖି ବେତନ ବୃଦ୍ଧି କରିଛି। ସପ୍ତମ ବେତନ ଆୟୋଗରେ ଫିଟମେଣ୍ଟ ଫ୍ୟାକ୍ଟର ୨.୫୭ ଥିଲା, ଯାହା ବେତନରେ ପ୍ରାୟ ୨୩ ପ୍ରତିଶତ ବୃଦ୍ଧି ଆଣିଥିଲା। ଏବେ ଅଷ୍ଟମ ଆୟୋଗ ପାଇଁ ଫିଟମେଣ୍ଟ ଫ୍ୟାକ୍ଟର ୧.୮ରୁ ୨.୮୬ ମଧ୍ୟରେ ହେବାର ଅନୁମାନ ରହିଛି। ଉଦାହରଣ ସ୍ୱରୂପ, ଯଦି ଫିଟମେଣ୍ଟ ଫ୍ୟାକ୍ଟର ୨.୧୫ ହୁଏ, ତେବେ ଲେଭଲ-୧ କର୍ମଚାରୀଙ୍କର ବେସିକ୍ ବେତନ ୧୮,୦୦୦ରୁ ବଢ଼ି ୩୮,୭୦୦ ହୋଇପାରେ। ଏହା କର୍ମଚାରୀମାନଙ୍କର ଆର୍ଥିକ ସ୍ଥିତିକୁ ସୁଧାରିବ ଏବଂ ଅର୍ଥନୀତିକୁ ଉତ୍ସାହିତ କରିବ।

କିନ୍ତୁ ଏହି ବୃଦ୍ଧିର ପ୍ରଭାବ କେବଳ କର୍ମଚାରୀମାନଙ୍କ ଉପରେ ନୁହେଁ, ସମଗ୍ର ଅର୍ଥନୀତି ଉପରେ ପଡ଼ିବ। ସରକାରୀ କର୍ମଚାରୀମାନଙ୍କର ବଢ଼ିଥିବା ବେତନ ବ୍ୟୟବହୁଳତା ବଢ଼ାଇବ, ଯାହା ବଜାରରେ ଚାହିଦା ସୃଷ୍ଟି କରିବ। ତେବେ ଏହା ସରକାରର ଆର୍ଥିକ ବୋଝ ବଢ଼ାଇବ, ଯାହା ଟ୍ୟାକ୍ସ ବୃଦ୍ଧି ବା ଅନ୍ୟାନ୍ୟ କ୍ଷେତ୍ରକୁ ସଙ୍କୁଚିକ କରିପାରେ। ଏହା ବ୍ୟତୀତ, ପେନସନଭୋଗୀମାନଙ୍କ ପାଇଁ ଏହି ଆୟୋଗ ଏକ ବଡ଼ ଆଶ୍ୱାସନା, କାରଣ ମୁଦ୍ରାସ୍ଫୀତି ସହିତ ଜୀବନଧାରଣ ଖର୍ଚ୍ଚ ବଢ଼ିଚାଲିଛି।



ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି ସହିତ ଏହା ସଂଯୋଜିତ ହେବା ଦରକାର।

ଓଡ଼ିଶା ପ୍ରସଙ୍ଗରେ କହିବାକୁ ଗଲେ, ରାଜ୍ୟ ସରକାର କେନ୍ଦ୍ରର ନିର୍ଦ୍ଦେଶକୁ ଅନୁସରଣ କରି ଏହି ଆୟୋଗର ଲାଭ ରାଜ୍ୟ କର୍ମଚାରୀମାନଙ୍କୁ ଦେବା ଉଚିତ। ଅସମ ପରି ରାଜ୍ୟଗୁଡ଼ିକ ନିଜର ଅଷ୍ଟମ ରାଜ୍ୟ ବେତନ ଆୟୋଗ ଗଠନ କରିସାରିଛନ୍ତି, ଯାହା ଓଡ଼ିଶାକୁ ଏକ ଉଦାହରଣ ଦେଇଛି। ଓଡ଼ିଶାର କର୍ମଚାରୀମାନେ ମଧ୍ୟ ଏହି ବୃଦ୍ଧିର ଅପେକ୍ଷାରେ ଅଛନ୍ତି, କାରଣ ରାଜ୍ୟର ଅର୍ଥନୀତି ଏବଂ କର୍ମଚାରୀଙ୍କ ଜୀବନଧାରଣ ଏହା ଉପରେ ନିର୍ଭର କରୁଛି। ତେବେ ସରକାର ଏହାର ବାସ୍ତବାୟନରେ ବିଳମ୍ବ ନକରି ଶୀଘ୍ର ଘୋଷଣା କରିବା ଉଚିତ୍, ଯାହା କର୍ମଚାରୀମାନଙ୍କର ମନୋବଳ ବଢ଼ାଇବ।

ଏହି ଆୟୋଗର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଜୁନିୟର ଏବଂ ସିନିୟର କର୍ମଚାରୀମାନଙ୍କ ମଧ୍ୟରେ ନ୍ୟାୟ। ସାଧାରଣତଃ ଜୁନିୟର କର୍ମଚାରୀମାନେ ଅଧିକ ପ୍ରତିଶତରେ ବୃଦ୍ଧି ପାଆନ୍ତି, କିନ୍ତୁ ସିନିୟରମାନଙ୍କର ମୂଳ ବେତନ ଅଧିକ ହୋଇଥିବାରୁ ସେମାନଙ୍କର ମୋଟ ବୃଦ୍ଧି ଅଧିକ ହୁଏ। ଏହା ସମତୁଲ୍ୟ ହେବା ଦରକାର। ଏହା ବ୍ୟତୀତ, ପ୍ରତିରକ୍ଷା କର୍ମଚାରୀ ଏବଂ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନଙ୍କୁ ମଧ୍ୟ ଏହି ଲାଭ ମିଳିବା ଉଚିତ।

ଶେଷରେ କହିବାକୁ ଗଲେ, ଅଷ୍ଟମ ବେତନ ଆୟୋଗ କେବଳ ଏକ ବେତନ ବୃଦ୍ଧି ନୁହେଁ, ଏହା ସରକାରୀ କର୍ମଚାରୀମାନଙ୍କର ସମ୍ମାନ ଏବଂ ଉତ୍ସାହର ପ୍ରତୀକ। ସରକାର ଏହାର ଶୀଘ୍ର ବାସ୍ତବାୟନ କରି କର୍ମଚାରୀମାନଙ୍କର ଆଶା ପୂରଣ କରିବା ଉଚିତ୍। ଏହା ଦେଶର ଅର୍ଥନୀତିକୁ ମଜବୁତ୍ କରିବ ଏବଂ ସମାଜର ସନ୍ତୁଳନ ରକ୍ଷା କରିବ। ଏହି ଆୟୋଗର ସଫଳତା ସରକାରର ଦାୟିତ୍ୱବୋଧର ପରୀକ୍ଷା ହେବ।

# ଅସଂଗଠିତ ଶ୍ରମିକଙ୍କ ଦୁଃଖ

ଯୁଧିଷ୍ଠିର ମହାରଣା



ଅସଂଗଠିତ ଶ୍ରମଜୀବୀ ସଂଗଠିତ ହୋଇ ନଥିବାରୁ ସେମାନଙ୍କ ଦୈନନ୍ଦିନ ସମସ୍ୟା ସମାଧାନ କରିବା ଦିଗରେ କୌଣସି ସଂଗଠିତ ଉଦ୍ୟମ ହୁଏନାହିଁ। ଇଟା, ପଥର, ଗୃହନିର୍ମାଣ, କାଠକାମ, ସାଧାରଣ କାମର ମହତ୍ତ୍ୱ ସରକାର ବା ବେସରକାରୀ ସଂସ୍ଥା ଠିକ୍ ଭାବେ ବୁଝିନଥିବାରୁ ସେମାନଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି। ଧାନ ଅମଳ ଶେଷ ହେଲେ ଗାଁରେ ବାସ କରୁଥିବା କୃଷକ ଶ୍ରମିକମାନଙ୍କ ମଧ୍ୟରୁ ଅନେକ ଦାଦନ ଖଟିବା ପାଇଁ ପ୍ରତିବେଶୀ ରାଜ୍ୟକୁ ଯାଆନ୍ତି। ଏମାନଙ୍କ ସଂଖ୍ୟା ଲକ୍ଷାଧିକ। ଏମାନଙ୍କର କୌଣସି ମଧ୍ୟ ସଂଗଠନ ନାହିଁ। ରାଜନୀତିକ ଦଳମାନେ ସଭା ଶୋଭାଯାତ୍ରା କରିବା ଦିନ ଏମାନଙ୍କୁ କିଛି ଅର୍ଥ ଦେଇ କାମ କରାନ୍ତି ଶୋଭାଯାତ୍ରାରେ ଯିବା ପାଇଁ ଓ ପିଏମଜି ଛକରେ ଇନ୍‌କିଲାବ ଜିନ୍ଦାବାଦ କରିବା ପାଇଁ। ଓଡ଼ିଶାର ସବୁଆଡ଼େ ଏହି ଚିତ୍ର ଦେଖିବାକୁ ମିଳେ ତେବେ ସବୁଠାରୁ ବଡ଼ ଗହଳି ଭୁବନେଶ୍ୱରରେ ଦେଖାଯାଏ। ଷ୍ଟେସନ ସ୍କୋୟାର, ରାଜମହଲ ଛକ, କଳ୍ପନା ଛକ, ରାମମନ୍ଦିର ଓ ରସୁଲଗଡ଼ ଛକରେ ପ୍ରତିଦିନ ସକାଳେ ଏମାନେ ଅପେକ୍ଷା କରନ୍ତି କାଳେ ସାମୟିକ ନିଯୁକ୍ତି ଦବା ପାଇଁ ଲୋକ ଖୋଜୁଥିବା କାହା ସହିତ ଦେଖା ହୋଇଯିବ ଓ କାମ ମିଳିଯିବ ଏଇ ଆଶାରେ। ଘର ନିର୍ମାଣ କାମ, ରାସ୍ତା ନିର୍ମାଣ କାମ, ଇଟା ତିଆରି କରିବା କାମ, ବୋଝ ବୋହିବା କାମ ପାଇଁ ଏମାନଙ୍କୁ ଖୋଜାଯାଏ। ସାମୟିକ ନିଯୁକ୍ତି ମଧ୍ୟ ମିଳିଯାଏ। କିନ୍ତୁ ସମସ୍ତଙ୍କୁ ନିଯୁକ୍ତି ମିଳେ ନାହିଁ। ସେମାନେ ନିରାଶ ହୋଇ ଘରକୁ ଫେରନ୍ତି ଖାଲି ହାତରେ। ଏମାନଙ୍କୁ କେବଳ ଅଧପେଟରେ ଶୋଇବାକୁ ପଡ଼େନାହିଁ, ପୁଅ ଝିଅ, ସ୍ତ୍ରୀ ସମସ୍ତଙ୍କୁ ଭୋକ ଉପାସରେ ସଢ଼ିବାକୁ ହୁଏ। ଦେଶର ଶ୍ରମଜୀବୀମାନଙ୍କ ମଧ୍ୟରୁ ଅଶୀ ପ୍ରତିଶତ ଅସଂଗଠିତ ଶ୍ରମିକ। ଏମାନେ ଦିନମଜୁରିଆ ହୋଇଥିବାରୁ ମାଲିକ ସହିତ ଦର ଦାମ ନକରି ପାଚେରୀକୁ ଲାଗି ଅସ୍ଥାୟୀ କୁଡ଼ିଆମାନଙ୍କରେ ବାସ କରନ୍ତି। ଏମାନଙ୍କର ଜାଗା ଜମି ନାହିଁ, ରାସନକାର୍ଡ଼, ଗରିବଭତ୍ତା, ବାର୍ଦ୍ଧକ୍ୟଭତ୍ତା, କାମ କଲାବେଳେ ଆହତ ହେଲେ ଏମାନଙ୍କୁ କିଛି ମିଳେ ନାହିଁ। ଏପରିକି ନିର୍ମାଣ ସ୍ଥଳରେ ପିଇବା ପାଣି ଓ ପ୍ରାଥମିକ ଚିକିତ୍ସାର ସୁବିଧା ନାହିଁ। ନିର୍ବାଚନ ସମୟରେ ଏମାନଙ୍କୁ ରଜାନୀତିକ ଦଳମାନେ ଅନେକ ପ୍ରକାର ପ୍ରଲୋଭନ ଓ ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ଶେଷ ହେଲେ ଏମାନେ ଅଦରକାରୀ ହୋଇଯାଆନ୍ତି। ସ୍ୱାଧୀନ ଭାରତରେ ଏପରି ଶ୍ରମଜୀବୀଙ୍କ ସଂଖ୍ୟା ପଚିଶ କୋଟିରୁ କମ୍ ହେବନାହିଁ। ଦେଶ କାମ, ସଚିବାଳୟ, ହୋଟେଲ, ମୋଟରଗାଡ଼ିର ଅର୍ଥ ଏମାନେ ବୁଝନ୍ତି ନାହିଁ। ସକାଳୁ ସନ୍ଧ୍ୟା ଏମାନେ ଖଟନ୍ତି ଗୋରୁ ପରି। ଏମାନଙ୍କ ପାଇଁ ବୀମା କରିବା ସକାଶେ ସରକାର ବ୍ୟବସ୍ଥା କରୁଥିବା ଶୁଣି ସେମାନେ ଆଶ୍ୱସ୍ତ ହୋଇଛନ୍ତି। କିନ୍ତୁ ଏହା ଅପେକ୍ଷା ସେମାନଙ୍କୁ ଯଦି ଉଚିତ ମଜୁରୀରେ କିଛି କାମ ଦିଆଯାଆନ୍ତା ତେବେ ଏମାନେ କୃତକୃତ୍ୟ ହୁଅନ୍ତେ। ଭାରତ ସରକାର ଜନଧନ ଯୋଜନାରେ ଏମାନେ ବ୍ୟାଙ୍କରେ କିଛି ଅର୍ଥ ଜମା କଲେ ଅଧିକ ସୁବିଧା ମିଳିବ ବୋଲି ଯୋଜନା କରିଛନ୍ତି। ବ୍ୟାଙ୍କରେ ସାମାନ୍ୟ ଅର୍ଥ ଜମା କଲେ ଏମାନଙ୍କ ନିରାପତ୍ତା ପାଇଁ ମଧ୍ୟ କିଛି ଅର୍ଥ ମିଳେ। ସେମାନେ ମହାତ୍ମା ଗାନ୍ଧି ଗ୍ରାମାଞ୍ଚଳ ବିକାଶ ଯୋଜନାରେ କାମ ପାଇଲେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସରକାରଙ୍କ ଠାରୁ ପ୍ରାପ୍ୟ ଅର୍ଥ ଶ୍ରମିକ ମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ପଠାଇ ଦବାର ବ୍ୟବସ୍ଥା ହୋଇଛି। ସମସ୍ତଙ୍କୁ ରାସନ କାର୍ଡ଼ ଦବା ପାଇଁ ସେମାନଙ୍କୁ ତାଲିକାଭୁକ୍ତ କରାଯାଇଛି। କିନ୍ତୁ ଭୁବନେଶ୍ୱରରେ ଝୁମ୍ପୁଡ଼ିମାନଙ୍କରେ ବାସ କରୁଥିବା ହଜାର ହଜାର ଲୋକଙ୍କ ଠିକଣା ନାହିଁ, ତେଣୁ ଏମାନଙ୍କୁ ରାସନ କାର୍ଡ଼, ବ୍ୟାଙ୍କ ସୁବିଧା ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ଦବା ପାଇଁ କିଛି ସୁଯୋଗ ନାହିଁ। ଧନଜନ ଯୋଜନାଭୁକ୍ତ ହେଲେ ଏମାନଙ୍କୁ କିଛି ସୁବିଧା ମିଳିବ। କିନ୍ତୁ ନିଯୁକ୍ତି ତ ସବୁଦିନ ମିଳିବ ନାହିଁ ସୁତରାଂ ନିଯୁକ୍ତି ଦବା କାର୍ଯ୍ୟ ଯଦି ସରକାର କିଛି ପଦକ୍ଷେପ ନିଅନ୍ତେ ତେବେ ଏମାନେ ଅନିଶ୍ଚିତ ଅବସ୍ଥାରେ ନରହି ଜନସାଧାରଣଙ୍କ ସହିତ ସାମିଲ ହୁଅନ୍ତି।

ଗ୍ରାମାଞ୍ଚଳରେ ମୋଟରଗାଡ଼ି, ଦୁଇଚକିଆ ଓ ଚାରି ଚକିଆ ଯାନ, ବିଦ୍ୟୁତ୍ ଉପଲବ୍ଧ ହେବା ପରେ ଶଗଡ଼, ସବାରୀ ପ୍ରଭୃତି ଅଚଳ ହୋଇଯାଇଛି। ଗ୍ରାମାଞ୍ଚଳରେ ଚାଉଳ କଳ, ଚୁଡ଼ା ଓ ମୁଢ଼ି ପ୍ରସ୍ତୁକ ରକିବା ପାଇଁ କଳ ବସିବାରୁ ଯେଉଁ ଗରିବ ମାନେ ଏ କାମ କରି ପେଟ ପୋଷୁଥିଲେ ସେମାନଙ୍କ ସାହା ଭରସା ତୁଟିଗଲା। ସରକାର ଏମାନଙ୍କ ପାଇଁ ମା ବାପା। ମା ବାପା ଯଦି ଗରିବ ମାନଙ୍କ ଜୀଇଁବା ପାଇଁ ଯୋଜନା ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ଦିଅନ୍ତେ ତେବେ ସ୍ୱାଭିମାନ ସୃଷ୍ଟି ହୁଅନ୍ତା ସେମାନଙ୍କ ମନରେ। କାମ କରିବାର ମର୍ଯ୍ୟାଦା ଅନୁଭବ କରନ୍ତେ ସେମାନେ। ପ୍ରଧାନମନ୍ତ୍ରୀ ଦୁଇ ଟ୍ରିଲେଅନ୍ ଡଲାର ଅର୍ଥନୀତି କୋଡିଏ ହଜାର ଟ୍ରିଲେଅନ କରିବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ଏହା ଶୁଣି ଭରସା ଆସୁଛି ମନରେ ଦିନେ ନା ଦିନେ ଦୁଃଖ ଯିବ ବୋଲି। ମେଡ଼ ଇନ୍ ଇଣ୍ଡିଆ ନୀତି କାର୍ଯ୍ୟକାରୀ ହେଲେ ନିଯୁକ୍ତିର ବାଟ ଫିଟିଯିବ। ସେତେବେଳକୁ ଏଇ ବଳକା ଶ୍ରମଜୀବୀମାନଙ୍କୁ ଯଦି କୁଶଳୀ ହେବା ପାଇଁ ପ୍ରଶିକ୍ଷଣ ଦବା ବ୍ୟବସ୍ଥା ହୁଅନ୍ତା ତେବେ ରାଜ୍ୟ ବାହାରକୁ ଗଲେ ମଧ୍ୟ ସେମାନଙ୍କ ରୋଜଗାର ବଢ଼ନ୍ତା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ୍: ୯୪୩୭୧୬୩୫୨୮**



# ଭୋକିଲାର ସ୍ୱର

କିଶୋର ଚନ୍ଦ୍ର ବେହେରା



କ୍ଷୁଧା ମଣିଷର ଏକ ଅନିବାର୍ଯ୍ୟ ଆବଶ୍ୟକତା। ଜୀଇଁବା ପାଇଁ ପେଟରେ ଦାନା ଦି ମୁଠା ପଡ଼ିବା ନିହାତି ଜରୁରୀ। ଭୋକିଲା ପେଟରେ କିଏ ବା ରହିପାରିବ ? ଦି ଗୁଣ୍ଡା ଖାଇଲେ ତ ଦି ଓଳି କାମ କରିବ। ଭୋକିଲା ପେଟରେ ନିରାଶ ମନରେ ସବୁକିଛି ଦୁଃର୍ବିସହ ଲାଗେ। ମଣିଷ ଆଶା ହରାଇବସେ। ଖାଇବା ଅର୍ଥାତ କ୍ଷୁଧା ବା ଭୋକକୁ ନିଜର ପ୍ରାଥମିକତା ମନେକରେ। ଚିନ୍ତା କରେ କଣ କଲେ ପେଟରେ ଦାନା ପଡ଼ିବ। ନିଜେ ବଞ୍ଚିଲେ ତ ପରିବାର ମୁହଁରେ କ'ଣ ଦିଟା ଖାଇବାକୁ ଦେବ। ଏସବୁ କେବଳ ମନର କଥା ନୁହେଁ ବରଂ ବର୍ତ୍ତମାନ ସମୟରେ ସମାଜରେ ଘଟୁଥିବା ଏକ ବାସ୍ତବ ଚିତ୍ର। ସମାଜିକ ପ୍ରାଣୀ ଭାବରେ ମଣିଷ ନିଜକୁ ସବୁବେଳେ ନିଜ କର୍ମମୟ ଜୀବନ ଭିତରେ ବ୍ୟସ୍ତ ରଖିଥାଏ। କାରଣ ଟଙ୍କା ଉପାର୍ଜନ କଲେ ନିଜ ପରିବାର ପ୍ରତିପୋଷଣ କରିବ। ସମାଜର ସବୁଶ୍ରେଣୀର ଲୋକ ବସବାସ କରନ୍ତି। ସମସ୍ତେ ତ ଧନୀ ଘର ପିଲା ହୋଇ ଜନ୍ମ ହୁଅନ୍ତିନି। ନିୟତି କାହା କପାଳରେ କଣ ଲେଖିଛି ସେକଥା କେବଳ ସେ ହିଁ ଜାଣେ। ଆମ ସମାଜରେ ବିଭିନ୍ନ ବର୍ଗର ଲୋକ ନିଜ ପରିବାର ପାଇଁ ଅହରହ ସଂଗ୍ରାମ କରୁଛନ୍ତି। ସେ ସଂଗ୍ରାମରେ ସାମିଲ ହୁଏ ଟଙ୍କା ଉପାର୍ଜନ କରିବାର ମାଧ୍ୟମ। କି'ଏ ଶିକ୍ଷକତା ତ କି'ଏ ଡ଼ାକ୍ତର ଅବା କି'ଏ ଇଂଜିନିୟର ଏମିତି ଅନେକ କିଛି ମାଧ୍ୟମରେ। କିନ୍ତୁ ନିମ୍ନ ବର୍ଗର ଲୋକଙ୍କ କଥା ଯଦି ଚିନ୍ତା କରାଯାଏ , ତାହେଲେ ଟଙ୍କାର ମୂଲ୍ୟ କ'ଣ ସେମାନେ ହିଁ ଉପଲବ୍ଧ କରିପାରନ୍ତି। ଦିନରେ ଦି ଓଳି ଖାଇନପାରିବାର ଦୁଃଖକୁ ପ୍ରତିଟି ମୁହୂର୍ତ୍ତରେ ବେଶ ପାଖରୁ ଅନୁଭବ କରନ୍ତି। ବୁଝି ପାରନ୍ତି ଭୋକର ପ୍ରକୃତ ଅର୍ଥକୁ। ଭୋକ ପାଇଁ ଯେଉଁ ସଂଗ୍ରାମ କରିବାକୁ ପଡ଼େ ତାହାକୁ ମର୍ମେମର୍ମେ ବୁଝିପାରନ୍ତି। ଆଉ ଏଇଠାରୁ ହିଁ ଜନ୍ମ ନିଏ ଶ୍ରମିକ ହେବାର ଅନୁଚିନ୍ତା। ଆଜି ମଧ୍ୟ ଭାରତରେ ଲୋକେ ଖାଲି ପେଟରେ ଶୋଇବାକୁ ଶୋଇବାକୁ ବାଧ ହେଉଛନ୍ତି। ଦେଶ ଜନସଂଖ୍ୟାର ଏକ ବୃହତ୍ତର ଅଂଶକୁ ପୁଷ୍ଟିକର ଖାଦ୍ୟ ମିଳିପାରୁ ନାହିଁ। ଦେଶରେ ପ୍ରଗତିର ଡିଣ୍ଡିମ ପିଟା ଚାଲିଛି, କିନ୍ତୁ ବାସ୍ତବରେ ଆମେ କୁପୋଷଣ ବା ଅପପୁଷ୍ଟି ବିରୋଧରେ ଲଢ଼େଇ କରି ବିଜୟର ନିକଟତର ହୋଇପାରି ନାହୁଁ। କ୍ଷୁଧା ପ୍ରଶ୍ନ ଉପରେ ଆମେ ଲଗାତାର ଭାବରେ ପଛେଇ ଚାଲିଛୁ।

ସାମାଜିକ ଗଣମାଧ୍ୟମ, ଶିକ୍ଷାଗତ ଚାପ, ଆର୍ଥିକ ଅସୁରକ୍ଷା, ପରିଚୟ ସଙ୍କଟ ଏବଂ ନିଜକୁ ପ୍ରମାଣ କରିବାର ନିରନ୍ତର ଆବଶ୍ୟକତା ଏପରି ଏକ ପରିବେଶ ସୃଷ୍ଟି ହୋଇଛି, ଯେଉଁଠାରେ ଯୁବପିଢ଼ି ପ୍ରତିଦିନ ନିରବରେ ଯୁଦ୍ଧ ଲଢ଼ୁଛି। ଯଦିଓ ସେମାନେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନିଜର କୌଶଳ ପ୍ରକଟ କରିପାରନ୍ତି, ହେଲେ ସେମାନେ ଭାବଗତ ଏକାକୀ ଅନୁଭବ କରନ୍ତି। ସେମାନଙ୍କ ମନର ଚିନ୍ତା, ଆତ୍ମସନ୍ଦେହ, ଭବିଷ୍ୟତ ନେଇ ପ୍ରଶ୍ନ ସମାଧାନ ନ ହୋଇ ଆଘାତରେ ପରିପୂର୍ଣ୍ଣ ହୋଇ ଚିତ୍କାର କରୁଛି। ତଥାପି ଯୁବପିଢ଼ି ସମ୍ମୁଖୀନ ହେଉଥିବା ସମସ୍ୟାକୁ ପ୍ରାୟତଃ ସମାଜ ଦ୍ୱାରା ଅଣଦେଖା କରାଯାଇ ଏଡ଼ାଇ ଦିଆଯାଏ। ମାନସିକ ସ୍ୱାସ୍ଥ୍ୟ, ବ୍ୟକ୍ତିତ୍ୱକୁ ଅନ୍ୟମାନେ ବିଚାର କରିବାର ଭୟ, କିମ୍ବା ସୁରକ୍ଷିତ ସ୍ଥାନର ଅଭାବ କାରଣରୁ ସେମାନଙ୍କୁ ନିରବରେ କଷ୍ଟ ଭୋଗିବାକୁ ବାଧ କରେ। ସାଧନ ଠାରୁ ଅଧିକ। ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି। ମାନସିକ ଅବସାଦ, ଆତ୍ମହତ୍ୟା, ନିଶା ସେବନ, ଅସାମାଜିକ କାର୍ଯ୍ୟ କଳାପରେ ନିବୃତ୍ତ ହୋଇଯାଉଛନ୍ତି। ତେବେ ଆସନ୍ତୁ ଜାଣିବା ଆଜିର ଯୁବପିଢ଼ି ସମ୍ମୁଖୀନ ହେଉଥିବା କିଛି ଆହ୍ୱାନ ଓ ସମସ୍ୟା ବିଷୟରେ। ବିଳାସ ପୂର୍ଣ୍ଣ ହେଉବା ଲୋକ ଦେଖାଣିଆ ଜୀବନ ବିତାଇବା ପାଇଁ ଆଜିର ଯୁବପିଢ଼ି ଅଧିକ ଆଗ୍ରହୀ। କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବା ପାଇଁ ସେମାନେ ଟଙ୍କା ରୋଜଗାରର ମାଧ୍ୟମ ଖୋଜି ଥାନ୍ତି। ଏଭଳି ସ୍ଥଳରେ ଅନଲାଇନ ଲୋନ ଆପ ହାବୁଡରେ ପଡି ଥାନ୍ତି। କ୍ଲିକ କରନ୍ତୁ ଲୋନ ପାଆନ୍ତୁ। ସହଜରେ ଲୋନ ପାଇବା ଆଶାରେ ଋଣର ଶିକାର ହୋଇଥାନ୍ତି। ବିନା କଷ୍ଟରେ, ବିନା କାଗଜ ପତ୍ରରେ କିମ୍ବା ବ୍ୟାଙ୍କକୁ ଧାଁଦଉଡ ନକରି ମୋବାଇଲ ଆପ ମାଧରେ ଲୋନ ମିଳିଯାଏ। ପରବର୍ତ୍ତୀ ସମୟରେ ସୁଧ ଗଣୁ ଥିଲେ ମଧ ମୂଳ ସହଜରେ ଶୁଝିହୁଏ ନାହିଁ।



ବେକାରୀ ହେଉଛି ଭାରତର ଯୁବପିଢ଼ିଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା। ଏକ ସର୍ବେକ୍ଷଣ ସଂସ୍ଥାର ବିବୃତି ଅନୁଯାୟୀ, ୧୫-୩୪ ବର୍ଷ ବୟସ ବର୍ଗର ପ୍ରାୟ ୩୬% ଭାରତୀୟ ବିଶ୍ୱାସ କରନ୍ତି ଯେ ବେକାରୀ ହେଉଛି ଦେଶର ସବୁଠାରୁ ବଡ଼ ସମସ୍ୟା। ୩୦% ରୁ ଅଧିକ ଭାରତୀୟ ଯୁବକ ଯୁବତୀ ବେକାର ଏବଂ କୌଣସି ଶିକ୍ଷା କିମ୍ବା ତାଲିମରେ ଜଡିତ ନୁହନ୍ତି।

ଖାଦ୍ୟ ଅପଚୟ ରୋକିବା ପାଇଁ ପୃଥିବୀର କୌଣସି ଦେଶରେ କଠୋର ଆଇନ ପ୍ରଣୟନ କରାଯାଇ ନାହିଁ। ଭାରତ ଭଳି ଦେଶରେ ବିବାହ, ବ୍ରତ ଆଦି ସାମାଜିକ ଉତ୍ସବରେ ଯେତିକି ଖାଦ୍ୟ ନଷ୍ଟ ହୁଏ, ତାହା ଲକ୍ଷ ଲକ୍ଷ ଲୋକଙ୍କର ଭୋଜନ ଚାହିଦା ପୂରଣ କରି ପାରନ୍ତା। ମାତ୍ର ଏ ଦିଗରେ କଠୋର ଆଇନ କିମ୍ବା ବିଶେଷ କିଛି ସଚେତନତା ସୃଷ୍ଟି କରାଯାଇନାହିଁ। ଦୈନିକ ସମଗ୍ର ମନୁଷ୍ୟ ଜାତି ଯେତିକି ଖାଦ୍ୟ ନଷ୍ଟ କରେ, ତାହା ଅତି କମ୍‌ରେ ୧୦ ଲକ୍ଷ ଲୋକଙ୍କ ଭୋକ ମେଣ୍ଟାଇପାରିବ। ଫଳରେ ଖାଦ୍ୟ ନଷ୍ଟ ହେଉଛି, ଭୋକିଲା ଲୋକେ ମୃତ୍ୟୁ ମୁଖରେ ପଡୁଛନ୍ତି। ଖାଦ୍ୟ ଅପଚୟ ରୋକିବା ଲାଗି ସଚେତନତା ସୃଷ୍ଟି ଉଦେଶ୍ୟରେ ଅଳ୍ପ କିଛି ସଙ୍ଗଠନ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କ ଭୂମିକା ନଗଣ୍ୟ ରହିଛି। ଏକ ପରିସଂଖ୍ୟନ ଅନୁଯାୟୀ, ଓଡିଶାରେ ପ୍ରତିବର୍ଷ ୧୦୦ ଏକରରୁ ଅଧିକ ଚାଷ ଜମିରେ କୋଠାବାଡି ନିର୍ମାଣ ହେବା ଯୋଗୁଁ ସେହି ଅଞ୍ଚଳର ପାରମ୍ପରିକ ଚାଷ ଗଭୀର ଭାବେ ପ୍ରଭାବିତ ହେଲାଣି। ଚାଷ ପ୍ରତି ଲୋକଙ୍କ ଅନାଗ୍ରହ ଭାବ ଦୂର କରି ଅଧିକ ଯୁବଶକ୍ତିକୁ କୃଷି କାର୍ଯ୍ୟରେ ନିୟୋଜିତ କରିବା ଏହି କ୍ଷେତ୍ରରେ ଅଧିକ କର୍ମ ସଂସ୍ଥାନ ସୃଷ୍ଟି କରିବା ଏବଂ ଚାଷ ଜମିକୁ ଅଣକୃଷି କାର୍ଯ୍ୟରେ ବ୍ୟବହାର ନିରୁତ୍ସାହିତ କରିବା ପାଇଁ ଉଦ୍ୟମ ହେବା ଆଜିର ଆବଶ୍ୟକତା ହେଲାଣି। ବଞ୍ଚିବା ପାଇଁ ଖାଦ୍ୟ ଓ ଜଳ ନିତାନ୍ତ ଆବଶ୍ୟକ। ମାତ୍ର ଈଶ୍ୱର ଓ ପ୍ରକୃତି ଦତ୍ତ ଏହି ୨ଟି ଉତ୍ସକୁ ବିକାଶ ନାମରେ ବିନାଶ କରିବାରେ ଲାଗି ପଡିଛି ମନୁଷ୍ୟ ଜାତି। ବିଶ୍ୱ କ୍ଷୁଧା ସୂଚକାଙ୍କ ବିଭିନ୍ନ ଦେଶର କ୍ଷୁଧାର୍ତ୍ତଙ୍କ ସ୍ଥିତିକୁ ଯଦି ପର୍ଯ୍ୟବେକ୍ଷଣ କରିବା ତେବେ ବିଭିନ୍ନ ଦେଶରେ ହା-ଅନ୍ନ ଚିତ୍କାର କରୁଥିବା କ୍ଷୁଧାରେ ଜର୍ଜରିତ ଲୋକଙ୍କ ଅସଲ ଚିତ୍ର ପ୍ରଦାନ କରିଥିବା ଏହି ବିଶ୍ୱ କ୍ଷୁଧା ସୂଚକାଙ୍କ ସେହି ଦେଶମାନଙ୍କର ବିକାଶର ଅସଲ ଚେହେରାକୁ ପ୍ରକଟ କରିବାରେ ସହାୟକ ହୋଇଛି।

ଯଦି ଭାରତ ଉପରେ ନଜର ପକାଇବା, ତେବେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ଆମ ଦେଶ କ୍ଷୁଧାର୍ତ୍ତଙ୍କ ବିଶ୍ୱର ରାଜଧାନୀ କୁହାଯିବ। ୨୦୨୫ ବିଶ୍ୱ ଭୋକିଲା ଦେଶ ତାଲିକାରେ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ମ୍ୟାନମାର ଭଳି ଛୋଟ ଛୋଟ ଦେଶ ପଛରେ ପଡିଛି ଭାରତ ଦେଶ। ଏଭଳି କି ଗୃହଯୁଦ୍ଧ ଓ ଏକଉତ୍ତ୍ରବାଦ ଶାସନାଧିନ ରାଷ୍ଟ୍ର ଉତ୍ତରକୋରିଆ, ରୁଆଣ୍ଡା, ସିଏରାଲିଓନ, ଆଫ୍‌ଗାନିସ୍ଥାନ ଓ ହାଇତି ଭଳି ଦେଶ ତୁଳନାରେ ମଧ ଭାରତର ସ୍ଥିତି ଖରାପ। ସାଧାରଣତଃ ୪ଟି ବିଭାବକୁ ଭିତ୍ତିକରି ପ୍ରସ୍ତୁତ ହୁଏ ବୈଶ୍ୱିକ କ୍ଷୁଧାସୂଚୀ। ସେଗୁଡ଼ିକ ହେଲା ପୁଷ୍ଟିହୀନତା ବା କୁପୋଷଣ, ଶିଶୁ ଅପଚୟ ବା ଚାଇଲ୍ଡ ୱେଷ୍ଟିଙ୍ଗ, ଶିଶୁ ଗେଡାହେବା ବା ଚାଇଲ୍ଡ ଷ୍ଟଂଟିଂ, ଓ ଶିଶୁ ମୃତ୍ୟୁହାର। ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭିନ୍ନ ଭିନ୍ନ ବିଭାଗଭୁକ୍ତ କରାଯାଇଛି ଓ ବିଭିନ୍ନ ଦେଶକୁ ସର୍ବନିମ୍ନ କ୍ଷୁଧା ବିଭାଗ, ମଧ୍ୟମ ଧରଣ, ଗୁରୁତର, ଉଦ୍‌ବେଗଜନକ ଏବଂ ଅତ୍ୟନ୍ତ ଉଦ୍‌ବେଗଜନକ କ୍ଷୁଧା ବିଭାଗ ସନ୍ନିବେଶିତ କରାଯାଇଛି। ଭାରତ ଗୁରୁତର କ୍ଷୁଧା ବିଭାଗ ମଧ୍ୟରେ ବିଶ୍ୱର ୪୭ଟି ଦେଶ ସହିତ ରହିଛି। ୟୁନିସେଫ୍, ବିଶ୍ୱବ୍ୟାଙ୍କ, ଖାଦ୍ୟ ଓ କୃଷି ସଙ୍ଗଠନ ତଥା ଜାତିସଂଘ ଓ ଅନ୍ୟାନ୍ୟ ବହୁ ଦେଶୀୟ ସଙ୍ଗଠନରୁ ସଂଗୃହୀତ ତଥ୍ୟାବଳୀ ଆଧାରରେ ଶିଶୁର ଶାରୀରିକ ବିକାଶ ଓ ମୃତ୍ୟୁହାରକୁ ଅଧ୍ୟୟନ କରି ସାବ୍ୟସ୍ତ ହୁଏ ପୁଷ୍ଟିହୀନତାର ସ୍ତର। ସମସ୍ତପ୍ରକାର ଉଦ୍ୟମ ସତ୍ତ୍ୱେ ବିଶ୍ୱବ୍ୟାପୀ ବିଭିନ୍ନ ଦେଶ ଭୋକିଲାଙ୍କ ସଂଖ୍ୟା ହ୍ରାସ କରିବାରେ ଅସମର୍ଥ ରହୁଛନ୍ତି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ଯୋଗୁଁ ପ୍ରତ୍ୟେକ ବ୍ୟକ୍ତିର ଆୟର ହାରରେ ବୃଦ୍ଧି ଘଟିଥାଏ। ଏହା ସାଙ୍ଗକୁ ଦେଶର ସାଧାରଣ ରାଜସ୍ୱରେ ମଧ ବୃଦ୍ଧି ଲକ୍ଷ୍ୟ କରାଯାଇଥାଏ। ଏହାର ଉପଯୋଗ ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ହିଁ ହୋଇଥାଏ। କିନ୍ତୁ କ୍ଷୁଧା ସୂଚକାଙ୍କ ରିପୋର୍ଟ ପ୍ରକାଶ ପରେ ଚିନ୍ତାର ବିଷୟ ଭାରତରେ ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ତଥା ସାମାଜିକ ପ୍ରଗତି ମଧ୍ୟରେ ଯେଉଁ ସମ୍ପର୍କ ରହିଛି, ସେ ବିଷୟରେ ଦୀର୍ଘକାଳ ଧରି ଗଭୀର ବିଶ୍ଳେଷଣ କରିବାର ମହତ୍ୱ ଭାରତୀୟ ରାଜନୀତି ଏବଂ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ପ୍ରାଚୀନ ଭାରତର ଏକ ନିଆରା ପରମ୍ପରା: ଅଗ୍ନ୍ୟୁତ୍ସବ

ରୀତା ସ୍ୱାଇଁ



ଅଗ୍ନ୍ୟୁତ୍ସବ ପାଳନ କରିବା ପ୍ରାଚୀନ ଭାରତର ଏକ ପରମ୍ପରା। ବେଦ ପୁରାଣ, ଧର୍ମଶାସ୍ତ୍ରରେ ଅଗ୍ନିର ସୃଷ୍ଟି, ସୁରକ୍ଷା ଓ ଅଗ୍ନି ଉଦ୍ଦେଶ୍ୟରେ ଉତ୍ସବ ପାଳନ ନିମିତ୍ତ ନାନାପ୍ରକାର ବିଧିବିଧାନ ଉଲ୍ଲେଖ କରାଯାଇଛି। ସୃଷ୍ଟିର ମୂଳ ଉପାଦାନ କ୍ଷିତି, ଅପ୍, ତେଜ୍, ମରୁତ ଓ ବ୍ୟୋମ ଏହି ପଞ୍ଚମହାଭୂତ ମଧ୍ୟରେ ତେଜ ହେଉଛି ଅଗ୍ନି। ପଞ୍ଚମହାଭୂତ ମଧ୍ୟରୁ ଜଳ, ଅଗ୍ନି ଓ ବାୟୁ ଦ୍ୱାରା ଜୀବ ପ୍ରାଣ ଧାରଣ କରେ। ତେଣୁ ଅଗ୍ନିକୁ ମାନବ ସଭ୍ୟତାର ଶ୍ରେଷ୍ଠ ଉପାଦାନ ରୂପେ ଗ୍ରହଣ କରାଯାଇଛି। ମାଘ ପୂର୍ଣ୍ଣିମା ବା 'ଅଗିରା' (ଅଇଘରା) ବା ଅଗିଜଳା ପୂର୍ଣ୍ଣିମା ମାଘ ମାସର ଶେଷ ଉତ୍ସବ। ଗାଁ ଗହଳରେ ଲୋକେ ଏହାକୁ 'ଅଗିରା ପୂନେଇଁ' ବୋଲି କହନ୍ତି। ଏହା ଏକ ଗଣଉତ୍ସବ। ଏହି ଉତ୍ସବରେ ଅଗ୍ନି ଦେବତାଙ୍କୁ ପୂଜା କରାଯାଏ। ଏହା ମୁଖ୍ୟତଃ ଏକ ଗ୍ରାମ୍ୟ ପର୍ବ ହୋଇଥିବାରୁ କୃଷିବହୁଳ ଭାରତରେ କୃଷକମାନେ ଆନନ୍ଦରେ ଶୀତକୁ ବିଦାୟ ଦେଇ ଗାଁ ମୁଣ୍ଡରେ ନିଆଁ ଜାଳି ନାନା ମନଫୁଲାଣିଆ ଗୀତ ମାଧ୍ୟମରେ ବସନ୍ତକୁ ଅଭିନନ୍ଦନ ଜଣାନ୍ତି। ଅଗିରା ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଥିବା ଏହି ଅଗ୍ନି ଉତ୍ସବ ଦୋଳପୂର୍ଣ୍ଣିମା ପରଦିନ 'ମେଣ୍ଢାଘର ପୋଡ଼ି' କାର୍ଯ୍ୟକ୍ରମ ଦ୍ୱାରା ଶେଷ ହୁଏ।

'ଅଗି ଜଳିଲା, ଶୀତ ଟଳିଲା' ଏହି ଲୋକବାଣୀଟି ଓଡ଼ିଶାରେ ବେଶ୍ ପରିଚିତ। ଯାହାର ଅର୍ଥ ହେଉଛି ଅଗିଜଳା ଦିନଠାରୁ ଶୀତର ପ୍ରଭାବ କମେ। ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଖରା ଆସିବାର ଥାଏ। ପଛରେ ରହିଯାଇଥାଏ ମଞ୍ଜଥରା ଶୀତର ପ୍ରକୋପ। ଆସନ୍ତା ଗ୍ରୀଷ୍ମ ଓ ଫେରନ୍ତା ଶୀତର ମିଶ୍ରଣରେ ଅନୁଭୂତ ହୁଏ ଋତୁରାଜ ବସନ୍ତ। ଏହି ସମୟକୁ ବିଭିନ୍ନ ପର୍ବପର୍ବାଣୀ ଓ ଖୁସି ଉଲ୍ଲାସରେ ଉପଭୋଗ କରନ୍ତି। ଏହା ମୁଖ୍ୟତଃ ଅଗ୍ନିଦେବତାଙ୍କ ପୂଜା। ଅଗ୍ନିଦେବତାଙ୍କ ପୂଜା ସାଧାରଣତଃ ଶ୍ରୀପଞ୍ଚମୀ ଦିନଠାରୁ ଆରମ୍ଭ ହୋଇଥାଏ। ଏହାର କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି। ତାଙ୍କ ନିକଟରେ ହେଉଥିବା ହୋମ ହିଁ ପ୍ରଥମ ଅଗ୍ନିପୂଜା ବୋଲି ବିଚାର କରାଯାଏ। ଅଗିରା ପୂନେଇଁ ଦିନ ଅଗ୍ନିଙ୍କ ଶ୍ରେଷ୍ଠ ଉତ୍ସବ ପାଳନ ହୁଏ। ସତ୍ୟଯୁଗରେ ଅଗ୍ନିଦେବ ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥି ମହାବିଷ୍ଣୁଙ୍କ ମୁଖରୁ ଜନ୍ମଲାଭ କରିଥିଲେ। କଳିଯୁଗରେ ଅଗ୍ନିଦେବ ମାଘମାସ ପୂର୍ଣ୍ଣିମାରେ ଜନ୍ମ ହୋଇଥିଲେ। ମେଷ ରୂପରେ କଳିକୁ ବଳି ବାନ୍ଧି ରଖିଥିଲେ। ମାଘ ପୂର୍ଣ୍ଣିମା ଦିନ ହରି ତାଙ୍କୁ ମୁକ୍ତ କରିଥିଲେ । ଦୁଷ୍ଟ କଳି ପକ୍ଷୀ ରୂପହୋଇ ସେଠାରୁ ଉଡ଼ିଗଲା ଓ କୃଷ୍ଣଙ୍କ ଯିବା ବାଟରେ ଏକ ବରଗଛରେ ବସିଲା। ଯେତେବେଳେ କୃଷ୍ଣ ସେ ବରଗଛ ତଳକୁ ଗଲେ କଳି ତାଙ୍କ ମୁଣ୍ଡ ଉପରେ ପରିସ୍ରା କରିପକାଇଲା। ତେଣୁ ଭଗବାନ କ୍ରୋଧରେ ନିଜ ଶରୀରରୁ ଅଗ୍ନି ଜାତକରି କଳିକୁ ପୋଡ଼ି ପକାଇଲେ। କଳି ଦରପୋଡ଼ା ହୋଇ ଭଗବାନଙ୍କ ପାଦତଳେ ପଡ଼ିଲା। ଅଗ୍ନିକୁ ଭଗବାନ କହିଲେ ଯେ ଆଜି ମୋ ଦେହରୁ ତୁମେ ଜାତ ହୋଇଥିବାରୁ ପ୍ରତି ମାଘ ପୂର୍ଣ୍ଣିମାରେ ମଣିଷମାନେ ତୁମର ଜନ୍ମ ଉତ୍ସବ ପାଳନ କରିବେ। ଭଗବାନ କୃଷ୍ଣ ଅଗ୍ନିଙ୍କୁ ଜାତ କରିବା ପରେ ତାଙ୍କ ଜନ୍ମ ଉତ୍ସବ ପାଳନ କଥା କହି ଏହା କହିଥିଲେ ଯେ କଳିଯୁଗରେ ଯେତିକି ସ୍ନାନ, ଦାନ ଶେଷରେ ମଣିଷମାନେ ତୁମର ହୋମଯଜ୍ଞ କରିବେ। ତୁମ ମୁହଁରେ କୁଟା, କାଠ ଆଦି ଦ୍ରବ୍ୟ ନ ପକାଇ ଯେଉଁଲୋକ ତୁମର ଜନ୍ମବିଧି ପାଳନ ନ କରିବ ତାର ବାସଗୃହ ତୁମେ ଭକ୍ଷଣ କରିବ। ଏହାପରେ ଭଗବାନ ରାଜା ଯୁଧିଷ୍ଠିରଙ୍କୁ ଆଦେଶ ଦେଲେ ଯେ ନିଜ ରାଜ୍ୟରେ ଅଗ୍ନ୍ୟୁତ୍ସବ ପାଳନ କର। କୃଷ୍ଣଙ୍କ ଆଦେଶରେ ଧର୍ମରାଜ ଯୁଧିଷ୍ଠିର ଅଗ୍ନି ଉତ୍ସବ ପାଳନ କଲେ।



ଏହି ଉତ୍ସବ ପାଇଁ ଗାଁ ମୁଣ୍ଡର ଏକ ଖୋଲାଜାଗା ଗୋବରରେ ଲିପାହୋଇ ପ୍ରତ୍ୟେକ ଗୃହସ୍ଥ ଘରୁ ଅଗ୍ନିଭୋଜ୍ୟ ପଦାର୍ଥ ଅଣାଯାଏ। ନଡ଼ା, ଛଣ ଆଦିକୁ ଦେଉଳ ଆକାରରେ ଜମା କରାଯାଏ। ପ୍ରଥମେ ବ୍ରାହ୍ମଣ ମନ୍ତ୍ର ପଢ଼ି ଛଣରେ ନିଆଁ ଲଗାନ୍ତି। ଗୋଟିଏ ଛଣବିଡ଼ାରେ ନିଆଁ ଲଗାଇ ସେ ସାତଥର ବୁଲିଆସି ଛଣଗଦାରେ ନିଆଁ ଲଗାଇଥାନ୍ତି। ଅଗ୍ନି ଜଳିବା ସମୟରେ ଲୋକେ ହରିବୋଲ ହୁଳହୁଳି ଦିଅନ୍ତି। କୀର୍ତ୍ତନ ମଧ୍ୟ ଆରମ୍ଭ ହୋଇଥାଏ। ନିଆଁ ଉପରକୁ ଆଳୁ, ସାରୁ ବାଇଗଣ ଆଦି ପକାଇ ତାକୁ ପରେ ପ୍ରସାଦ ରୂପେ ଗ୍ରହଣ କରାଯାଏ। ତାହାକୁ ଖାଇଲେ କୌଣସି ଚର୍ମରୋଗ ହୁଏ ନାହିଁ ବୋଲି ଲୋକମତ ରହିଛି। ଜଳୁଥିବା ଅଗ୍ନି ଯେଉଁଆଡ଼କୁ ଢଳେ, ସେହିଆଡ଼କୁ ଭଲ ଫସଲ ହୁଏ ବୋଲି ଲୋକମାନଙ୍କର ଧାରଣା ରହିଆସିଛି। ଲୋକମାନେ ଘରକୁ ଫେରିବା ସମୟରେ କିଛି କିଛି ପାଉଁଶ ନେଇ ଯାଇଥାନ୍ତି। ଏହି ପାଉଁଶ ଜମିରେ ଦେଲେ ଭଲ ଫସଲ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ସେଦିନ ସମସ୍ତଙ୍କ ମନରେ ପରସ୍ପର ପ୍ରତି ସଦ୍‌ଭାବନା ଜାଗ୍ରତ ହୁଏ। ସତେଯେମିତି ମନର ସମସ୍ତ କଳୁଷ ଅଗ୍ନିରେ ପୋଡ଼ିହୋଇ ମନ ଶୁଦ୍ଧ ହୋଇଯାଇଛି। କୁହାଯାଏ ଶୀତଦିନେ ବାଇଗଣ ଖାଇବା ଦେହପକ୍ଷେ ଅହିତକର। ଏହି ଅଗିରା ପୂନେଇଠାରୁ ପୁଣି ବାଇଗଣ ଖାଇବା ବିଧେୟ। ଅଗିରା ପୂନେଇଁ ଏକ କୃଷିଭିତ୍ତିକ ପର୍ବ ଭାବେ ମଧ୍ୟ ଗ୍ରହଣୀୟ। କୃଷିକାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା ଲଙ୍ଗଳ, ଶାବଳ, କୋଡ଼ି, କୋଦାଳ ଓ ଦାଆ ପରି ଲୁହା ଯନ୍ତ୍ରପାତି କମାରଶାଳରେ ନିଆଁ ଭିତରେ ପ୍ରସ୍ତୁତ ହୁଏ। ତେଣୁ କମାରଶାଳର ଇଷ୍ଟଦେବ ହେଉଛନ୍ତି ଅଗ୍ନି। ଅଗ୍ନି ଉତ୍ସବ ପରେ ଲୋକମାନେ ଘର ଛପର କରନ୍ତି। କୁହାଯାଏ ଘରପୋଡ଼ି ଠାରୁ ବିପତ୍ତି ନାହିଁ, ତେଣୁ ଘରକୁ ନିଆଁ ଦାଉରୁ ବଞ୍ଚାଇବା ପାଇଁ ଅଗ୍ନି ଦେବତାଙ୍କୁ ଶାନ୍ତ କରିବା ହେଉଛି ମାଘ ପୂର୍ଣ୍ଣିମା ଦିନ ଅଗ୍ନି ଉତ୍ସବର ଉଦ୍ଦେଶ୍ୟ। ଓଡ଼ିଶାରେ ଅଗିରା ପୂନେଇ ଦିନ ଅଗ୍ନି ଉତ୍ସବ ପାଳନ ହେଉଥିବାବେଳେ ଅଞ୍ଚଳଭେଦରେ ଅନ୍ୟ ସମୟରେ ମଧ୍ୟ ଅଗ୍ନିଉତ୍ସବ ପାଳନ ହୁଏ। ପୁରୀ ଜିଲ୍ଲାରେ ଏହା ନିଆରା ଢଙ୍ଗରେ ପାଳନ କରାଯାଏ। କଟକ ଜିଲ୍ଲାରେ ଏହି ଉତ୍ସବକୁ 'ମେଣ୍ଢାକୁଡ଼ିଆ ପୋଡ଼ି' କହନ୍ତି। ସେହିପରି ବାଲେଶ୍ୱର ଜିଲ୍ଲାରେ ଏହାକୁ 'ମେଣ୍ଢାଘର ପୋଡ଼ି' କହନ୍ତି।

ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ ମାଘ ମାସରେ ଶୁଷ୍କପତ୍ର ସବୁ ବୃକ୍ଷ ତ୍ୟାଗକରି ବସନ୍ତ ସ୍ପର୍ଶରେ ନବପଲ୍ଲବିତ ହୁଏ। ଜାତିଜାତି ଫୁଲରେ ଧରା ହୋଇଯାଏ ଆନନ୍ଦ ମୁଖର। ଏଣୁ ପତିତ ପତ୍ର ଓ ଧାନ ଅମଳଜନିତ କୁଟା, ନଡ଼ା ସବୁ ଏକତ୍ର କରାଯାଇ ଅଗ୍ନି ସଂଯୋଗ କରାଯାଏ। ଫଳରେ ଗ୍ରାମ୍ୟଦାଣ୍ଡ ପରିଷ୍କାର ପରିଚ୍ଛନ୍ନ ହୁଏ ଓ ଅଳିଆ ସବୁ ଦୂର ହୁଏ। ଅଗ୍ନିଜଳା ପାଉଁଶ ମଧ୍ୟ ସାର ରୂପେ ବ୍ୟବହୃତ ହୁଏ। ଫାଲ୍‌ଗୁନ ମାସର ଫଗୁ ଆଗମନରେ ମନ ପ୍ରାଣ ରଙ୍ଗୀନ୍ ହୋଇଉଠେ। ଆଉ ବଉଳର ବାସ୍ନାରେ ଚତୁର୍ଦ୍ଦିଗ ମହକି ଉଠେ। ମାତ୍ର କୁହୁଡ଼ି ଯୋଗୁଁ ବଉଳ ନଷ୍ଟ ହେବାର ସମ୍ଭାବନା ଅଧିକ ଥାଏ। ଅଗ୍ନିଉତ୍ସବ ଫଳରେ କୁହୁଡ଼ି କମିଯାଏ ଓ ଆମ୍ବବଉଳ ନଷ୍ଟ ହେବାରୁ ରକ୍ଷା ପାଏ। ମାଘ ପରେ ଆସିଥିବା ବସନ୍ତ ଓ ଗ୍ରୀଷ୍ମର ପ୍ରଚଣ୍ଡ ଖରାତାପକୁ ସହ୍ୟ କରିବା ନିମନ୍ତେ ମାଘ ପୂର୍ଣ୍ଣିମାର ଏହି ଅଗ୍ନିସେବନ ମାଧ୍ୟମରେ ମାନବ ଶରୀରକୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରି ରଖେ। ଏହି ମାଘ ପୂର୍ଣ୍ଣିମାରୁ ମଧ୍ୟ 'କଳିଯୁଗ' ଆରମ୍ଭ ହୋଇଥିବା ଶାସ୍ତ୍ରରୁ ଜଣାଯାଏ। ଓଡ଼ିଶାରେ ବହୁ ସାଧକ କବି, ଯଥା-କବିସୂର୍ଯ୍ୟ ବଳଦେବ ରଥ, ଭକ୍ତକବି ମଧୁସୂଦନ, ଅତିବଡ଼ି ଜଗନ୍ନାଥ ଦାସ, ସିଦ୍ଧମୁନି ସାରଳା ଦାସ, ପ୍ରେମିକ କବି ଅଭିମନ୍ୟୁ ପ୍ରଭୃତିଙ୍କର ଜନ୍ମ ଓ ଶ୍ରାଦ୍ଧୋତ୍ସବ ପାଳିତ ହେବା ସଂଗେ ସଂଗେ ତ୍ରିବେଣୀ ଅମାବାସ୍ୟା, କଣ୍ଟିଲୋ ନୀଳମାଧବ ଯାତ୍ରା, ଖଣ୍ଡଗିରି ମେଳା, ଯୋରନ୍ଦା ଗାଦିର ଉତ୍ସବ ସହ ଅନ୍ୟାନ୍ୟ ବହୁ ସାଂସ୍କୃତିକ ଉତ୍ସବ ଏହି ମାଘ ମାସରେ ହିଁ ଅନୁଷ୍ଠିତ ହୋଇଆସୁଛି।

ସର୍ବୋପରି ଅଗ୍ନିଉତ୍ସବ ହେଉଛି ଆମ ସଂସ୍କୃତି, ପରମ୍ପରା ଓ ଜନଜୀବନର ଏକ ଅଙ୍ଗ। ହିନ୍ଦୁଧର୍ମର ପ୍ରକୃତି ପୂଜା ଓ ପ୍ରକୃତି ସହ ସହାବସ୍ଥାନର ଏକ ଉଦାହରଣ ହେଉଛି ଏହି ଅଗିରା ପୂନେଇ ବା ଅଗ୍ନି ଉତ୍ସବ।

**ଖଜରା, କସର୍ଦା, କଟକ, ଫୋନ୍: ୮୯୧୭୬୯୦୮୪୯**

## ପାକିସ୍ତାନକୁ କଡ଼ା ଚେତାବନୀ ଦେଲା ଭାରତ

# ‘ଦେଶ ସ୍ୱାର୍ଥ ପାଇଁ କିଛି ବି କରିବୁ’



ନୂଆଦିଲ୍ଲୀ,୨।୧: ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଏକ ଖରାପ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ। ଏଥିଲାଗି ଭାରତ ନିଜକୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ ଅଧିକାର ରଖିଛି। ଆଇଆଇଟି ମାଡ୍ରାସର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ କହିଛନ୍ତି ଯେ, ଭାରତ ଏହାର ସୁରକ୍ଷା ଏବଂ ଜାତୀୟ ସ୍ୱାର୍ଥକୁ ରକ୍ଷା କରିବ। ଆତଙ୍କବାଦର ମୁକାବିଲା କରିବା ପାଇଁ କୌଣସି ବାହ୍ୟ ଚାପ କିମ୍ବା ପରାମର୍ଶ ଗ୍ରହଣ କରିବ ନାହିଁ।

ଯେତେବେଳେ ଏକ ପଡ଼ୋଶୀ ଦେଶ ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ଜାରି ରଖେ, ସେତେବେଳେ ଭାରତ ନିଜ ଲୋକଙ୍କୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ ଅଧିକାର ଅଛି। ଆମେ ଯାହା ଆବଶ୍ୟକ ତାହା କରିବୁ। ଆପଣ ଆମ ଦେଶରେ ଆତଙ୍କବାଦ ପ୍ରସାର କରିବା ଜାରି ରଖିଥିବା ବେଳେ ଆମେ ଆପଣଙ୍କ ସହିତ ପାଣି ବାଣ୍ଟିବା ପାଇଁ ଆଶା କରିପାରିବୁ ନାହିଁ।

ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଆତଙ୍କବାଦ ପ୍ରତି ଭାରତର ପ୍ରତିକ୍ରିୟା କେବଳ ଭାରତ ଦ୍ୱାରା ସ୍ଥିର କରାଯିବ। ଆମେ ଆମର ଅଧିକାର କିପରି ବ୍ୟବହାର କରିବୁ ତାହା ଆମର ନିଷ୍ପତ୍ତି। କେହି ଆମକୁ କହିପାରିବେ ନାହିଁ ଯେ, ଆମେ କ'ଣ କରିବା ଉଚିତ କିମ୍ବା ନ କରିବା ଉଚିତ। ଆମର ସୁରକ୍ଷା ପାଇଁ ଆମେ ଯାହା ଆବଶ୍ୟକ ତାହା କରିବୁ। ପାକିସ୍ତାନର ନାମ ନ ନେଇ, ଏସ. ଜୟଶଙ୍କର କହିଛନ୍ତି ଯେ, ଅନେକ ଦେଶ ବିପଦପୂର୍ଣ୍ଣ ପଡ଼ୋଶୀର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ଭାରତର ପରିସ୍ଥିତି ଅଧିକ ଗମ୍ଭୀର। କାରଣ ସେଠାରେ ଆତଙ୍କବାଦକୁ ଏକ ରାଷ୍ଟ୍ର ନୀତି ଭାବରେ ବ୍ୟବହାର କରାଯାଇଛି। ଯଦି କୌଣସି ଦେଶ ଜାଣିଶୁଣି ଏବଂ ନିରନ୍ତର ଭାବରେ ଆତଙ୍କବାଦକୁ ପ୍ରୋତ୍ସାହିତ କରେ, ତେବେ ଆମର ଲୋକଙ୍କୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ ଅଧିକାର ଅଛି ଏବଂ ଆମେ ସେହି ଅଧିକାରକୁ ବ୍ୟବହାର କରିବୁ। ସେ ସୀମାପାର ଆତଙ୍କବାଦକୁ ଜଳ ବଣ୍ଟନ ଭଳି ଚୁକ୍ତିନାମା ସହିତ ମଧ ଯୋଡ଼ିଥିଲେ। ଜୟଶଙ୍କର କହିଛନ୍ତି ଯେ, ଭାରତ ଦଶନ୍ଧି ପୂର୍ବରୁ ଜଳ ବଣ୍ଟନ ଚୁକ୍ତିନାମା ସ୍ୱାକ୍ଷର କରିଥିଲା, କିନ୍ତୁ ଏପରି ଚୁକ୍ତିନାମା ଭଲ ପଡ଼ୋଶୀ ସମ୍ପର୍କରେ ଆଧାରିତ। ସୂଚନାଯୋଗ୍ୟ ଏପ୍ରିଲ ପହଲଗାମ ଆକ୍ରମଣ ପରେ ଭାରତ-ପାକିସ୍ତାନ ସମ୍ପର୍କ ଆହୁରି ଖରାପ ହୋଇଯାଇଛି।

# ଇଲେକ୍ଟ୍ରୋନିକ୍ସ ହବ୍ ହେବ ଭାରତ

**ଘରୋଇ ଉତ୍ପାଦନ ବୃଦ୍ଧି ପାଇଁ ୪.୬ ବିଲିୟନ ଡଲାର ଅନୁଦାନ**




ନୂଆଦିଲ୍ଲୀ,୨।୧: ଭାରତ ସରକାର ଦେଶର ଇଲେକ୍ଟ୍ରୋନିକ୍ସ ଯୋଗାଣ ଶୃଙ୍ଖଳାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଶୁକ୍ରବାର ଆଇଟି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦେଶରେ ଇଲେକ୍ଟ୍ରୋନିକ୍ସ ଉପକରଣର ଘରୋଇ ଉତ୍ପାଦନ ବୃଦ୍ଧି ପାଇଁ ୪୬ ହଜାର କୋଟି ଟଙ୍କାର ଅନୁଦାନକୁ ଅନୁମୋଦନ ମିଳିଛି।

ପ୍ରମୁଖ କମ୍ପାନୀ ସାମସଙ୍ଗ, ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ଫକ୍ସକନ୍ ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକ ଏହି ଯୋଜନା ଦ୍ୱାରା ଉପକୃତ ହେବେ। ଏହି ଯୋଜନା ‘ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକ୍ଚରିଂ ସ୍କିମ୍’ ଅଧୀନରେ ସରକାର ୨୨୯.୧୯ ବିଲିୟନ ଟଙ୍କାର ସବସିଡି ପ୍ରଦାନ କରିବେ। ଏହାଦ୍ୱାରା ମୋବାଇଲ୍ ଫୋନ୍ କେସିଂ, କ୍ୟାମେରା ପାର୍ଟସ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଭାରତରେ ନିର୍ମିତ ହେବ। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଦେଶର ୮ଟି ରାଜ୍ୟରେ କାର୍ଯ୍ୟକାରୀ ହେବ ଏବଂ ଏହା ମାଧ୍ୟମରେ ପ୍ରାୟ ୩୪,୦୦୦ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକରୁ ପ୍ରାୟ ୨.୫୮ ଟ୍ରିଲିୟନ ଟଙ୍କାର ସାମଗ୍ରୀ ଉତ୍ପାଦନ ହେବାର ଲକ୍ଷ୍ୟ ରଖାଯାଇଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଉତ୍ପାଦନ ୧୨୫ ବିଲିୟନ ଡଲାର ଥିବାବେଳେ, ସରକାର ୨୦୩୧ ସୁଦ୍ଧା ଏହାକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତ ଏହି ପଦକ୍ଷେପ ମାଧ୍ୟମରେ ଆମଦାନୀ ଉପରେ ନିର୍ଭରଶୀଳତା କମାଇବା ସହ ବିଶ୍ୱସ୍ତରରେ ଏକ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ହବ୍ ଭାବେ ଉଭା ହେବାକୁ ଚେଷ୍ଟା କରୁଛି।

## ସାବରୀମାଳା ମନ୍ଦିରରୁ ସୁନା ଚୋରି ମାମଲା

# ଇସ୍ରୋରୁ ବୈଷୟିକ ସହଯୋଗ ଲୋଡ଼ାଗଲା



ନୂଆଦିଲ୍ଲୀ,୨।୧: ସାବରୀମାଳା ମନ୍ଦିରରୁ ସୁନା ଚୋରି ମାମଲା ରାଜ୍ୟରେ ଏକ ବଡ଼ ରାଜନୈତିକ ପ୍ରସଙ୍ଗ ହୋଇରହିଛି। କେରଳ ହାଇକୋର୍ଟରେ ଏସ୍ଆଇଟିର ଖୁଲାସା ପରେ ଏହି ମାମଲା ଆହୁରି ବଡ଼ ହୋଇଛି। ଏବେ ଏସ୍ଆଇଟି ଚୋରିର ସନ୍ଧାନ ପାଇଁ ଇସ୍ରୋର ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ର ଠାରୁ ବୈଷୟିକ ସହାୟତା ଲୋଡ଼ିଛି। ମହାକାଶ ବୈଜ୍ଞାନିକମାନେ ସାବରୀମାଳା ମନ୍ଦିରର ବିଭିନ୍ନ କଳାକୃତି ଏବଂ ତମ୍ବା ପ୍ଲେଟ୍ ଠାରୁ ନମୂନା ସଂଗ୍ରହ କରିବେ। ଏହି ନମୂନାଗୁଡ଼ିକର ବୈଜ୍ଞାନିକ ପରୀକ୍ଷଣ କରାଯିବ। ବାସ୍ତବରେ କେତେ ପରିମାଣର ସୁନା ଚଢ଼ା ଯାଇଥିଲା ଏବଂ କେତେ ପରିମାଣର ସୁନା ଗାଏବ ହୋଇଛି, ତାହା ଏହି ପରୀକ୍ଷଣରେ ଜଣାପଡ଼ିବ। ଏହା ପ୍ରଥମ ଘଟଣା, ଯେତେବେଳେ କୌଣସି ମନ୍ଦିରର ଚୋରି ମାମଲାର ତଦନ୍ତ ପାଇଁ ଇସ୍ରୋ ବୈଜ୍ଞାନିକଙ୍କ ସହାଯ୍ୟ ନିଆଯାଉଛି। ସାବରୀମାଳା ମନ୍ଦିରର ସୁନା ଏବଂ ମୂଲ୍ୟବାନ ଜିନିଷପତ୍ର ସହିତ ଜଡିତ ଅଭିଯୋଗ ଅନିୟମିତତାର ତଦନ୍ତ ପାଇଁ କେରଳ ହାଇକୋର୍ଟ ଦୁଇ ମାସ ପୂର୍ବେ ଏକ ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଏସଆଇଟି କୋର୍ଟରେ ଏକ ରିପୋର୍ଟ ଦାଖଲ କରିଥିଲା, ଯେଉଁଥିରେ ମନ୍ଦିରର ପ୍ରଭାମଣ୍ଡଳମରେ ଗଚ୍ଛିତ ସୁନା ଚୋରି ହୋଇଯାଇଛି ବୋଲି କୁହାଯାଇଥିଲା। ସାତଟି ତମ୍ବା ପ୍ଲେଟରେ ଗୁଡ଼ାଯାଇଥିବା ସୁନା ଗାଏବ ଥିଲା। ରିପୋର୍ଟରେ ଏହା ମଧ କୁହାଯାଇଥିଲା ଯେ, ଶିବ-ଡ୍ରାଗନ୍ ମୂର୍ତ୍ତିରେ ଖଞ୍ଜାଯାଇଥିବା ସୁନା ମଧ ଚୋରି ହୋଇଛି। ଏସଆଇଟି ଏପର୍ଯ୍ୟନ୍ତ ତିନି ଜଣ ସିପିଆଇ(ଏମ୍) ନେତାଙ୍କ ସମେତ ଦଶ ଜଣଙ୍କୁ ଏହି ମାମଲାରେ ଗିରଫ କରିଛି।

## ଜୟଶଙ୍କରଙ୍କୁ ଚିଠି ଲେଖି ସତର୍କ କଲେ ବଲୋଚ ନେତା

# ଚୀନ ବଲୋଚିସ୍ତାନରେ ସୈନ୍ୟ ମୁତୟନ କରିପାରେ




ନୂଆଦିଲ୍ଲୀ,୨।୧ : ଆସନ୍ତା କିଛି ମାସ ମଧ୍ୟରେ ଚୀନ ବଲୋଚିସ୍ତାନରେ ସୈନ୍ୟ ମୁତୟନ କରିବାକୁ ଯାଉଛି। ଯାହା ଉଭୟ ବଲୋଚିସ୍ତାନ ଓ ଭାରତ ପାଇଁ ଗୋଟେ ଆସନ୍ନ ବିପଦ। ବଲୋଚିସ୍ତାନ ନେତା ମିର ୟାର ବଲୋଚ ଏନେଇ ଚେତାବନୀ ଜାରି କରି ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଖୋଲା ଚିଠି ଲେଖିଛନ୍ତି।

ଚିଠିରେ ତାରିଖ ୨୦୨୬ ଜାନୁଆରୀ ୧ ରହିଛି। ଏଥିରେ ମିର ୟାର ବଲୋଚ ନିଜକୁ ରିପବ୍ଲିକ ଅଫ୍ ବଲୋଚିସ୍ତାନର ପ୍ରତିନିଧି ଦର୍ଶାଇ ଚିନ୍ତା ବ୍ୟକ୍ତକରି ଲେଖିଛନ୍ତି ଯଦି ଏହିଭଳି ନିୟମିତ ଭାବେ ବଲୋଚିସ୍ତାନର ପ୍ରତିରକ୍ଷା ଓ ସ୍ୱାଧୀନତା ଆଭିମୁଖ୍ୟକୁ ଅଣଦେଖା କରାଗଲା, ତେବେ ଚୀନ ବଲୋଚିସ୍ତାନରେ ସୈନ୍ୟ ମୁତୟନ କରିପାରେ। ଆଉ ଚୀନର ଏହି ପଦକ୍ଷେପ ଉଭୟ ବଲୋଚିସ୍ତାନ ଓ ଭାରତର ଭବିଷ୍ୟତ ପାଇଁ ଅକଳ୍ପନୀୟ କ୍ଷତି ବୋଲି ସେ କହିଛନ୍ତି।

ସେ ଚିଠିରେ ଲେଖିଛନ୍ତି ଯଦି ବଲୁଚିସ୍ତାନର ପ୍ରତିରକ୍ଷା ଏବଂ ସ୍ୱାଧୀନତା ବାହିନୀର କ୍ଷମତାକୁ ଆହୁରି ବୃଦ୍ଧି କରା ନଯାଏ ଏବଂ ଯଦି ଦୀର୍ଘକାଳୀନ ପଦ୍ଧତି ଅନୁଯାୟୀ ସେମାନଙ୍କୁ ଅଣଦେଖା କରାଯାଏ, ତେବେ ଚୀନ୍ କିଛି ମାସ ମଧ୍ୟରେ ବଲୁଚିସ୍ତାନରେ ତାର ସାମରିକ ବାହିନୀ ମୁତୟନ କରିପାରେ ବୋଲି ଅନୁମାନ କରାଯାଉଛି। ୬୦ ନିୟୁତ ବଲୁଚିସ୍ତାନବାସୀଙ୍କ ଇଚ୍ଛା ବିନା ବଲୋଚ ମାଟିରେ ଚୀନ୍ ସେନାର ଉପସ୍ଥିତି, ଭାରତ ଏବଂ ବଲୁଚିସ୍ତାନ ଉଭୟର ଭବିଷ୍ୟତ ପାଇଁ ଏକ ଅକଳ୍ପନୀୟ ବିପଦ ଏବଂ ଚ୍ୟାଲେଞ୍ଜ ସୃଷ୍ଟି କରିବ। ସେହିଭଳି ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ଉପରେ ଚିନ୍ତା ପ୍ରକାଶ କରି ସେ ଚେତାବନୀ ଦେଇଛନ୍ତି। ମିର ୟାର ବଲୋଚ ଲେଖିଛନ୍ତି ଯେ, ପାକିସ୍ତାନ ଏବଂ ଚୀନ୍ ମଧ୍ୟରେ ରଣନୈତିକ ଚୁକ୍ତି ସିପିଇସି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯାହା ପରିସ୍ଥିତିକୁ ଅଧିକ ବିପଦପୂର୍ଣ୍ଣ କରିଦେଇଛି। ତେଣୁ ସେ ଭାରତ ଏବଂ ବଲୁଚିସ୍ତାନ ମଧ୍ୟରେ ବର୍ତ୍ତମାନ, ପାରସ୍ପରିକ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି। କାରଣ ଉଭୟ ଦେଶ ସମାନ ବିପଦକୁ ସାମ୍ନା କରିବାକୁ ଯାଉଛନ୍ତି ବୋଲି ସେ ଲେଖିଛନ୍ତି। ଚିଠିରେ ଭାରତର ସହଯୋଗ ସେ ଆଶା କରିଛନ୍ତି। ଭାରତ ଓ ବଲୁଚିସ୍ତାନ ମଧ୍ୟରେ ଶତାଧିକ ବର୍ଷ ପୁରୁଣା ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କକୁ ଉଲ୍ଲେଖ କରିଛନ୍ତି।

## ଆଇପିଏଲରେ ବାଂଲାଦେଶୀ କ୍ରିକେଟରଙ୍କୁ ବିରୋଧ

# ବିବାଦରେ ଶାହରୁଖ



ମୁମ୍ବାଇ,୨।୧: ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ହେଉଥିବା ବେଳେ ୩ଜଣଙ୍କୁ ହତ୍ୟା କରାଯାଇଛି। ଏହା ସତ୍ତ୍ୱେ ବି ଆଇପିଏଲ ଟିମ କେକେଆର ବାଂଲାଦେଶୀ କ୍ରିକେଟର ମୁସ୍ତାଫିଜୁର ରହମାନଙ୍କୁ କିଣିବାରୁ ବିବାଦ ଆରମ୍ଭ ହୋଇଛି। ଏଥିପାଇଁ କେକେଆର ମାଲିକ ତଥା ଅଭିନେତା ଶାହରୁଖ ଖାନଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଆଖଡ଼ା ପରିଷଦର ସଭାପତି ମହନ୍ତ ରବିନ୍ଦ୍ର ପୁରୀ କହିଛନ୍ତି, ଶାହାରୁଖ ଖାନଙ୍କୁ ଯାହା ସମ୍ମାନ ମିଳିଛି ତାହା ଭାରତ ଏବଂ ଏହାର ଲୋକଙ୍କ ଯୋଗୁଁ। ତେଣୁ, ତାଙ୍କୁ ଦେଶବାସୀଙ୍କ ଭାବନା ଏବଂ ଜାତୀୟ ସ୍ୱାର୍ଥକୁ ପୂର୍ଣ୍ଣ ସମ୍ମାନ ଦେବା ଉଚିତ। ଦେଶବାସୀଙ୍କ ଭାବନା ବିରୋଧରେ ଯାଉଥିବା ନିଷ୍ପତ୍ତିକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ। ଏହା ଆମ ବିଶ୍ୱାସକୁ ଆଘାତ ଦେଇଛି। ମୁଁ ଚାହୁଁଛି ଯେ ଶାହରୁଖ ତାଙ୍କ ନିଷ୍ପତ୍ତିକୁ ବଦଳାନ୍ତୁ। ଶିବସେନା (ୟୁବିଟି) ସବୁଠାରୁ କଡ଼ା ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ, ଯଦି ବାଂଲାଦେଶୀ ଖେଳାଳିଙ୍କୁ ଖେଳିବାକୁ ଅନୁମତି ଦିଆଯାଏ ତେବେ ପ୍ରତିବାଦ କରାଯିବ। ଦଳର ମୁଖପାତ୍ର ଆନନ୍ଦ ଦୁବେ କହିଛନ୍ତି ଯେ, ଯଦି ଶାହରୁଖ ଖାନ ତାଙ୍କୁ ତାଙ୍କ ଦଳରୁ ବାହାର କରିଦିଅନ୍ତି, ତେବେ ଆମେ ସମସ୍ତେ ତାଙ୍କୁ ସମ୍ମାନ ଦେବୁ ଏବଂ ତାଙ୍କୁ ଉପଯୁକ୍ତ ସ୍ୱୀକୃତି ଦେବୁ। କିନ୍ତୁ ଯଦି ଶାହରୁଖ ଖାନ ତାଙ୍କୁ ଖେଳିବାକୁ ଦେଇ ଟଙ୍କା ରୋଜଗାର କରନ୍ତି, ତେବେ ସେହି ଟଙ୍କା ବାଂଲାଦେଶରେ ଆତଙ୍କବାଦୀଙ୍କୁ ପୋଷଣ କରିବା ଏବଂ ଆମ ଦେଶ ବିରୋଧରେ ଷଡ଼ଯନ୍ତ୍ର କରିବା ପାଇଁ ବ୍ୟବହୃତ ହେବ। ଆମେ କୌଣସି ପରିସ୍ଥିତିରେ ଏହା ହେବାକୁ ଦେବୁନାହିଁ। ବାଂଲାଦେଶ ଏବଂ ପାକିସ୍ତାନ ଉଭୟ ଆମର ଶତ୍ରୁ। ସେମାନଙ୍କୁ ସମ୍ପୂର୍ଣ୍ଣ ବୟକଟ ନକରି ଆମେ ଶାନ୍ତ ରହିବୁ ନାହିଁ।

## ଆନ୍ଦୋଳନକାରୀଙ୍କୁ ମାରିଲେ ସେନା ପଠାଇବି: ଟ୍ରମ୍ପ

# ଆମେରିକାକୁ ଇରାନ ଦେଲା ଚେତାବନୀ



ତେହେରାନ,୨।୧: ଡୋନାଲ୍ଡ ଟ୍ରମ୍ପଙ୍କ ସୈନ୍ୟ କାର୍ଯ୍ୟାନୁଷ୍ଠାନ ଧମକକୁ ନେଇ ଇରାନ ଦେଇଛି କଡ଼ା ପ୍ରତିକ୍ରିୟା। ଯଦି ଆମେରିକା ଏଥିରେ ହସ୍ତକ୍ଷେପ କରେ ତେବେ ପୂରା ଅଞ୍ଚଳ ବିଶୃଙ୍ଖଳିତ ହୋଇଯିବ। ଇରାନର ଆର୍ଥିକ ଅବସ୍ଥା ଖରାପ ହେବା। ଡଲାର ତୁଳନାରେ ରିଆଲର ତୀବ୍ର ପତନ ଯୋଗୁ ଇରାନରେ ପ୍ରବଳ ବିରୋଧ ଦେଖାଦେଇଛି। ଗତ ତିନିବର୍ଷ ମଧ୍ୟରେ ଏହା ସବୁଠାରୁ ବଡ଼ ଜନ ଆନ୍ଦୋଳନ। ଏହି ପ୍ରତିବାଦ ସମୟରେ ହିଂସା ବୃଦ୍ଧି ପାଉଛି।

ଏହାପରେ ଟ୍ରମ୍ପ ସିଧା ଇରାନକୁ ଚେତାବନୀ ଦେଇଥିଲେ। ତାଙ୍କ ସୋସିଆଲ୍ ମିଡିଆ ସାଇଟ୍ ଟ୍ରୁଥ୍ ଶୋସାଲରେ ପୋଷ୍ଟ କରି ଟ୍ରମ୍ପ ଲେଖିଛନ୍ତି ‘ଯଦି ଇରାନ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ଗୁଳି କରି ହିଂସାତ୍ମକ ଭାବରେ ହତ୍ୟା କରେ, ଯାହା ସେମାନଙ୍କର ପରମ୍ପରା, ତେବେ ଯୁକ୍ତରାଷ୍ଟ୍ର ଆମେରିକା ସେମାନଙ୍କୁ ରକ୍ଷା କରିବ। ଆମେ ପୂରା ପ୍ରସ୍ତୁତ ଅଛୁ ଯିବାକୁ’। ଏନେଇ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ବରିଷ୍ଠ ପରାମର୍ଶଦାତା ଅଲି ଲାରିଜାନି ଶୁକ୍ରବାର କହିଛନ୍ତି ଯେ, ଇରାନର ପ୍ରତିବାଦରେ ଆମେରିକାର ଯେକୌଣସି ହସ୍ତକ୍ଷେପ ସମଗ୍ର ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି କରିବ।

ଆମେରିକାକୁ ଇରାନର ଜବାବରେ ପୁଣି ଥରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢ଼ି ଯାଇଛି। କେତେବେଳେ କିଛି ବି ଘଟିପାରେ। ଇରାନରେ ଖାମେନି ସରକାର ବିରୁଦ୍ଧରେ ତୀବ୍ର ଆନ୍ଦୋଳନ ଏପଟେ ଆମେରିକାର ଧମକ, ତେଣୁ ଯଦି ସ୍ଥିତି ଗମ୍ଭୀର ହୁଏ ତେବେ ପୁଣି ଏକ ଯୁଦ୍ଧ ଆଡ଼କୁ ମୁହାଇଁପାରେ ମଧ୍ୟପ୍ରାଚ୍ୟ।

# ବାଂଲା, ଶ୍ରୀଲଙ୍କା ଭଳି ଶାସକଙ୍କୁ ଗୋଡ଼ାଇ ପିଟ



**ଜେଜେପି ନେତା ଅଜୟ ଚୌଟାଲାଙ୍କ ବିସ୍ଫୋରକ ବୟାନ**

ନୂଆଦିଲ୍ଲୀ, ୨।୧ : ଦେଶର ଶାସକମାନଙ୍କୁ ଗାଦିରୁ ହଟାଇବାକୁ ପଡିବ। ରାସ୍ତାରେ ଗୋଡାଇ ଗୋଡାଇ ପିଟିବାକୁ ହେବ। ଭାରତରେ ନେପାଳ ଏବଂ ବାଂଲାଦେଶ ଭଳି ଆନ୍ଦୋଳନର ଆବଶ୍ୟକତା ଅଛି। କିଛି ଏମିତି ବୟାନ ଦେଇ ବିବଦୀୟ ହୋଇ ପଡିଛନ୍ତି ହରିୟାଣାର ଜନନାୟକ ଜନତା ପାର୍ଟିର ମୁଖ୍ୟ ଅଜୟ ଚୌଟାଲା। ମହେନ୍ଦ୍ରଗଡ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଦେଇଥିବା ବୟାନ ଏବେ ଚର୍ଚ୍ଚାରେ। ଅଜୟ କହିଛନ୍ତି ଯେ, ଶାସକମାନଙ୍କୁ ଦେଶକୁ ବିଦା କରିବାକୁ ପଡିବ। ସେମାନେ ଦେଶ ଛାଡି ପଳାଇବା ଦରକାର। ବାଂଲାଦେଶ, ନେପାଳ ଏବଂ ଶ୍ରୀଲଙ୍କାରେ ଏପରି ହୋଇଥିଲା। ଭାରତରେ ସମାନ ଆନ୍ଦୋଳନ ଦରକାର। ପଡୋଶୀ ଦେଶରେ ଅନେକ ସରକାର ହଟିଛନ୍ତି। ଆନ୍ଦୋଳନ କରି ସରକାରଙ୍କୁ ଗାଦିଚ୍ୟୁତ କରାଯାଇଛି।

ସେ ଆହୁରି ମଧ କହିଛନ୍ତି ଯେ, ଶାସକମାନେ ବାଂଲାଦେଶ ଏବଂ ନେପାଳରେ ରାତାରାତି ଦେଶ ଛାଡି ପଳାଇଲେ। ନେପାଳର ଯୁବପିଢି କେବଳ ରାସ୍ତାରେ ଜନ ପ୍ରତିନିଧିଙ୍କୁ ପିଟି ନାହାଁନ୍ତି ବରଂ ସରକାର ଭାଙ୍ଗି ଦେଇଛନ୍ତି। ସେହିପରି ଭାରତରେ ମଧ ଶାସକଙ୍କୁ ଘୋଷାରି ରାସ୍ତାରେ ମାଡ଼ ମାରିବା ଦରକାର। ସେମାନଙ୍କୁ ଦେଶ ଛାଡି ଯିବାକୁ ବାଧ କରାଯିବ ଉଚିତ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅଜୟ ଚୌଟାଲା ହେଲେ ହରିୟାଣାର ପୂର୍ବତନ

# ଭାରତରେ ବ୍ୟାପିଲା ବାର୍ଡ ଫ୍ଲୁ ସଂକ୍ରମଣ

**କେରଳରେ ମାଡ଼ିଲା, ତାମିଲନାଡୁରେ ସତର୍କତା**

ନୂଆଦିଲ୍ଲୀ,୨।୧: କେରଳର ଆଲପୁଜା ଏବଂ କୋଟାୟମ ସମେତ କିଛି ଅଞ୍ଚଳରେ ବାର୍ଡ ଫ୍ଲୁ ବା ପକ୍ଷୀ ଜ୍ୱର ମାମଲା ଚିହ୍ନଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପଡୋଶୀ ରାଜ୍ୟ ତାମିଲନାଡୁରେ ସତର୍କତା ବଢ଼ାଇ ଦିଆଯାଇଛି। ରୋଗର ପ୍ରସାରକୁ ରୋକିବା ପାଇଁ ସୀମାନ୍ତ ଜିଲାଗୁଡ଼ିକରେ କଡା ନଜର ରଖାଯାଇଛି। ତାମିଲନାଡୁ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କେରଳରୁ ଜିଲ୍ଲାକୁ ଜୀବନ୍ତ କୁକୁଡ଼ା, ଅଣ୍ଡା, କୁକୁଡ଼ା ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ସମ୍ବନ୍ଧୀୟ ଉତ୍ପାଦ ପରିବହନ ଉପରେ ଅସ୍ଥାୟୀ ଭାବେ ନିଷେଧାଦେଶ ଜାରି କରାଯାଇଛି। ଦେଶର ବୃହତ୍ତମ ଅଣ୍ଡା ଉତ୍ପାଦନକାରୀ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ ନାମାକ୍କାଲ ଜିଲାରେ ଥିବା ପୋଲ୍ଟ୍ରି ଫାର୍ମଗୁଡ଼ିକରେ ବାୟୋସିକ୍ୟୁରିଟି ଏବଂ ନିରୀକ୍ଷଣ ବ୍ୟବସ୍ଥାକୁ କଡାକଡି କରାଯାଇଛି। ନାମାକ୍କାଲରେ ପ୍ରାୟ ୧,୫୦୦ କୁକୁଡ଼ା ଫାର୍ମ ଅଛି। ଏହି ଫ୍ଲୁ କେବଳ କୁକୁଡ଼ା, ବତକ ଏବଂ ଟର୍କି ଭଳି ଗୃହପାଳିତ ପକ୍ଷୀଙ୍କୁ ନୁହେଁ, ବରଂ ଜଙ୍ଗଲୀ ପକ୍ଷୀମାନଙ୍କ ଦ୍ୱାରା ମଧ ବ୍ୟାପିଥାଏ। ଏହି ରୋଗ ମଣିଷକୁ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ସତର୍କ ରହିବା ଜରୁରୀ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୨୦୦୩ ରୁ ଅଗଷ୍ଟ ୨୦୨୫ ମଧ୍ୟରେ ୨୫ ଟି ଦେଶରେ ମଣିଷଙ୍କ ଠାରେ ୯୯୦ ଟି ବାର୍ଡ ଫ୍ଲୁ ମାମଲା ଚିହ୍ନଟ ହୋଇଥିଲା, ଯେଉଁଥିରୁ ୪୭୫ ଜଣଙ୍କର ମୃତ୍ୟୁ ହୋଇଥିଲା, ଯାହାକି ଏକ ୪୮% ମୃତ୍ୟୁହାର ଦର୍ଶାଉଛି।

# ୨୦୨୫ରେ ଯାଇଛି ୧୬୬ ବାଘଙ୍କ ଜୀବନ



ନୂଆଦିଲ୍ଲୀ,୨।୧: ୨୦୨୫ରେ ମୃତ୍ୟୁ ହୋଇଥିବା ବାଘଙ୍କ ସଂଖ୍ୟାର ରିପୋର୍ଟ ଆସିଛି। ୨୦୨୫ରେ ୧୬୬ଟି ବାଘଙ୍କର ମୃତ୍ୟୁ ହୋଇଛି। ଗତବର୍ଷ ତୁଳନାରେ ଏହା ୪୦ଟି ଅଧିକ ବୋଲି ଜଣାପଡ଼ିଛି। ତଥ୍ୟ ଅନୁଯାୟୀ, ଦେଶରେ ବାଘ ମୃତ୍ୟୁସଂଖ୍ୟା ମଧ୍ୟପ୍ରଦେଶରେ ସର୍ବାଧିକ ରହିଛି। ଏହି ରାଜ୍ୟରେ ସର୍ବାଧିକ ୫୫ଟି ବାଘଙ୍କର ମୃତ୍ୟୁ ହୋଇଥିଲା।

୨୦୨୫ରେ ମହାରାଷ୍ଟ୍ରରେ ୩୮, କେରଳରେ ୧୩ ଏବଂ ଆସାମରେ ୧୨ଟି ବାଘଙ୍କ ମୃତ୍ୟୁ ହୋଇଛି। ୧୬୬ ମୃତ ବାଘଙ୍କ ମଧ୍ୟରେ ୩୧ଟି ଶାବକ ଅଛନ୍ତି। ତେବେ ବିଭିନ୍ନ କାରଣରୁ ବାଘଙ୍କ ମୃତ୍ୟୁ ହୋଇଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) କହିଛନ୍ତି। ୨୦୨୪ରେ ଭାରତରେ ୧୨୬ଟି ବାଘଙ୍କ ମୃତ୍ୟୁ ହୋଇଥିଲା। ଏନ୍‌ଟିସିଏ ତଥ୍ୟ ଅନୁଯାୟୀ, ଡିସେମ୍ବର ୨୮ରେ ମଧ୍ୟପ୍ରଦେଶର ସାଗରରେ ଗୋଟିଏ ବାଘର ମୃତ୍ୟୁ ହୋଇଥିଲା। ବାଘ ସଂଖ୍ୟା ବୃଦ୍ଧି ଅନୁଯାୟୀ ସେମାନଙ୍କୁ ସ୍ଥାନର ଅଭାବ ରହୁଛି ବୋଲି କୁହାଯାଇଛି।

# ହୃଦଘାତରେ ବିଜେପି ବିଧାୟକ ମୃତ



ଲକ୍ଷ୍ନୌ,୨।୧: ଉତ୍ତର ପ୍ରଦେଶର ଫରିଦପୁର ବିଧାୟକ ଡକ୍ଟର ଶ୍ୟାମ ବିହାରୀ ଲାଲଙ୍କ ଶୁକ୍ରବାର ହୃଦଘାତରେ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ବିଜେପି ବିଧାୟକଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଶ୍ୟାମ ବିହାରୀ ଫରିଦପୁର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଥର ବିଧାୟକ ଥିଲେ। ସେ ଗୋଟିଏ ଦିନ ପୂର୍ବରୁ ତାଙ୍କ ଦଳୀୟ କର୍ମୀଙ୍କ ସହିତ ଜନ୍ମଦିନ ପାଳନ କରିଥିଲେ। ବିଧାୟକ ଶ୍ୟାମ ବିହାରୀ ଲାଲ ଶୁକ୍ରବାର ଅପରାହ୍ନରେ ବରେଲିର ସର୍କିଟ ହାଉସରେ ଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଥିଲା ଏବଂ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀ ଏବଂ ସହକର୍ମୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ତାଙ୍କୁ ତୁରନ୍ତ ସହରରେ ଥିବା ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ଅଗଷ୍ଟ ୧୫ରେ ଚାଲିବ ଭାରତର ପ୍ରଥମ ବୁଲେଟ୍ ଟ୍ରେନ




ନୂଆଦିଲ୍ଲୀ, ୨।୧: ଭାରତୀୟ ରେଳପଥ ବିଶ୍ୱର ଚତୁର୍ଥ ବୃହତ୍ତମ ରେଳ ବ୍ୟବସ୍ଥା ଭାବେ ଜଣାଶୁଣା। ଏବେ, ଭାରତୀୟ ରେଳବାଇରେ ଏକ ନୂତନ ଏବଂ ଐତିହାସିକ ଅଧ୍ୟାୟ ଯୋଡି ହେବାକୁ ଯାଉଛି। ଦେଶରେ ଖୁବ୍ ଶୀଘ୍ର ପ୍ରଥମ ବୁଲେଟ୍ ଟ୍ରେନ୍ ଚାଲିବାର ଦେଖାଯିବ। ନୂତନ ବର୍ଷ ଅବସରରେ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ପଷ୍ଟ କରିଛନ୍ତି ଯେ, ଭାରତ ଅଗଷ୍ଟ ୧୫, ୨୦୨୭ ସୁଦ୍ଧା ଏହାର ପ୍ରଥମ ବୁଲେଟ୍ ଟ୍ରେନ୍ ପାଇବ। ଏହା ସହରଗୁଡ଼ିକ ମଧ୍ୟରେ ସଂଯୋଗୀକରଣକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବ। ରେଳପଥ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅନୁଯାୟୀ, ଦେଶର ପ୍ରଥମ ବୁଲେଟ୍ ଟ୍ରେନ୍ ଅଗଷ୍ଟ ୧୫, ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବ। ପ୍ରାରମ୍ଭିକ ଭାବରେ, ଏହି ଟ୍ରେନ୍ ଗୁଜରାଟର ସୁରଟ ଏବଂ ବାପି ମଧ୍ୟରେ ଚାଲିବ। ପ୍ରଥମ ପର୍ଯ୍ୟାୟରେ, ସୁରଟ ଏବଂ ବିଲିମୋରା ମଧ୍ୟରେ ସେବା ଆରମ୍ଭ ହେବ। ଏହା ପରେ, ବାପିରୁ ସୁରଟ ସେକ୍ସନ ଖୋଲିବ। ତା'ପରେ, ବୁଲେଟ୍ ଟ୍ରେନ୍ ଭାପିରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ଚାଲିବ। ପରେ, ଥାନେରୁ ଅହମ୍ମଦାବାଦ ସେକ୍ସନ ଯୋଡାଯିବ ଏବଂ ଶେଷରେ, ମୁମ୍ବାଇରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହାଇ-ସ୍ପିଡ୍ କରିଡର କାର୍ଯ୍ୟକ୍ଷମ ହେବ। ସୂଚନାଯୋଗ୍ୟ ଯେ, ଭାରତରେ ଚାଲିବାକୁ ଥିବା ଏହି ବୁଲେଟ୍ ଟ୍ରେନ ଜାପାନର ବୈଷୟିକ ସହାୟତାରେ ନିର୍ମାଣ କରାଯାଉଛି।

## ଇନ୍ଦୋରରେ ଟ୍ରାଜେଡି

# ନର୍ଦ୍ଦମା ପାଣିରେ ଥିବା ଜୀବାଣୁ ପାଇଁ ହୋଇଛି ଡାଇରିଆ

**ଗଡ଼ିଲାଣି ୪ ମୁଣ୍ଡ, ୧୪ଶହ ଆକ୍ରାନ୍ତ**

ଇନ୍ଦୋର,୨।୧: ଦେଶର ସବୁଠାରୁ ସଫା ସହର ଭାବେ ଜଣାଶୁଣା ଇନ୍ଦୋରରେ ଏବେ ତାଣ୍ଡବ ରଚୁଛି ବିଷାକ୍ତ ପାଣି। ଦୂଷିତ ପାଣି ପିଇ ଏବେ ଗୁରୁତର ହୋଇପଡ଼ିଛନ୍ତି ଏକାଧିକ ଲୋକ। ପାଣିର ପରୀକ୍ଷା କରାଯିବା ପରେ ନିଶ୍ଚିତ ହୋଇଛି ଯେ ଭାଗୀରଥପୁରା ବିପର୍ଯ୍ୟୟର କାରଣ ହେଉଛି ଦୂଷିତ ପାନୀୟ ଜଳ। ଇନ୍ଦୋରରେ ଡାଇରିଆର ପ୍ରକୋପରେ ଅତି କମରେ ୪ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି ଏବଂ ୧୪୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା କହିଛି ପ୍ରଶାସନ। ହେଲେ ମୃତକଙ୍କ ସମ୍ପର୍କୀୟଙ୍କ ଅନୁଯାୟୀ ଏପର୍ଯ୍ୟନ୍ତ ୧୩ଜଣଙ୍କ ମୃତ୍ୟୁ ହୋଇସାରିଛି। ପ୍ରାରମ୍ଭିକ ରିପୋର୍ଟରେ ପାନୀୟ ଜଳ ନମୁନାରେ ସାଧାରଣତଃ ନର୍ଦ୍ଦମା ପାଣିରେ ମିଳୁଥିବା ଜୀବାଣୁର ଉପସ୍ଥିତି ନିଶ୍ଚିତ କରାଯାଇଛି। ପରୀକ୍ଷାରୁ ନିଶ୍ଚିତ ହୋଇଛି ଯେ, ପ୍ରଭାବିତ ଅଞ୍ଚଳରେ ବାନ୍ତି-ଡାଇରିଆ ପ୍ରକୋପ ପାଇଁ ଦୂଷିତ ପାନୀୟ ଜଳରେ ଥିବା ଜୀବାଣୁ ଦାୟୀ। ରିପୋର୍ଟ ଅନୁଯାୟୀ, ପରୀକ୍ଷାରୁ ଦୂଷିତ ପାଣିରେ ଭିବ୍ରିଓ କଲେରା, ସିଗେଲା ଏବଂ ଇ. କୋଲାଇ ଜୀବାଣୁର ଉପସ୍ଥିତି ଚିହ୍ନଟ ହୋଇଛି। ଏହି ରୋଗ ସୃଷ୍ଟିକାରୀ ଜୀବାଣୁଗୁଡ଼ିକ ପାକସ୍ଥଳୀ ସଂକ୍ରମଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଭାଗୀରଥପୁରାରୁ ପ୍ରଥମେ ଏହି ସମସ୍ୟା ଆରମ୍ଭ ହୋଇଥିଲା। ଡାଇରିଆ ଓ ବାନ୍ତି ହେବା ଭଳି ଲକ୍ଷଣ ଦେଖାଯିବାରୁ ଦୂଷିତ ଜଳ ପାଇଁ ଏଭଳି ହେଉଥିବା ଆଶଙ୍କା କରାଯାଉଥିଲା। ହେଲେ ଏବେ ତାହା ସ୍ପଷ୍ଟ ହୋଇଛି।

# ରାହୁଲଙ୍କ ‘ଭୋଟ ଚୋରି’ ଅଭିଯୋଗକୁ ବଡ଼ ଝଟକା

## କର୍ଣ୍ଣାଟକ ସରକାରଙ୍କ ସର୍ଭେରେ ଜିତିଗଲା ଇଭିଏମ୍



ବେଙ୍ଗାଲୁରୁ, ୨।୧ : ବର୍ଷ ଆରମ୍ଭରୁ କର୍ଣ୍ଣାଟକ ରାଜନୀତିରେ ବିଜେପି-କଂଗ୍ରେସ ମୁହାଁମୁହିଁ। ଇଭିଏମକୁ ନେଇ ହୋଇଥିବା ସର୍ଭେରେ ବ୍ୟାକଫୁଟରେ କଂଗ୍ରେସ। ଟାର୍ଗେଟ୍ କଲା ଭାରତୀୟ ଜନତା ପାର୍ଟି। ରାଜ୍ୟରେ ଏକ ସର୍ଭେ ଏବେ କର୍ଣ୍ଣାଟକରେ ନୂଆବର୍ଷର ପ୍ରଥମ ସପ୍ତାହକୁ ସରଗରମ କରିଦେଇଛି।

ରିପୋର୍ଟ ଅନୁସାରେ, କର୍ଣ୍ଣାଟକରେ ନଲେଜ-ଆଟିଚ୍ୟୁଡ-ପ୍ରାକ୍ଟିସ୍ ନାମକ ଏକ ସର୍ଭେ ହୋଇଥିଲା। ଏଥିରେ ପ୍ରାୟ ୫୧୦୦ ଭୋଟର ଭାଗ ନେଇଥିଲେ। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସାଂଖ୍ୟିକ ଏବଂ ଯୋଜନା ବିଭାଗର ମନିଟରିଂ ଆଣ୍ଡ୍ ଇଭାଲୁଏସନ ଅଥୋରିଟି ଏହି ସର୍ଭେ କରିଥିଲା। ସର୍ଭେରେ ଜଣା ପଡିଥିଲା ଯେ, ୨୦୨୪ ସାଧାରଣ ନିର୍ବାଚନରେ ଇଭିଏମ ଉପରେ ଲୋକ ଭରସା କରିଥିଲେ। ଏହାସହ ନିର୍ବାଚନ ମୁକ୍ତ ଏବଂ ଅବାଧ ଭାବେ ହୋଇଥିବା ପ୍ରକାଶ କରିଥିଲେ। ଅର୍ଥାତ ଇଭିଏମକୁ ନେଇ ବିରୋଧୀ ଯାହା ସବୁ ଅଭିଯୋଗ କରୁଛନ୍ତି ତାହାକୁ ସାଧାରଣ ଜନତା ଖଣ୍ଡନ କରିଦେଇଛନ୍ତି। ୮୩ ପ୍ରତିଶତ ଲୋକେ ଇଭିଏମ ଉପରେ ଭରସା କରିଛନ୍ତି। ସର୍ଭେ ରିପୋର୍ଟ ଆସିବା ପରେ କର୍ଣ୍ଣାଟକ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ପ୍ରିୟାଙ୍କ ଖଡଗେ କହିଛନ୍ତି ଯେ, ରାଜ୍ୟ ସରକାର ସର୍ଭେ ପାଇଁ ଅନୁମତି ଦେଇ ନାହାଁନ୍ତି। ଏହାସହ ସେ ସଂସ୍ଥାର ଦାୟିତ୍ୱବୋଧତାକୁ ମଧ ପ୍ରଶ୍ନ କରିଛନ୍ତି। ସର୍ଭେ କରିଥିବା ବିଭାଗ ଏକ ଏନଜିଓକୁ ଦାୟିତ୍ୱ ଦେଇଥିଲା। ଯାହାର ମୁଖ୍ୟ ବିଜେପିର ସମର୍ଥକ ଅଟନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଷୟରେ ବହି ମଧ ଲେଖିଛନ୍ତି। ୧୧୦ ବିଧାନସଭା ଆସନର ମାତ୍ର ୫୦୦୦ ଲୋକଙ୍କୁ ଏଥିରେ ସାମିଲ କରାଯାଇଥିଲା। ଏହି ସଂଖ୍ୟା ଗ୍ରହଣୀୟ ନୁହେଁ।

ତେବେ ରିପୋର୍ଟ ସାମ୍ନାକୁ ଆସିବା ପରେ କଂଗ୍ରେସ ତଥା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଛି ବିଜେପି। ରାହୁଲ ପୂର୍ବରୁ ଭୋଟ୍ ଚୋରି ଅଭିଯୋଗ ଆଣିଥିଲେ। ତେବେ ସର୍ଭେ ରିପୋର୍ଟ ଆସିବା ପରେ କର୍ଣ୍ଣାଟକ ବିଜେପି ନେତା ଆର ଅଶୋକ କହିଛନ୍ତି ଯେ, ବର୍ଷେ ଧରି ସାରା ଦେଶକୁ ରାହୁଲ ଗପ ଶୁଣାଉଥିଲେ। ଭାରତର ଗଣତନ୍ତ୍ର ବିପଦରେ ଥିବା ସେ କହୁଥିଲେ। ଇଭିଏମ ଉପରେ ପ୍ରଶ୍ନ କରୁଥିଲେ। କିନ୍ତୁ ଏବେ କର୍ଣ୍ଣାଟକରେ ରାହୁଲଙ୍କ ସବୁ ମିଛ ଅଭିଯୋଗ ଧରା ପଡିଯାଇଛି। କର୍ଣ୍ଣାଟକବାସୀ ଭାରତ ସରକାର ତଥା ଗଣତନ୍ତ୍ରକୁ ଭରସା କରୁଛନ୍ତି। ଏହି ସର୍ଭେ କଂଗ୍ରେସକୁ ଏକ ଝଟକା ବୋଲି ସେ ପ୍ରକାଶ କରିଛନ୍ତି।

SANCHAR ସଂଚାର




● ସୀମାନ୍ତରେ ବିଏସଏଫକୁ ବଡ଼ ସଫଳତା

## କୋଟିଏ ଟଙ୍କାର ସୁନା ବିସ୍କୁଟ ଜବତ, ଜଣେ ଗିରଫ

**କୋଲକାତା, ୨।୧ (ସଂଚାର ବ୍ୟୁରୋ):** ନଦିଆର ଭାରତ-ବାଂଲାଦେଶ ସୀମାନ୍ତରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଦ୍ୱାରା ସୁନା ଚୋରା ଚାଲାଣର ଏକ ବଡ଼ ପ୍ରୟାସକୁ ପଣ୍ଡ କରାଯାଇଛି। ଶୁକ୍ରବାର ବିଏସ୍‌ଏଫ୍‌ର ୩୨ତମ ବାଟାଲିୟନର ସୈନିକମାନେ ଗେଡେ ସୀମାନ୍ତ ପୋଷ୍ଟ ଅଞ୍ଚଳରେ ଚଢ଼ାଉ କରି ଜଣେ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତିଙ୍କଠାରୁ ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ୭୦୦ ଗ୍ରାମ ଓଜନର ଛଅଟି ସୁନା ବିସ୍କୁଟ ଜବତ କରାଯାଇଛି। ପ୍ରାଥମିକ ପଚରାଉଚରା ସମୟରେ ଗିରଫ ବ୍ୟକ୍ତି କହିଛନ୍ତି ଯେ, ଜଣେ ବାଂଲାଦେଶୀ ଚୋରା ଚାଲାଣକାରୀ ତାଙ୍କୁ ସୁନା ବିସ୍କୁଟ ଦେଇଥିଲେ। ସୀମାନ୍ତ ପାର ହେବା ପରେ ସେ ଭାରତରେ ଜଣେ ଚୋରା ଚାଲାଣକାରୀଙ୍କୁ ସୁନା ଦେବାର କଥା ଥିଲା। ଗିରଫ ଚୋରା ଚାଲାଣକାରୀ ଏବଂ ଜବତ ସୁନା ବିସ୍କୁଟକୁ ବିଏସ୍‌ଏଫ୍ ଦ୍ୱାରା ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ କଷ୍ଟମ୍ସ ବିଭାଗକୁ ହସ୍ତାନ୍ତର କରାଯାଇଛି। ସୀମାନ୍ତରେ ନଜରଦାରୀ ଆହୁରି କଡ଼ାକଡ଼ି ହୋଇଛି ବୋଲି ବାହିନୀ ପକ୍ଷରୁ କୁହାଯାଇଛି।

## ଅଗ୍ନିକାଣ୍ଡରେ ୧୨ ଦୋକାନ କ୍ଷତିଗ୍ରସ୍ତ

**କୋଲକାତା, ୨।୧ (ସଂଚାର ବ୍ୟୁରୋ):** ଶୁକ୍ରବାର ସକାଳେ ଜଳପାଇଗୁଡ଼ି ଜିଲ୍ଲାର ମୟନାଗୁଡ଼ି ସହରର ପୁରୁଣା ବଜାରରେ ଅଗ୍ନିକାଣ୍ଡ ଘଟିଛି। ଅନେକ ଦୋକାନରେ ନିଆଁ ଲାଗିଯାଇଥିଲା। ଧୂଆଁ ଦେଖି ବ୍ୟବସାୟୀମାନେ ପ୍ରଥମେ ନିଜେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଦମକଳ ବିଭାଗକୁ ଖବର



ଦିଆଯାଇଥିଲା। ଘଟଣାସ୍ଥଳରେ ତିନୋଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲା। ସଦ୍ୟତମ ଖବର ଅନୁଯାୟୀ, ଅଗ୍ନିକାଣ୍ଡରେ ମୋଟ ୧୨ଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି। ବିସ୍ତୃତ ତଦନ୍ତ ପରେ ହିଁ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ। ଅଗ୍ନିକାଣ୍ଡ ପରେ, ମୟନାଗୁଡ଼ି ପୌରସଭାର ଅଧ୍ୟକ୍ଷ ମନୋଜ ରାୟ ଘଟଣାସ୍ଥଳକୁ ଯାଇଥିଲେ। ସେ କହିଛନ୍ତି ଯେ ଆସନ୍ତା ସୋମବାର ପୌରସଭା ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ବ୍ୟବସାୟୀ, ପୁଲିସ ଏବଂ ବିଦ୍ୟୁତ ବିଭାଗର ଅଧିକାରୀଙ୍କ ପ୍ରତିନିଧିମାନେ ସେଠାରେ ଉପସ୍ଥିତ ରହିବେ।

## ଦିଲୀପଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ

### ଥାନାର ଦ୍ୱାରସ୍ଥ ହେଲେ ପତ୍ନୀ ରିଙ୍କୁ

**କୋଲକାତା, ୨।୧ (ସଂଚାର ବ୍ୟୁରୋ):** ବିଜେପି ନେତା ଦିଲୀପ ଘୋଷଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସୋସିଆଲ ମିଡିଆରେ ଅନୁପଯୁକ୍ତ ମନ୍ତବ୍ୟ ଦେବାରୁ ତାଙ୍କ ପତ୍ନୀ ରିଙ୍କୁ ମଜୁମଦାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିବାହ ପରଠାରୁ ବିଭିନ୍ନ ସମୟରେ ତାଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲେ ମଧ୍ୟ, ଏଥର ସେ ବିଧାନନଗର ସାଇବର କ୍ରାଇମ୍ ଥାନାରେ ଅଭିଯୋଗ କରିଛନ୍ତି ଯେ, ଏହି ମାମଲା ଶାଳୀନତାର ସୀମା ଲଙ୍ଘନ କରିଛି। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିସାରିଛି। ଗତ ବର୍ଷ, ଅର୍ଥାତ୍ ୨୦୨୫



ମସିହା ଏପ୍ରିଲ ମାସରେ, ଦିଲୀପ ଘୋଷ ତାଙ୍କ ନ୍ୟୁଟାଉନ୍ ଘରେ ଏକ ବ୍ୟକ୍ତିଗତ ଉତ୍ସବରେ ରିଙ୍କୁ ମଜୁମଦାରଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। କୁହାଯାଇଥିଲା ଯେ ରିଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ, ଯାହାକୁ ଏହି ବରିଷ୍ଠ ନେତା ଏକ ସମୟରେ ମନା କରିପାରି ନଥିଲେ। ବିବାହ ପରେ ଯେତେବେଳେ ଦମ୍ପତି ଆଣ୍ଡାମାନ ଯାତ୍ରାରେ ଯାଇଥିଲେ, ସେହି ଫଟୋକୁ ନେଇ ଚର୍ଚ୍ଚା କମ ହୋଇନଥିଲା। ତେବେ, ସମ୍ପ୍ରତି ରିଙ୍କୁ ଦେବୀ ଅଭିଯୋଗ କରିଛନ୍ତି ଯେ ଅନନ୍ୟା ଚାଟାର୍ଜୀ ଏବଂ ଇନ୍ଦ୍ରନୀଳ ଚକ୍ରବର୍ତ୍ତୀ ନାମକ ଦୁଇଟି ପ୍ରୋଫାଇଲ ଦିଲୀପ ଘୋଷଙ୍କ ବୈବାହିକ ଜୀବନ ବିଷୟରେ ନିରନ୍ତର କୁତ୍ସିତ ଏବଂ ମାନହାନିଜନକ ମନ୍ତବ୍ୟ ଦେଉଛନ୍ତି। ଏଥର ପରିବାରର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ପ୍ରୟାସ ଯୋଗୁଁ ଦିଲୀପ ଏବଂ ତାଙ୍କ ପତ୍ନୀ କଠୋର ମନୋଭାବ ଦେଖାଇଛନ୍ତି।

## କ୍ଷୀରପାଇର ବଡ଼ମା' ମନ୍ଦିରରେ ଭକ୍ତଙ୍କ ଭିଡ଼

**କୋଲକାତା, ୨।୧ (ସଂଚାର ବ୍ୟୁରୋ):** ନୂଆବର୍ଷରେ କ୍ଷୀରପାଇର ପାରମ୍ପରିକ ବଡ଼ମା ମନ୍ଦିର ଭକ୍ତଙ୍କ ଭିଡ଼ରେ ପରିପୂର୍ଣ୍ଣ ଥିଲା। ସକାଳ ଠାରୁ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନୂତନ ବର୍ଷ ଆରମ୍ଭରେ ମା ବଡମାଙ୍କ ଆଶୀର୍ବାଦ ପାଇବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ମନ୍ଦିର ପରିସରରେ ଭିଡ ଜମାଇଥିଲେ। ଭୋରରୁ ସ୍ୱତନ୍ତ୍ର ପୂଜା ଏବଂ ଆରତୀ ଆରମ୍ଭ ହୋଇଥିଲା। ମା'ଙ୍କ ଦର୍ଶନ ପାଇଁ ଭକ୍ତମାନେ ଲମ୍ବା ଧାଡ଼ିରେ ଠିଆ ହୋଇଥିଲେ। ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ମନ୍ଦିର କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିଲା। ମନ୍ଦିର ସଂଲଗ୍ନ ଅଞ୍ଚଳ ଉତ୍ସବମୁଖର ହୋଇଯାଇଥିଲା। କେବଳ ଜିଲ୍ଲାରୁ ନୁହେଁ ବରଂ ଅନ୍ୟ ରାଜ୍ୟରୁ ମଧ ମା'ଙ୍କ ନିକଟକୁ ଅନେକ ଦର୍ଶନାର୍ଥୀ ଆସିଥିଲେ।

## ହାତୀ ଆକ୍ରମଣରେ ଯୁବକ ମୃତ

● ଘର ଭାଙ୍ଗିଲେ, ଫସଲ ଉଜାଡ଼ିଲେ

**ବେଗୁନିଆ, ୨।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ଅଞ୍ଚଳରେ ହାତୀ ଉପଦ୍ରବ ଭୟାବହ ପରିସ୍ଥିତିର ରୂପ ନେଇଛି। ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଁରେ ଆତଙ୍କ ଖେଳିଯାଇଛି। ହାତୀପଲ ରାତିସାରା ଗାଁଭିତରକୁ ପଶି ଘରଦ୍ୱାର ଭାଙ୍ଗିବା ସହ ଚାଷଜମିରେ ଥିବା ଧାନ ଫସଲକୁ ଦଳି ନଷ୍ଟ କରୁଛନ୍ତି। ଖୋର୍ଦ୍ଧା ରେଞ୍ଜ ଅନ୍ତର୍ଗତ ବେଗୁନିଆ, ବାଘମାରି, ଭୁଆସୁଣିପାଟଣା, ପରିଛଳ, ଗୋଡ଼ି ଓ ଅଟ୍ରି ଅଞ୍ଚଳରେ ହାତୀମାନେ ଘରେ ଘରେ ପଶି ଭାଙ୍ଗାରୁଜା କରୁଛନ୍ତି। ଚାଷଜମିରେ ପଶି ଅମଳ ହୋଇଥିବା ଧାନକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ହାତୀ ପଲ ଏକ ଗାଁରୁ ଅନ୍ୟ ଗାଁକୁ ଘୁରି ଉପଦ୍ରବ ଜାରି ରଖିଛନ୍ତି। ହାତୀ ଉପଦ୍ରବକୁ ନିୟନ୍ତ୍ରଣ କରିବା ପାଇଁ ବନ ବିଭାଗ ପକ୍ଷରୁ ଦିନରେ ମାଇକ୍ ଯୋଗେ ଲୋକମାନଙ୍କୁ ସଚେତନ କରାଯାଉଥିବା ବେଳେ, ରାତିରେ ଡ୍ରୋନ କ୍ୟାମେରା ସାହାଯ୍ୟରେ ହାତୀମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି। କାଇପଦର, ଗୁଡୁମ୍, ବାଜପୁର, ପାନବରଜ ଓ ଆଖପାଖ ଅଞ୍ଚଳରେ ଲୋକମାନଙ୍କ ଆଖିରେ ନିଦ ନାହିଁ। ବର୍ତ୍ତମାନ ଖୋର୍ଦ୍ଧା ଅଞ୍ଚଳରେ ପ୍ରାୟ ୨୦ଟି ହାତୀ ବିଭିନ୍ନ ସ୍ଥାନରେ ଘୁରୁଥିବା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ରାଉରକେଲାରୁ ଅଯୋଧ୍ୟା ଅଭିମୁଖେ ସ୍ୱର୍ଣ୍ଣ ଧନୁଷ

● ପ୍ରଭୁ ଶ୍ରୀରାମଙ୍କ ପାଇଁ ସ୍ୱତନ୍ତ୍ର ଭେଟି



**ରାଉରକେଲା, ୨।୧ (ସଂଚାର ବ୍ୟୁରୋ):** ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଭେଟି ଦେବା ଉଦ୍ଦେଶ୍ୟରେ ରାଉରକେଲା ସହରରୁ ବାହାରିଛି ଏହି ବିଶାଳ ସ୍ୱର୍ଣ୍ଣ ଧନୁଷ। ରାଉରକେଲା ସନାତନ ଜାଗରଣ ମଞ୍ଚ ପକ୍ଷରୁ ଏହି ବିଶାଳ ୮ ଫୁଟ ଲମ୍ବ ଏବଂ ତିନି ଫୁଟ ଉଚ୍ଚତା ବିଶିଷ୍ଟ ସ୍ୱର୍ଣ୍ଣ ଧନୁଷ ଆଜି ବିଧିବଦ୍ଧ ଭାବରେ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ପ୍ରାୟ ୧ କେଜି ସୁନାରେ ନିର୍ମାଣ ହୋଇଛି ଏହି ଧନୁ। ୧ କେଜି ସୁନା ସହ ୨.୫ କେଜି ରୁପା, ତମ୍ବା ଏବଂ ଜିଙ୍କ୍ ସହ ଲୁହା ମିଶି ପଞ୍ଚ ଧାତୁରେ ତିଆରି ହୋଇଛି ଏହି ସୁନାର ଧନୁ। ଏହି ସୁନାର ଧନୁ ପ୍ରାୟ ୨୮୬ କିଲୋଗ୍ରାମ ଓଜନର ହେବ। ପ୍ରାୟ ୧ କୋଟି ୧୦ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ଧନୁ ତିଆରି ହୋଇଛି। ଏହି ସୁନାର ଧନୁ ତାମିଲନାଡୁର କାଞ୍ଚିପୁରମରେ ତିଆରି ହୋଇଥିଲା। ଏହି ଭେଟିଟି ସହୀଦ ଯବାନ ଏବଂ ଦେଶ ପାଇଁ ଜୀବନ ଦେଉଥିବା ମହାନ ବ୍ୟକ୍ତିତ୍ୱଙ୍କ ଉଦ୍ଦେଶ୍ୱରେ ତଥା ସନାତନ ଧର୍ମର ଅଧିକ ପ୍ରଚାର ପ୍ରସାର ପାଇଁ କରାଯାଇଛି। ସୁନାର ଧନୁ ଦେଖିବା ପାଇଁ ଛୁଟି ଆସିଥିଲେ ଅଞ୍ଚଳବାସୀ। ଏକ ଗାଡ଼ିକୁ ଫୁଲରେ ସଜାଯାଇ ଏହି ଧନୁକୁ ରଖାଯାଇଥିଲା। ଏହି ସମୟରେ ଜୟ ଶ୍ରୀରାମ ଧ୍ୱନିରେ କମ୍ପି ଉଠିଥିଲା ଅଞ୍ଚଳ। ସେପଟେ କୁନି କୁନି ପିଲା ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହା ରାଉରକେଲାର ହନୁମାନ ବାଟିକାରୁ ବାହାରି ବିଭିନ୍ନ ଜିଲ୍ଲା ଦେଇ ପୁରୀ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେବ। ପୁରୀରୁ ବାହାରି ୨୨ ତାରିଖ ଦିନ ପ୍ରଭୁ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ଦିବସରେ ଅଯୋଧ୍ୟାରେ ପହଞ୍ଚିବ।

## ଶ୍ୱଶୁରଙ୍କ ଶବ ସତ୍କାର ବେଳେ ଜ୍ୱାଇଁଙ୍କ ମୃତ୍ୟୁ




**ଖଲ୍ଲିକୋଟ, ୨।୧ (ସଂଚାର ବ୍ୟୁରୋ):** ଶ୍ମଶାନରେ ଶ୍ୱଶୁରଙ୍କ ଶବ ସତ୍କାର ଚାଲିଥିବା ସମୟରେ ସେଠାରେ ଜ୍ୱାଇଁ ଟଳି ପଡ଼ିଥିଲେ। ପରେ ମେଡିକାଲରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଖଲ୍ଲିକୋଟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ସୂଚନାନୁଯାୟୀ, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବିକ୍ରମପୁର ଗ୍ରାମର ସୁବାସ ପାହାନଙ୍କ ଗତକାଲି ନୂତନ ବର୍ଷର ପ୍ରଥମ ଦିନରେ ସକାଳୁ ମୃତ୍ୟୁ ଘଟିଛି। ଶ୍ୱଶୁରଙ୍କ ପରଲୋକ ଘଟିଥିବା ଖବରପାଇ ଜ୍ୱାଇଁ ଖଲ୍ଲିକୋଟ ଧରାକୋଟ ସାହିର ଜଗନ୍ନାଥ ବେହେରା ବିକ୍ରମପୁରରେ ପହଂଚି ଥିଲେ। ସାହି ପଡ଼ୋଶୀ ଓ ସମ୍ପର୍କୀୟମାନେ ଅନ୍ତିମ ସଂସ୍କାର ପାଇଁ ସୁବାସଙ୍କ ମରଶରୀରକୁ ଅପରାହ୍ନରେ ଗାଁ ସ୍ମଶାନକୁ ନେଇଥିଲେ। ସାଥିରେ ଜ୍ୱାଇଁ ଜଗନ୍ନାଥ ବି ସ୍ମଶାନକୁ ଯାଇଥିଲେ। ସ୍ମଶାନରେ ଶ୍ୱଶୁରଙ୍କ ଶବ ସତ୍କାର ଚାଲିଥିବାବେଳେ ହଠାତ୍ ଜ୍ୱାଇଁ ଜଗନ୍ନାଥ ବେହେରାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା ଏବଂ ସେ ସେହିଠାରେ ହିଁ ଟଳିପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ସମ୍ପର୍କୀୟମାନେ ଚିକିତ୍ସା ପାଇଁ ତୁରନ୍ତ ଜଗନ୍ନାଥଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ଏଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ୱଶୁରଙ୍କ ମୃତ୍ୟୁ ପରେ ଜ୍ୱାଇଁଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକେ ଧୈର୍ଯ୍ୟ ହରାଇଥିଲେ। କାନ୍ଦ ବୋବାଳିରେ ମେଡ଼ିକାଲ ପରିସର ଫାଟି ପଡ଼ିଥିଲା। ଖବରପାଇ ଖଲ୍ଲିକୋଟ ପୁଲିସ ଆଜି ସକାଳୁ ମେଡିକାଲରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ କେସ ନଂ.୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ଜଗନ୍ନାଥ ବେହେରା ଛତ୍ରପୁର ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ବୋଲି ଜଣାପଡ଼ିଛି।

## ଶ୍ରୀନଗରରେ ଭୟଙ୍କର ଭୂସ୍ଖଳନ

● ବାରାମୁଲ୍ଲା ରାସ୍ତାରେ ଖସିଲା ବଡ଼ ବଡ଼ ପଥର ଖଣ୍ଡ

**ଶ୍ରୀନଗର, ୨।୧:** ଶ୍ରୀନଗର-ବାରାମୁଲ୍ଲା-ଉରି ରାଜପଥରେ ଶୁକ୍ରବାର ବଡ଼ ଧରଣର ଭୂସ୍ଖଳନ ହୋଇଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବଡ଼ ବଡ଼ ପଥର ରାସ୍ତା ଉପରେ ପଡ଼ିଛି। ଏନଏଚ୍-୧ର ବାରାମୁଲ୍ଲା ନିକଟରେ ଏହି ଭୂସ୍ଖଳନ ଘଟିଛି। ଭିଡିଓରେ ବଡ଼ ବଡ଼ ପଥର ଏବଂ ମାଟି ଖଣ୍ଡ ପାହାଡ଼ ତଳକୁ ଖସିପଡ଼ିଥିବା ଦେଖାଯାଇଛି। ପଥର ଖସିବା ବେଳେ ଗାଡ଼ି ଚାଳକମାନେ ଭୟରେ ଧାଇଁ ଯାଉଥିବା ଦେଖିବାକୁ ମିଳୁଛି। କାଶ୍ମୀର ଉପତ୍ୟକାରେ ଏବେ ପ୍ରବଳ ଶୀତ ଲହରୀ ରହିଛି। ବିଭିନ୍ନ ଅଞ୍ଚଳରେ ଘନ କୁହୁଡ଼ି ରହିଥିବା ବେଳେ ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ତୁଷାରପାତ ଜାରି ରହିଛି।



ଏହି ଅଞ୍ଚଳଟି ଚିଲ୍ଲା-ଏ-କଲାନର ମଧ୍ୟଭାଗରେ ଅବସ୍ଥିତ। ଆଗାମୀ ୪୦ ଦିନ ଭିତରେ ପ୍ରବଳ ଶୀତ ହୋଇଥାଏ। ରାତି ସମୟରେ ତାପମାତ୍ରା ପ୍ରାୟତଃ ମାଇନସ୍ ଡିଗ୍ରୀ ତଳକୁ ଖସି ଆସେ। ଗୁରୁବାର ରାତିରେ ଆକାଶ ସଫା ଥିବାରୁ ସର୍ବନିମ୍ନ ତାପମାତ୍ରା ଆହୁରି ହ୍ରାସ ପାଇଥିଲା। ପାଣିପାଗ ବିଭାଗ ଆଗାମୀ ଦିନରେ ପାଗ ଶୁଖିଲା ରହିବ ବୋଲି ପୂର୍ବାନୁମାନ କରିଛି। ବୁଧବାର ରାତିରେ ଗୁଲମାର୍ଗ, ପହଲଗାମ୍ ଏବଂ ସୋନମାର୍ଗ ଭଳି ପର୍ଯ୍ୟଟନ ସ୍ଥଳୀ ଉଚ୍ଚ ସ୍ଥାନରେ ତୁଷାରପାତ ହୋଇଛି। ତୁଷାରପାତ ସତ୍ତ୍ୱେ, ଆକାଶ ସଫା ରହିବା ଫଳରେ ଉପତ୍ୟକାରେ ତାପମାତ୍ରା ହ୍ରାସ ପାଇଛି।

## ବାଇକ୍ ଧକ୍କାରେ ଯୁବକ ମୃତ

**ଜୟପୁର, ୨।୧ (ସଂଚାର ବ୍ୟୁରୋ):** ଜୟପୁର ସଦରଥାନା ଅନ୍ତର୍ଗତ ଗୌଡଗୁଡା ଗ୍ରାମର ଗଣେଶ ଗୌଡଙ୍କ ଏକ ବାଇକ ଧକ୍କାରେ ମୃତ୍ୟୁ ହୋଇଥିବା ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ଗୌଡଗୁଡା ଗ୍ରାମର ଗଣେଶ ଗୌଡ ଏବଂ ତାଙ୍କ ସାଥୀ କଲି ହରିଜନ ଜୟପୁରରୁ କାମ ସାରି ଘରକୁ ଯିବା ସମୟରେ ପେପରମିଲ ଛକରେ ଥିବା ଏକ ମୋଟର ସାଇକଲ ଗ୍ୟାରେଜରେ ଗାଡି ମରାମତି କରିଥିଲେ। ସେଠାରୁ ଦୁଇ ସାଙ୍ଗ ଗଣେଶ ଗୌଡ ଏବଂ ତାଙ୍କ ସାଥୀ କଲି ହରିଜନ ଚାଲି ଚାଲି ଯାଉଥିବା ସମୟରେ ପଛପଟୁ ଏକ ଡିଲକ୍ସ ମୋଟର ସାଇକଲ (ଓଡି୧୦ଜେ୬୪୨୬) ଆସି ଧକ୍କା ଦେଇଥିଲା। ଗଣେଶ ଗୌଡଙ୍କୁ ଗୁରୁତର ଧକ୍କା ହୋଇଥିଲା। ତାଙ୍କୁ ତୁରନ୍ତ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। କୋରାପୁଟରେ ଗଣେଶଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଗଣେଶଙ୍କ ଭାଇ ସନ୍ୟାସୀ ଗୌଡ ଥାନାରେ ଏକ ଏତଲା ଦେବା ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଉତ୍ତରାଖଣ୍ଡ ସେନା କ୍ୟାମ୍ପରେ ଭୟାବହ ଅଗ୍ନିକାଣ୍ଡ

### ଜଳିଗଲା ଷ୍ଟୋର, ଥିଲେ ୧୦୦ରୁ ଅଧିକ ସୈନିକ

**ଜୋଶୀ ମଠ, ୨।୧:** ଉତ୍ତରାଖଣ୍ଡ ଜୋଶୀ ମଠରେ ଥିବା ଭାରତୀୟ ସେନା କ୍ୟାମ୍ପରେ ଶୁକ୍ରବାର ମଧ୍ୟାହ୍ନରେ ଅଚାନକ ଅଗ୍ନିକାଣ୍ଡ ଘଟିଛି। ଏଥିରେ କ୍ୟାମ୍ପର କେତେକ ଷ୍ଟୋର ଜଳିପୋଡି ପାଉଁଶ ହୋଇଯାଇଛି। ତେବେ ଆଶ୍ୱସ୍ତିର ଖବର ହେଉଛି ଘଟଣା କାଳରେ କ୍ୟାମ୍ପରେ ୧୦୦ରୁ ଅଧିକ ସୈନିକ ଥିଲେ। ଏଣୁ ସୈନିକମାନେ ଉପଲବ୍ଧ ସଂଶାଧନରେ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିକାଣ୍ଡ ନେଇ ଦମକଳ ବିଭାଗକୁ ସୂଚିତ କରାଯାଇଥିଲା। ଏଣୁ ଦମକଳ ପହଞ୍ଚିବା ବେଳକୁ ସେନା ଯବାନମାନେ ପ୍ରାୟ ନିଆଁକୁ ଆୟତ୍ତ କରିସାରିଥିଲେ। ଷ୍ଟୋରରେ ଥିବା ଉପକରଣ, ସାମଗ୍ରୀ ଓ ଜରୁରି ଜିନିଷ ପତ୍ର ଜଳି ପାଉଁଶ ହୋଇଯାଇଛି। କ୍ୟାମ୍ପ ଦୁର୍ଗମ ପାହାଡିଆ ଅଞ୍ଚଳରେ ଥିବାରୁ ଦମକଳ ପହଞ୍ଚିବାକୁ ବିଳମ୍ବ ହୋଇଥିଲା। ପାଣି ଟ୍ୟାଙ୍କର, ମାନୁଆଲ ଫାୟାର ଇକ୍ୱିପମେଣ୍ଟରେ ଯବାନମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ସେନାର ଜଣୈକ ବରିଷ୍ଠ ଅଧିକାରୀଙ୍କ ଅନୁସାରେ ଅଗ୍ନିକାଣ୍ଡ ଯୋଗୁ କେହି ହତାହତ ହୋଇ ନାହାନ୍ତି। ହେଲେ ବ୍ୟାପକ ସମ୍ପତ୍ତି ହାନୀ ହୋଇଛି। ନିଆଁ ଲାଗିବାର କାରଣ ଜଣା ପଡିନାହିଁ। ଏଣୁ ଯାଞ୍ଚ ଆରମ୍ଭ ହୋଇଛି ଓ ପରିସ୍ଥିତି ଉପରେ ଲଗାତାର ନଜର ରଖା ଯାଉଛି।

# ସରକାରୀ ସ୍କୁଲ, ମୌଳିକ ସୁବିଧାର ଅଭାବ

**ଭୁବନେଶ୍ୱର, ୨।୧:** ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡିକୁ ଉଭୟ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ମୁହଁ ମୋଡୁଥିବାବେଳେ ବିଦ୍ୟାଳୟରେ ମୌଳିକ ସୁବିଧାର ଅଭାବକୁ ଏଥିପାଇଁ କେତେକାଂଶରେ ଦାୟୀ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଦେଢ଼ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ଥିବାବେଳେ ୫ଶହରୁ ଅଧିକ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ସୁବିଧା ନଥିବା ଜଣାଯାଇଛି।

ବିଦ୍ୟାଳୟ ସଂକ୍ରାନ୍ତରେ ହୋଇଥିବା ସର୍ବଶେଷ ସମୀକ୍ଷାରୁ ଜଣାଯାଇଛି ଯେ ରାଜ୍ୟରେ ମୋଟ୍ ୪୮,୪୬୩ଟି ସରକାରୀ ବିଦ୍ୟାଳୟ ରହିଥିବାବେଳେ ଏଥି ମଧ୍ୟରୁ ୩୩୭୨ଟି ବିଦ୍ୟାଳୟର ପାଚେରୀ ନାହିଁ। ଏହିସବୁ ବିଦ୍ୟାଳୟରେ ଦିନବେଳା ପାଠପଢ଼ା ହେଉଥିବାବେଳେ ରାତିବେଳା ଗାଈଗୋରୁ ଶୋଉଛନ୍ତି। ସେହିଭଳି ଏହି ବିଦ୍ୟାଳୟଗୁଡିକରେ ଗଛଟିଏ



ଲଗାଇବା ବି ସମ୍ଭବପର ହେଉନାହିଁ। ଏଥିରୁ ସର୍ବାଧିକ ୬୩୦ ବିଦ୍ୟାଳୟ ରହିଛି କୋଟରାପୁଟ ଜିଲ୍ଲାରେ। ରାୟଗଡାରେ ୪୫୩ଟି ବିଦ୍ୟାଳୟର ବି ପାଚେରୀ ନାହିଁ। ଖୋର୍ଦ୍ଧା ଜିଲ୍ଲାରେ ୮୧ଟି ବିଦ୍ୟାଳୟରେ ପାଚେରୀ ନଥିବାବେଳେ ପୁରୀ ଜିଲ୍ଲାରେ ୨୦୦ ବିଦ୍ୟାଳୟ ଏହି ତାଲିକାରେ ରହିଛି। ତେବେ ରାଜ୍ୟରେ ମାତ୍ର ୧୩ଟି ବିଦ୍ୟାଳୟକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଦ୍ୟାଳୟର ପକ୍କା ଘର ରହିଛି। ଏହି ୧୩ଟି ବିଦ୍ୟାଳୟ ମଧ୍ୟରୁ କେନ୍ଦ୍ରାପଡା, ମାଲକାନଗିରି ଓ ଗଞ୍ଜାମରେ ଦୁଇଟି କରି ବିଦ୍ୟାଳୟ ରହିଥିବାବେଳେ କଟକ, ଯାଜପୁର, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, ମୟୂରଭଞ୍ଜ ଓ ନୟାଗଡ ଜିଲ୍ଲାରେ ଗୋଟିଏ କରି ବିଦ୍ୟାଳୟ ରହିଛି। ସେହିଭଳି ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡିକ ମଧ୍ୟୁ ୧୪୫୪ଟି ବିଦ୍ୟାଳୟରେ ଛାତ୍ରଙ୍କ ପାଇଁ ଶୌଚାଳୟ ସୁବିଧା ନାହିଁ। ଏହି ତାଲିକାରେ ରାୟଗଡା ଜିଲ୍ଲାର ସର୍ବାଧିକ ୨୪୯ଟି ବିଦ୍ୟାଳୟ ରହିଥିବାବେଳେ ବରଗଡ ଜିଲ୍ଲାରେ ୧୭୩ ଓ କେନ୍ଦୁଝର ଜିଲ୍ଲାରେ ୧୩୮ଟି ରହିଛି। ସେହିଭଳି ୫୭୪ ଟି ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ନାହିଁ। ଏହି ତାଲିକାରେ ନୂଆପଡା ଜିଲ୍ଲାର ୫୪ଟି ବିଦ୍ୟାଳୟ ରହିଥିବାବେଳେ ବାଲେଶ୍ୱର ଜିଲ୍ଲାର ୪୦ଟି ବିଦ୍ୟାଳୟ ରହିଛି। ତେବେ ଭଦ୍ରକ ଓ ଜଗତ୍‌ସିଂହପୁର ଜିଲ୍ଲାର ସମସ୍ତ ସରକାରୀ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ରହିଛି।

ତେବେ ରାଜ୍ୟର ୯୫୨୫ଟି ସରକାରୀ ବିଦ୍ୟାଳୟରେ ପିଲାଙ୍କ ପାଇଁ ଖେଳପଡିଆ ଟିଏ ନା।ହିଁ। ଏଥି ମଧ୍ୟରେ କୋରାପୁଟ ଜିଲ୍ଲାର ୧୫୩୧ଟି ବିଦ୍ୟାଳୟ ରହିଥିବାବେଳେ ବଲାଙ୍ଗିର ଜିଲ୍ଲାର ୮୯୯ଟି ବିଦ୍ୟାଳୟ ରହିଛି। ତେବେ ଯାଜପୁର ଜିଲ୍ଲାରେ ଥିବା ୧୭୬୩ଟି ବିଦ୍ୟାଳୟ ମଧ୍ୟରୁ ମାତ୍ର ୩ଟିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଦ୍ୟାଳୟରେ ଖେଳପଡିଆ ସୁବିଧା ରହିଛି ଯାହାକି ରାଜ୍ୟରେ ଏକ ରେକର୍ଡ।

ସେହିଭଳି ରାଜ୍ୟର ୧୫୮୮ଟି ବିଦ୍ୟାଳୟରେ ବିଦ୍ୟୁତ୍ ସୁବିଧା ନାହିଁ। ବିଦ୍ୟୁତ୍ ସୁବିଧା ନଥିବା ସ୍କୁଲ ତାଲିକାରେ ଭଦ୍ରକ, ଝାରସୁଗୁଡାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାର ସରକାରୀ ବିଦ୍ୟାଳୟ ରହିଛି। ଏହିସବୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖରାଦିନେ କେବଳ ଗରମରେ ଆଉଟୁ ପାଉଟୁ ହେଉନାହାନ୍ତି, ସେମାନଙ୍କ ବିଦ୍ୟାଳୟରେ ଟିଭିଟିଏ ଚାଲିବା ବି ସମ୍ଭବପର ହୋଇପାରୁ ନାହିଁ। ସରକାରୀ ବିଦ୍ୟାଳୟରେ ଏହିସବୁ ସର୍ବନିମ୍ନ ମୌଳିକ ସୁବିଧାର ଅଭାବ ଯୋଗୁଁ ମାଗଣା ମଧ୍ୟାହ୍ନଭୋଜନ, ପୁସ୍ତକ ଓ ପୋଷାକ ଦିଆଗଲେ ମଧ ଘରୋଇ ବିଦ୍ୟାଳୟରେ ବର୍ଷକୁ ବର୍ଷ ଛାତ୍ରଛାତ୍ରୀଙ୍କ ସଂଖ୍ୟା କିନ୍ତୁ ବୃଦ୍ଧି ପାଇବାରେ ଲାଗିଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁର୍ନୀତି...

ଚଢ଼ାଉ କରି ଆୟ ବହିର୍ଭୂତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସରକାରୀ କର୍ମଚାରୀଙ୍କର ୧୧୯୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରାଯାଇଛି। ୧୫୩ଟି ବିଲଡିଂ, ୧୮.୩ କିଗ୍ରା ସୁନା, ୪୧୭ଟି ପ୍ଲଟ, ୧୨ଟି ଫାର୍ମ ହାଉସ ଜବତ କରାଯାଇଛି। ଏଥିସହ ୩୬.୬୯ କୋଟି ଟଙ୍କାର ଜମାରାଶି ଓ ୮.୮ କୋଟି ଗଚ୍ଛିତ ନଗଦ ଟଙ୍କା ମଧ ଜବତ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା ପାଇଁ ସମୟ ଆସିଯାଇଛି ଏବଂ ଏକ ଏପରି ଉଦାହରଣ ସୃଷ୍ଟି କରିବା ଯାହା ଫଳରେ ସରକାରୀ କର୍ମଚାରୀମାନେ ଦୁର୍ନୀତିର ରାସ୍ତାରୁ ନିବୃତ୍ତ ରହିବେ। ଭିଜିଲାନ୍ସ ବିଭାଗ ତା'ର ଅଭିଯାନ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଭିଜିଲାନ୍ସ ବିଭାଗର ବିଭିନ୍ନ ଆବଶ୍ୟକତା ଯେପରି ଦକ୍ଷତା ବୃଦ୍ଧି, ନିଯୁକ୍ତି ଓ ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନ୍ସ ଅସୀତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆସିବ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହାକୁ ରୋକିବା ସକାଶେ ଗୃହ ବିଭାଗ ପକ୍ଷରୁ ଗାଇଡଲାଇନ ଆଣିବା ଉପରେ ବି ବିଚାର କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।ସେ କହିଛନ୍ତି ଯେ ଲୋକସେବା ଭବନରେ କୌଣସି ପ୍ରକାର ରିଲ୍ସ କରିବା ଦ୍ୱାରା ଏହାର ମର୍ଯ୍ୟାଦା ସହ ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। କାରଣ ଲୋକସେଭା ଭବନରେ ଅନେକ ସମ୍ବେଦନଶୀଳ ପ୍ରଶାସନିକ କାର୍ଯ୍ୟ ଚାଲୁଛି। ତେଣୁ ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ଅଦିନିଆ...

ରୋକିବା ସକାଶେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏକ ହୀନ ପ୍ରୟାସ ଓ ଏହାକୁ କଦାପି ସହ୍ୟ କରାଯିବ ନାହିଁ ବୋଲି ଜଗଦ୍‌ଗୁରୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଆଜିଠାରୁ ପୁରୀ ପୌର ସଦନରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ବିଶ୍ୱବ୍ୟାପୀ ସଂଗଠନ ପକ୍ଷରୁ ଆରମ୍ଭ ହୋଇଛି ତିନିଦିନିଆ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ। ଏଥିରେ ବିଶ୍ୱରୁ ୫୩ଟି ଦେଶର ପ୍ରତିନିଧି ଯୋଗ ଦେଇଛନ୍ତି। ଏହି ସମାବେଶରେ ମହାପ୍ରଭୁଙ୍କ ମହାପ୍ରସାଦର ମହିମା ହେଉ କି ଶ୍ରୀ ଜଗନ୍ନାଥ ଚେତନା ଜାଗରଣ ସମ୍ପର୍କରେ ଆଲୋଚନା ବୋଲି ଜଣାପଡ଼ିଛି।

## ମାଓନେତା...

ନିଯୁକ୍ତି ଦିଆଯାଇଛି। ପକ୍‌ସୋ ଆଇନ ବ୍ୟତୀତ ତାଙ୍କ ବିରୁଦ୍ଧରେ ଥିବା ଅନ୍ୟସବୁ ପ୍ରକାର ମାମଲାର ଶୁଣାଣି ଏହି କୋର୍ଟରେ କରାଯିବ ଓ ବର୍ଷକ ମଧ୍ୟରେ ସମସ୍ତ ମାମଲାର ଶୁଣାଣି ଶେଷ କରିବା ସକାଶେ ମଧ ନିର୍ଦ୍ଦେଶ ଦିଆଯାଇଛି ବୋଲି ସରକାରୀ ଓକିଲ ରାଜେଶ କୁମାର ମିଶ୍ର କହିଛନ୍ତି।। ଆଜାଦଙ୍କ ନାଁରେ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଥାନାରେ ମଧ ମାମଲା ରହିଛି। ତେଣୁ ପାରଳାଖେମୁଣ୍ଡି ଆନ୍ଧ୍ର ସୀମାରେ ରହିଥିବା ଯୋଗୁଁ ଏଠାରେ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଥିବା ଶ୍ରୀ ମିଶ୍ର କହିଛନ୍ତି।

## ଉନ୍ନୟନ...

ଧନ୍ୟବାଦ ଦେଇଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଏପଟେ ୧୯୯୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ତଥା ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ରାଜସ୍ୱ ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ଶ୍ରୀ ସାହୁଙ୍କ ବ୍ୟାଚର ଅନୁ ଗର୍ଗ ମୁଖ୍ୟ ଶାସନ ସଚିବ ହେଲା ପରେ ଶ୍ରୀ ସାହୁଙ୍କୁ ଲୋକସେବା ଭବନ ବାହାରେ ଦାୟିତ୍ୱ ମିଳିଛି।

## ଫରେଷ୍ଟରଙ୍କ...

କରିଥିବାର ଅଭିଯୋଗ ରହିଛି। ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଗତ ୨୦୨୪-୨୫ରେ ଚାରା ରୋପଣ ନାଁରେ ନକଲି ମଷ୍ଟର ରୋଲ୍ ଓ ଜବ୍ କାର୍ଡ ଦେଖାଇ ଏହି ଟଙ୍କାକୁ ସେ ଆତ୍ମସାତ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଶ୍ରୀ ଜୁଆଡ଼ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ରେଞ୍ଜରେ ହାତୀର ଗତିବିଧି ତଦାରଖ କରିବା ପାଇଁ ନିୟୋଜିତ ଥିଲେ। ସେହିପରି ଶ୍ରୀ ମଲ୍ଲିକ ଓ ଶ୍ରୀ ରାୟ ଚିତାଳେ ମହାବିଦ୍ୟାଳୟକୁ ଆତ୍ମରକ୍ଷା ପ୍ରଶିକ୍ଷଣ ବାବଦରେ ଆସିଥିବା ଅର୍ଥରୁ ୩୨ ଲକ୍ଷ ୭ ହଜାର ୬୨୦ ଟଙ୍କା ହଡ଼ପ କରିଥିବା ଅଭିଯୋଗ ରହିଛି। ଉଭୟଙ୍କ ନାମରେ ଗତ ୩୧ ତାରିଖରେ ମାମଲା ରୁଜୁ କରାଯିବା ପରେ ଆଜି ଗିରଫ ସହ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି।

## ବାଇକ୍...

ଘୋଷାଡ଼ି ନେଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ, ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଦୁଇଟି ମୃତଦେହକୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। କିନ୍ତୁ ଅନ୍ୟ ଏକ ମୃତଦେହ ବସ୍ ତଳେ ଫସି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା। ପରେ ଉକ୍ତ ମୃତଦେହକୁ ମଧ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା।

ଅନ୍ୟପକ୍ଷରେ ଉତ୍ତ୍ୟକ୍ତ ଲୋକେ ୨୨୦ ନଂ ଜାତୀୟ ରାଜପଥକୁ ଅବରୋଧ କରିବା ସହ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଜାତୀୟ ରାଜପଥ ଅବରୋଧ ଖବର ପାଇବା ପରେ ରାଇରଙ୍ଗପୁର ଏଏସପି ଯଦୁନାଥ ଜେନା, ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ରାଇରଙ୍ଗପୁର ତହସିଲଦାର, ରାଇରଙ୍ଗପୁର ବିଡିଓ ଓ ଜୁନିୟର ଏମଭିଆଇ ମଧ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି। ବସ୍ ମାଲିକ ଓ ପ୍ରଶାସନ ପକ୍ଷରୁ ମୃତ ଯୁବକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବା ସକାଶେ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ତେବେ ସରକାରୀ ନିୟମାନୁସାରେ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଦୁର୍ଘଟଣା ସମ୍ପର୍କରେ ରାଇରଙ୍ଗପୁର ଏଏସପି ଶ୍ରୀ ଜେନାଙ୍କ ଅନୁସାରେ, ଘଟଣାସ୍ଥଳରୁ ଯାତ୍ରୀଙ୍କ ସହ ଉକ୍ତ ବସ୍‌ର ଡ୍ରାଇଭର୍ ଓ କଣ୍ଡକ୍ଟର ମଧ ଫେରାର୍ ହୋଇଯାଇଛନ୍ତି। ଏନେଇ ଏକ ଦୁର୍ଘଟଣା ମାମଲା ରୁଜୁ କରାଯିବ।

ମୃତ୍ୟୁବରଣ କରିଥିବା ୩ ଯୁବକଙ୍କ ପରିଚୟ ମିଳିଛି। ସେମାନେ ହେଲେ ତିରିଂ ଥାନା ଅନ୍ତର୍ଗତ ରତନସାହି ଗ୍ରାମର ରତିକାନ୍ତ ବେହେରାଙ୍କ ପୁଅ ବିକାଶ (୨୫), ଝାଡ଼ଖଣ୍ଡ ଷଢ଼େଇକଳା ଖରସୁଆଁ ଆଦିତ୍ୟପୁରର ପ୍ରବୀର ଦେବବର୍ମା (୨୬) ଓ ତ୍ରିପୁରାର ବିକାଶ ଦେବବର୍ମା (୨୬)। ଏହି ଦୁର୍ଘଟଣା ନେଇ ଜଣେ ମୃତ ଯୁବକଙ୍କ ପରିବାରକୁ ଖବର ଦିଆଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହଗୁଡ଼ିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକ୍‌କୁ ମଧ ପୁଲିସ୍ ଜବତ କରିଛି।

## ଜାନକୀକରଣ...

ଦୀର୍ଘ ୨୫ ବର୍ଷ ଧରି କ୍ଷମତା ବାହାରେ ରହିଥିବା ଓଡ଼ିଶା କଂଗ୍ରେସକୁ ଜାନକୀକରଣ ପ୍ରକ୍ରିୟା ସଞ୍ଜୀବନୀ ଦେଇପାରିବ ନା ଜନ୍ମ ଶତାବର୍ଷିକୀ ନାଁରେ ଭକ୍ତବିରୋଧୀ ଏକାଠି ହେବାର ଏକ ସୁଯୋଗ ସୃଷ୍ଟି ହେବ, ତାହା ଦେଖିବାର କଥା।

## ଘନ କୁହୁଡ଼ି ଚାଦର ତଳେ ହିଞ୍ଜିଳି



**ହିଞ୍ଜିଳିକାଟୁ,୨।୧ (ସଂଚାର ବ୍ୟୁରୋ):** ନୂତନ ବର୍ଷର ୨ୟ ସକାଳରେ ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଅଂଚଳ ଏକ ଭିନ୍ନ ରୂପରେ ଦେଖିବାକୁ ମିଳିଛି । ସକାଳୁ ସକାଳୁ ସହର ଘନ କୁହୁଡ଼ିର ଏକ ମୋଟା ସ୍ତର ବା ଧଳା ଚାଦର ତଳେ ଶୋଇ ରହିଥିବା ପରି ମନେ ହେଉଥିଲା। ଗୁରୁବାର ବିଳମ୍ବିତ ରାତିରୁ ମାଡି ଆସିଥିଲା ଘନ କୁହୁଡ଼ି । ସାରା ସହରକୁ ଆବୋରି ଧରିଥିଲା ଧଳା ଆସ୍ତରଣ । ସକାଳ ୫ଟାରୁ ୮ଟା ମଧ୍ୟରେ ହଠାତ୍ କୁହୁଡ଼ି ଏତେ ମାତ୍ରାରେ ବଢ଼ିଯାଇଥିଲା ଯେ ଚାଳକଙ୍କ ପାଇଁ ଗାଡି ଆଗକୁ ବଢ଼ାଇବା କଷ୍ଟସାଧ୍ୟ ହୋଇଥିଲା । ସକାଳ ୮ଟା ପର୍ଯ୍ୟନ୍ତ ମଧ୍ୟ ଅନେକ ସ୍ଥାନରେ ଦୃଶ୍ୟମାନ ଦୂରତା ୫୦ ମିଟରରୁ କମ୍ ରହିଥିଲା। ଯାହା ଫଳରେ ବାଇକ୍ ଏବଂ କାର୍ ଚାଳକମାନେ ନିଜ ଗାଡ଼ିର ହେଡ୍‌ଲାଇଟ୍ ଏବଂ ଫଗ୍ ଲାଇଟ୍ ବ୍ୟବହାର କରି ଅତି ଧୀର ଗତିରେ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ତା ସହିତ ଶୀତର ଲହରି ଦେଖିବାକୁ ମିଳିଥିବା ବେଳେ ବିଭିନ୍ନ ସ୍ଥାନରେ ଲୋକେ ନିଆଁ ଜାଳି ଶୀତ ଦାଉରୁ ରକ୍ଷା ପାଇବାକୁ ଚେଷ୍ଟା କରୁଛନ୍ତି ।

## ରାଇଘରଠାରେ ମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ



**ରାଇଘର,୨।୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମାନ୍ୟବର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପାଣ୍ଠିରୁ ୫୦ଲକ୍ଷ ଏବଂ ବିକଶିତ ଗାଁ ବିକଶିତ ଓଡିଶା ପାଣ୍ଠିରୁ ୬୪ ଲକ୍ଷ ମୋଟ ଏକ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ନେଇ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ, ସନ୍ତୋଷ ମହାପାତ୍ର, ସିବନାଥ ବାନାର୍ଜୀ, ଶରତ ଜେନା, ଗଉଁନ୍ତିଆ କମଲ ସିଂ ରାଜପୁତ, ମନୋହର ଦଣ୍ଡସେନା, ଶ୍ୟାମଲାଲ କଲାର, ପୂର୍ଣ୍ଣଚନ୍ଦ୍ର ଗଣ୍ଡ, ବିଶ୍ୱନାଥ ସିଲ, ତିରୁ ପାତ୍ର, ଟୁକୁନି ସାମନ୍ତରା, ବସନ୍ତ ଡଙ୍ଗରି, ଜଗନ୍ନାଥ ମନ୍ଦିର ସଭାପତି ସହଦେବ ଗଣ୍ଡ, ସ୍ଥାନୀୟ ତହସିଲଦାର ରୀତୁ ସିଂ ପ୍ରମୁଖଙ୍କ ସମେତ ବିଜେପିର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ୧୪୦ ଚୋରା ଗ୍ୟାସ ସିଲିଣ୍ଡର ଉଦ୍ଧାର, ୫ ଗିରଫ



**ବୋରିଗୁମ୍ମା,୨।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବି. ସିଂହପୁର ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୪୦ ଟି ଚୋରି ହୋଇଥିବା ଗ୍ୟାସ ସିଲିଣ୍ଡରକୁ ଜବତ କରିବା ସହ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବୋରିଗୁମ୍ମା ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ପାଞ୍ଚ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସଦର ଥାନା ଅଞ୍ଚଳର କର୍ଣ୍ଣ ହରିଜନ(୨୮), ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ଗ୍ରାମର ରୋହିତ ମାଥ୍ୟୁ(୨୫), ପାପଡାହାଣ୍ଡି ଥାନା ଅନ୍ତର୍ଗତ ବେଡାଝରଣ ଗ୍ରାମର ସବାସନ ହରିଜନ(୨୭), ନବରଙ୍ଗପୁର ସଦର ଥାନା ଅଞ୍ଚଳ ଡଙ୍ଗରିଗୁଡା ଗ୍ରାମର ବୈଦନାଥ ହରିଜନ(୨୧), ପାପଡାହାଣ୍ଡି ଥାନା ଅନ୍ତର୍ଗତ ବେଡାଝରଣ ନାଶନ ଟାକ୍ରୀ (୩୧) । ସୂଚନାନୁଯାୟୀ ଗତ ୦୫.୧୨.୨୦୨୫ରିଖି ରାତିରେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ଗ୍ରାମର ଏଚ୍‌ପି. ଗ୍ୟାସ ମାଲିକ ସନ୍ତୋଷ ମହାପାତ୍ରଙ୍କ ଗ୍ୟାସ ଗୋଦାମ ଘରୁ ୧୪୦ଟି ଖାଲି ସିଲିଣ୍ଡର ଚୋରି ହୋଇଥିବା ନେଇ ମାଲିକ ଶ୍ରୀ ମହାପାତ୍ର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା କେସ ନମ୍ବର-୧୭୬/୨୦୨୫ ରେ ରୁଜୁ କରାଯାଇ ତଦନ୍ତ ଚାଲିଥିଲା।ଏହି ଚୋରୀ ରାକେଟ ଗ୍ୟାଙ୍ଗ ରେ ଆହୁରି କେତେଯେ ଫେରାର ଅଛନ୍ତି, ତାଙ୍କୁ ଶୀଘ୍ର ଆରେଷ୍ଟ କରାଯିବ ବୋଲି ଏସ୍‌ଡିପିଓ ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି।

# ନୂଆବର୍ଷରେ ବଦଳିବ ରାଜନୀତି ସମୀକରଣ

### ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେବ ରଣକୌଶଳ

### ବିଜେପି ପାଇଁ ଗୋଷ୍ଠୀ କନ୍ଦଳ ମୁଖ୍ୟ ସମସ୍ୟା



**କାକଟପୁର/ଅସ୍ତରଙ୍ଗ,୨।୧ (ସଂଚାର ବ୍ୟୁରୋ):** ଚାହୁଁ ଚାହୁଁ ଶେଷ ହୋଇଛି ୨୦୨୫। ନୂତନ ସୂର୍ଯ୍ୟୋଦୟ ସହ ଆରମ୍ଭ ହୋଇଛି ଇଂରାଜୀ ନୂଆ ବର୍ଷ ୨୦୨୬। ବଦଳିଛି କାନ୍ଥର କ୍ୟାଲେଣ୍ଡର। ଏହା ସହ ତାଳ ଦେଇ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ରାଜନୀତି ଚିତ୍ରପଟ୍ଟ ସମ୍ପୂର୍ଣ୍ଣ ବଦଳିବା ନେଇ ଆଶଙ୍କା କରାଯାଉଛି। ୨୦୨୭ରେ ପଞ୍ଚାୟତ ନିର୍ବାଚନ। ଏହି ନିର୍ବାଚନ ସବୁ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ୨୦୨୬ ତିନି ପ୍ରମୁଖ ଦଳ ପାଇଁ କର ବା ମର ପାଲଟିଛି। ପଂଚାୟତ ନିର୍ବାଚନ ବାଜି ଜିତିବା ପାଇଁ ଏହି ବର୍ଷ ସବୁ ଦଳ ନିଜର ରଣ କୌଶଳ ଗଢ଼ିବେ। ଏହି ପରିପ୍ରେକ୍ଷୀରେ ୨୦୨୬ରେ ଅସ୍ତରଙ୍ଗ ବ୍ଲକରେ ରାଜନୀତିରେ ଅନେକ ସମୀକରଣ ହେବା ନେଇ ଆଶା କରାଯାଉଛି।

୨୦୨୨ ପଞ୍ଚାୟତ ନିର୍ବାଚନରେ ଅସ୍ତରଙ୍ଗରେ ମିଳିତ ମେଣ୍ଟ ଅପ୍ରତ୍ୟାଶିତ ଭାବେ ଭଲ ପ୍ରଦର୍ଶନ କରିଥିଲା। ଏହାର ପ୍ରଭାବ ୨୦୨୪ ବିଧାନସଭା ନିର୍ବାଚନରେ ପଡିଥିଲା। ଅଳ୍ପକେ ହାତରୁ ବିଜେଡି ସମର୍ଥିତଙ୍କ ଅସ୍ତରଙ୍ଗ ବ୍ଲକ ଖସିଯାଇଥିଲା। ୨୦୨୪ ନିର୍ବାଚନ ପୂର୍ବରୁ ଅସ୍ତରଙ୍ଗ ମିଳିତ ମେଣ୍ଟ ବିଜେପିରେ ମିଶିବା ପରେ କ୍ରମଶଃ ସୁଦୃଢ଼ ହୋଇଛି ଅସ୍ତରଙ୍ଗରେ। ମୋଟ ଉପରେ କହିବାକୁ ଗଲେ ପଂଚାୟତ ନିର୍ବାଚନ ପାଇଁ ବିଜେପି ନିଜର ପ୍ରସ୍ତୁତି ଆରମ୍ଭ କରି ଦେଇଛି।

ଏକଦା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କଂଗ୍ରେସ ଗଡ଼ ବୋଲି କୁହାଯାଉଥିଲା। ମାତ୍ର ପରବର୍ତ୍ତୀ ସମୟରେ ଦଳର ସ୍ଥିତି ଦୁର୍ବଳ ହେବାକୁ ବସିଲା। ନିର୍ବାଚନରେ ଦଳୀୟ ପ୍ରଦର୍ଶନ ମଧ ନୈରାଶ୍ୟଜନକ ଥିଲା। ପୂର୍ବରୁ ପ୍ରତି ପଂଚାୟତରେ କଂଗ୍ରେସ ୱାର୍ଡ ମେମ୍ବର, ସରପଞ୍ଚ ଅକ୍ତିଆର କରୁଥିଲା କିନ୍ତୁ ବ୍ଲକ ଅଂଚଳର ଅଧା ସରପଞ୍ଚ ଅକ୍ତିଆର କରିବାରେ ବିଫଳ ହୋଇଥିଲା ଗତ ନିର୍ବାଚନରେ।

ବାରମ୍ବାର ନୈରାଶ୍ୟ ଜନକ ପ୍ରଦର୍ଶନ ପାଇଁ ଦଳୀୟ ନେତା ବିଜେଡିରେ ମିଶିଥିଲେ। ସେମାନଙ୍କ ସହଯୋଗରେ ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଂଚାୟତରେ ବିଜେଡି ଅଧିକ ଶକ୍ତିଶାଳୀ ହୋଇଥିଲା। ଆଗାମୀ ପଂଚାୟତ ନିର୍ବାଚନ ପାଇଁ ସଂଗଠନକୁ ମଜଭୂତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ବିଶେଷ କରି ଯୁବକ କଂଗ୍ରେସ ପ୍ରତି ଆକର୍ଷିତ ହେବା ସୂଚନା। ଚଳିତ ବର୍ଷ ଏହି ପ୍ରକ୍ରିୟା ଜାରି ରହିଲେ ପଞ୍ଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବା ନେଇ ଆଶା କରାଯାଉଛି। ଏ ସବୁ ଭିତରେ ବିଜେପି ରାଜ୍ୟରେ ସରକାରକୁ ଆସିବା ପରେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ବିଜେପି ପ୍ରତି ବିଭିନ୍ନ ପଂଚାୟତ ଆଗ ଧାଡି କର୍ମୀ ମିଶିଥିଲେ। କିନ୍ତୁ ବିଜେପି ମଧରେ ଗୋଷ୍ଠୀ କନ୍ଦଳ ପାଇଁ ଅସ୍ତରଙ୍ଗ ବ୍ଲକ ଅଂଚଳ ବିଭିନ୍ନ ପଂଚାୟତରେ ବିଜେପି ଗୋଷ୍ଠୀ କନ୍ଦଳ ପାଇଁ ବିଜେଡି ଫାଇଦା ନେବାର ସମ୍ଭାବନା ଦେଖାଦେଉଛି। ଯେଉଁ ଭଳି ଭାବରେ ବିଭିନ୍ନ ପଂଚାୟତରେ ବିଜେପି ଗୋଷ୍ଠୀ କନ୍ଦଳ ବୃଦ୍ଧି ପାଉଛି ଆଗାମୀ ପଂଚାୟତ ନିର୍ବାଚନରେ ଗେମ ଚେଞ୍ଜର ସାଜିବ। ପୂର୍ବ ତ୍ରୁଟିକୁ ଭୁଲି ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଏକ ହୋଇ କାମ କରିବାକୁ ରାଜନୈତିକ ସମୀକ୍ଷକମାନେ ପରାମର୍ଶ ଦେଉଛନ୍ତି।

ମୋଟ ଉପରେ କହିବାକୁ ଗଲେ ବିଭିନ୍ନ କାରଣ ପାଇଁ ୨୦୨୬ଅସ୍ତରଙ୍ଗ ବ୍ଲକ ଅଂଚଳରେ ତିନି ଦଳ ପାଇଁ ଅନେକ କ୍ଷେତ୍ରରୁ ଗୁରୁତ୍ୱ ବହନ କରୁଛି।

## ଆଇନ ସଚେତନତା ଶିବିର



**ହିଞ୍ଜିଳିକାଟୁ,୨।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ତାଲୁକା ଆଇନ ସେବା କମିଟି ତରଫରୁ ପୌରପରିଷଦ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୱ୍ୱି.ନୂଆଁଗଡ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଆଇନ ସଚେତନତା କମିଟି ଅଧ୍ୟକ୍ଷା ସବ ଜର୍ଜ ସୁଶ୍ରୀ ସଂଗୀତା ମଲ୍ଲିକ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା ଉପରେ ଆଇନ ଉପରେ ସମସ୍ତେ ସଚେତନତା ହେବା ଜରୁରୀ ବୋଲି ସୁଶ୍ରୀ ମଲିକ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସବୁ ଛାତ୍ରଛାତ୍ରୀ ମାନେ ନିଜ ନିଜ ଜନ୍ମଦିନରେ ଗୋଟିଏ ଗୋଟିଏ ଗଛ ଲଗାଇ ପରିବେଶକୁ ସବୁଜ କରିବା ପାଇଁ ମତ ରଖିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଡି.ଗୌରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପଞ୍ଚାୟତରେ ନାହିଁ ନିଜସ୍ୱ କାର୍ଯ୍ୟାଳୟ

## ଭଡ଼ାଘରେ ଚାଲୁଛି ପଞ୍ଚାୟତ ଅଫିସ୍

**ଆନନ୍ଦପୁର,୨।୧ (ସଂଚାର ବ୍ୟୁରୋ):** ଗତ ସରକାରଙ୍କ ପକ୍ଷରୁ ୨୦୧୧ ମସିହାରେ ରାଜ୍ୟରେ ଥିବା ବୃହତ ପଂଚାୟତ ଗୁଡ଼ିକୁ ବିଭାଜନ କରଯାଇଥିଲା। ସେହିପରି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଓରାଳି ପଂଚାୟତରେ ଥିବା ଅଁରା ଗ୍ରାମକୁ ମଧ ସରକାରଙ୍କ ନିୟମ ଅନୁଯାୟୀ ୨୦୧୧ମସିହାରେ ଏକ ପଂଚାୟତ ଘୋଷଣା କରାଯାଇଥିଲା। ତେବେ ଏହି ପଂଚାୟତ ଗଠନ ବେଳେ ବେଙ୍ଗିଡିରା, ଟୁମାନିପାଟଣା, ବୃନ୍ଦାବନପୁର, ବେଲବନ୍ଧକୁ ନେଇ ଅଁରା ପଂଚାୟତ ଗଠନ ହୋଇଥିଲା। ଏହି ପଂଚାୟତରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ପରିବାର ଥିବା ବେଳେ ଭୋଟରଙ୍କ ସଂଖ୍ୟା ପ୍ରାୟ ୩୫୦୦ ପାଖାପାଖି ଅଛନ୍ତି। ତେବେ ଅଁରା ପଞ୍ଚାୟତ ଘୋଷଣା ହେବା ପରଠୁ ଆଜି ପର୍ଯ୍ୟନ୍ତ ପଂଚାୟତ ଅଫିସ୍ ଚାଲିବା ପାଇଁ ନିଜସ୍ୱ ଘର ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



ରାଜ୍ୟ ସରକାର ଗାଁଠୁ ସହର ବିକାଶର ଚିନ୍ତା କରୁଥିବା ବେଳେ ସାଧାରଣତଃ ଅଁରା ପଞ୍ଚାୟତରେ ପଂଚାୟତ ଚାଲିବା ପାଇଁ ନିଜସ୍ୱଘର ନଥିବାରୁ ଏକ ଦୁଃଖ ଓ ପରିତାପର ବିଷୟ ବୋଲି ଆଲୋଚନା ହେଉଛି। ତେବେ ସରକାରଙ୍କ ନୀତି ନିୟମ ଦୂରରେ ରହିଯାଇଛି କି ଅଁରା ପଂଚାୟତ ବୋଲି ପ୍ରଶ୍ନ ଉଠିଛି। ଏହି ସମସ୍ୟା ବିଷୟରେ ଗ୍ରାମବାସୀଙ୍କ ସହ ବୁଦ୍ଧିଜୀବୀ ମାନେ ପ୍ରଶାସନକୁ ଗୁହାରି କରି ଥକିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ୍ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନ ପଞ୍ଚାୟତର ନିଜସ୍ୱ ଘର ନଥିବାରୁ ଏକ ଭଡ଼ା ଘରେ ପଂଚାୟତ ଅଫିସ୍ ଚାଲୁଛି। ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତେବେ ଏହି ଦିଗରେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହେଉଛି।

### ମହଙ୍ଗା ପଡିଲା ପରକୀୟା ପ୍ରୀତି

## ସ୍ୱାମୀ ହାତରେ ଧରାପଡିବାରୁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ନୀଳଗିରି,୨।୧ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଜାମୁଡ଼ିହା ପଂଚାୟତ ଭୋଲାଗଡ଼ିଆ ଗାଁର ବାଦଲ ମାଝୀ ଗତ ୩ରୁ ୪ ବର୍ଷ ତଳେ ମୟୂରଭଞ୍ଜ ଜିଲ୍ଲା ଶରତ ଅଞ୍ଚଳରୁ ରାଣୀ କିସ୍କୁଙ୍କୁ ପ୍ରେମ ବିବାହ କରିଥିଲେ। ତେବେ କିଛି ଦିନ ପରେ ରାଣୀ ଶ୍ୱଶୁର ଘର ଭୋଲାଗାଡିଆ ଗାଁର ଜୈନିକ ଯୁବକଙ୍କ ସହିତ ପରକିଆ ପ୍ରୀତିରେ ପଡି ଉବୁଟୁବୁ ହେଉଥିଲେ। ଏନେଇ ପୂର୍ବରୁ ସ୍ୱାମୀ ଜାଣିବା ପରେ ଗାଁରେ ମିଟିଙ୍ଗ କରାଯାଇ ଉଭୟ ପ୍ରେମୀ ଯୁଗଳଙ୍କୁ ବାରଣ କରାଯାଇଥିଲା। ତଥାପି ଉଭୟ ପ୍ରେମୀ ଯୁଗଳ ପୁଣି ଲୁଚି ଲୁଚି ପରକିଆ ପ୍ରୀତି ଚଳାଇ ଥିବାର ଆଜି ସ୍ୱାମୀ ବାଦଲ ହାବୁଡ଼ରେ ଧରା ପଡିବା ପରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧରେ ଝଗଡା ଉଗ୍ର ରୂପ ନେଇଥିଲା। ଲୋକଲଜ୍ଜା ସହି ନପାରି ଶେଷରେ ରାଣୀ ଉକ୍ତ ଗାଁ ନିକଟବର୍ତ୍ତୀ ସାତରାଣ୍ଡ ଛକ ନିକଟ ଜଙ୍ଗଲ ଭିତରେ ଏକ କେନ୍ଦୁ ଗଛ ଉପରେ ଚଢ଼ି ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଏବଂ ସ୍ୱାମୀ ପହଂଚି ଉଦ୍ଧାର କରି ନୀଳଗିରି ଥାନାକୁ ଜଣାଇଥିଲେ। ଥାନା ପକ୍ଷରୁ ଏଏସଆଇ ଅନନ୍ତ ମୁର୍ମୁ ସଦଳବଳେ ଉକ୍ତ ଗ୍ରାମରେ ପହଂଚି ସ୍ୱାମୀ ସ୍ତ୍ରୀ ଙ୍କୁ ନୀଳଗିରି ଥାନାକୁ ଆଣି ପଚରା ଉଚରା କରୁଥିବା ଜଣାପଡିଛି।

## ବିନା ସୂଚନାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା




**ହିଞ୍ଜିଳିକାଟୁ,୨।୧ (ସଂଚାର ବ୍ୟୁରୋ):** ହିଞ୍ଜିଳି ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ହିଞ୍ଜିଳିକାଟୁ ପଂଚାୟତ ସମିତି ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକର ସମସ୍ତ ପଞ୍ଚାୟତର ମତ୍ସ୍ୟ ଚାଷୀ, ମତ୍ସ୍ୟଜୀବୀ, ଗୋ-ଚାଷୀ, ଗୋପାଳକ ଯୋଗ ଦେଇଥିଲେ ।

ଅତିଥିମାନେ ଯୋଗ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଂଚଳରେ ଆତ୍ମ ନିର୍ଭର ସୁଯୋଗ ସୃଷ୍ଟି କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଚାଷୀର ବିକାଶ ହେଲେ ରାଜ୍ୟର ସମୃଦ୍ଧି ସମ୍ଭବ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ତେବେ ହିଞ୍ଜିଳି ପ୍ରାଣୀ ସମ୍ପଦ ବିକାଶ ବିଭାଗୀୟ ଅଧିକାରୀ ଏହି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ କରିଥିବା ବେଳେ ସହରର ଗଣମାଧମ ପ୍ରତିନିଧି ମାନଙ୍କୁ କୌଣସି ମାଧମରେ ସୂଚନା ଦେଇନାହାନ୍ତି। ତେବେ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ନ ଦେବାର କାରଣ କଣ ରହିଥାଏ ପାରେ ଓ ଗଣମାଧମ ପ୍ରତିନିଧିଙ୍କୁ ଏତେ ଭୟ କଣ ପାଇଁ ତାକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଛି।

## ଭଙ୍ଗା ମଦବୋତଲ ଆକ୍ରମଣରେ ଯୁବକ ମୃତ

**କାକଟପୁର/ଅସ୍ତରଙ୍ଗ,୨।୧ (ସଂଚାର ବ୍ୟୁରୋ):** ନୂଆବର୍ଷରେ ସାଙ୍ଗ ମାନଙ୍କ ସହ ବଣ ଭୋଜି କରିବାକୁ ଯାଇଥିବା ବେଳେ ନିଶାଶକ୍ତ ଯୁବକ ମାନଙ୍କ ଦ୍ୱାରା ଗଣ୍ଡଗୋଳ ହେତୁ ଉତ୍ୟକ୍ତ ଯୁବକ ଭଙ୍ଗା ବିୟର ବୋତଲରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଶେଷରେ ମୃତ୍ୟୁ ସହ ସଂଗ୍ରାମ କରି ଆଖି ବୁଝିଲେ ମୁରୁଡ଼ା ଗ୍ରାମର ପିଣ୍ଟୁ ରାଉତ। ଏହି ଘଟଣାରେ ନୟାହାଟ ଅଞ୍ଚଳରୁ ୨ଜଣ ଯୁବକଙ୍କୁ ଗିରଫ କରିଛି କାକଟପୁର ପୁଲିସ। ସେମାନେ ହେଲେ ଧୂମାଳ ଗ୍ରାମର ସୂର୍ଯ୍ୟକାନ୍ତ ମିଶ୍ର, ସିଙ୍ଗପାନିଆ ଗ୍ରାମର ଖିରୋଦ ନାୟକ। ଅନ୍ୟପଟେ ମୃତ ଯୁବକଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ଦାବୀରେ ମୃତଦେହକୁ ନୟାହାଟ ଫାଣ୍ଡି ସାମ୍ନାରେ ରଖି ଶୁକ୍ରବାର ସନ୍ଧ୍ୟାରେ ରାସ୍ତା ରୋକ କରିଥିଲେ ସାଧାରଣ ଜନତା।

## ଘରୋଇ ଅଶାନ୍ତି: ବିଷପିଇ ବୃଦ୍ଧାଙ୍କ ଆତ୍ମହତ୍ୟା

**ନୀଳଗିରି,୨।୧ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ତଥା ନୀଳଗିରି ଥାନା ଓ ଈଶ୍ୱରପୁର ଫାଣ୍ଡି ଅଧୀନସ୍ଥ ମର୍ଦ୍ଦରାଜପୁର ଗ୍ରାମର ସ୍ୱର୍ଗତ ବାଇଧର ମଲ୍ଲିକ ଙ୍କ ସ୍ତ୍ରୀ ସୁବାସିନୀ ମଲ୍ଲିକ (୯୩) ଗତ ୩୦ ତାରିଖ ସନ୍ଧ୍ୟାରେ ପାରିବାରିକ ଅଶାନ୍ତି ରୁ ଘର ପଛ ବାଡ଼ିକୁ ଯାଇ ବିଷ ପାନ କରିଥିଲେ। ସୁବାସିନୀଙ୍କୁ ପରିବାର ଲୋକ ନପାଇବାରୁ ବହୁ ଖୋଜାଖୋଜି ପରେ ମୁମୂର୍ଷୁ ଅବସ୍ଥାରେ ବାଡିରୁ ଉଦ୍ଧାରକରି ପ୍ରଥମେ ଈଶ୍ୱରପୁର ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତ୍ତର ହେବାରୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଥିଲେ। ଗତ ୧ ତାରିଖ ଗୁରୁବାର ବିଳମ୍ବିତ ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସୁବାସିନୀଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନୀଳଗିରି ଥାନା ପକ୍ଷରୁ ୨/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ପୁଲିସ ମୃତ୍ୟୁର କାରଣ ନେଇ ତଦନ୍ତ ଚଳାଇଛି।

## ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ବିୟୋଗରେ କଂଗ୍ରେସ ମ୍ରିୟମାଣ



**ନୀଳଗିରି,୨।୧ (ସଂଚାର ବ୍ୟୁରୋ):** ନୀଳଗିରି ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ବିୟୋଗରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ଶୋକର ଛାୟା ଖେଳି ଯାଇଛି। ସେ କିଛି ମାସ ହେବ କର୍କଟ ରୋଗରେ ପୀଡ଼ିତ ଥିଲେ। ଗତକାଲି ରାତ୍ରି ୧୨ଟା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଥମେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆସୁ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ରାତି ପ୍ରାୟ ୨.୨୦ ମିନିଟ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କର ୭୮ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ପାଖରେ ଧର୍ମ ପତ୍ନୀ ଜୟନ୍ତୀ ଆଚାର୍ଯ୍ୟ, ପୁତ୍ର ଦିବ୍ୟଜ୍ୟୋତି, ଝିଅ, ଜ୍ୱାଇଁ, ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ସ୍ୱର୍ଗତ ଅକ୍ଷୟ ଆଚାର୍ଯ୍ୟ ୧୯୮୦ରୁ ୧୯୮୫ ଓ ପରବର୍ତ୍ତୀ ସମୟରେ ୧୯୯୫ରୁ ୨୦୦୦ ମସିହାରେ କଂଗ୍ରେସରୁ ଦୁଇ ଦୁଇ ଥର ନୀଳଗିରି ବିଧାୟକ ଭାବେ ଜିତି ନୀଳଗିରି ବିକାଶର ମୁଖ୍ୟ ବିନ୍ଧାଣି ସାଜିଥିଲେ। ତାଙ୍କ ବିୟୋଗ ରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ବିୟୋଗରେ ବହୁ କଂଗ୍ରେସ ନେତୃବୃନ୍ଦ, କର୍ମକର୍ତ୍ତା ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶେଷରେ କାହାଳିଆ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁତ୍ର ଦିବ୍ୟଜ୍ୟୋତି ମୁଖାଗ୍ନି ଦେଇଥିଲେ। ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ ଆଚାର୍ଯ୍ୟଙ୍କ ମୃତ୍ୟୁରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଟୁଇଟ କରି ଦୁଃଖ ବ୍ୟକ୍ତ କରିଛନ୍ତି ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ହେଲେ ଫାର୍ମାସିଷ୍ଟ

ସଂଚାର ପ୍ରଭାବ




**ବୋରିଗୁମ୍ମା,୨।୧ (ସଂଚାର ବ୍ୟୁରୋ):** ଗତ କିଛି ଦିନ ତଳେ 'ସଂଚାର'ଦୈନିକ ଖବର କାଗଜରେ ବୋରିଗୁମ୍ମା ବ୍ଲକର ୩୧ପଞ୍ଚାୟତର ୬ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡିସେମ୍ବର ୨୨ତାରିଖରେ 'ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ମରୁଡି' ଶୀର୍ଷକ ଖବର ପ୍ରସାରଣ ପରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି। ଡିସେମ୍ବର ୩୦ ତାରିଖ ମଙ୍ଗଳବାର ବୋରିଗୁମ୍ମା ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ସ୍ୱାସ୍ଥ୍ୟ ସେବାପାଇଁ ନୂତନଭାବେ ଫାର୍ମାସିଷ୍ଟ ପଦବୀ ନିଯୁକ୍ତି କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ଜଣାପଡିଛି।

ବୋରିଗୁମ୍ମା ବ୍ଲକର ଅଧାଧିକ ଉପାନ୍ତ ଅଞ୍ଚଳ ଭାବେ ପରିଚିତ। ଅଞ୍ଚଳରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ସହିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଖାଲିଥିବା ବହୁ ଗୁରୁତ୍ୱପୂର୍ଣ ଫାର୍ମାସିଷ୍ଟ ପଦବୀ ପୂରଣ ପାଇଁ ଦାବି କରିବା ସହ ସମସ୍ୟା ବିଷୟରେ ଅଞ୍ଚଳବାସୀ ଗଣମାଧମ ଜରିଆରେ ଅଭିଯୋଗ କରିଥିଲେ। ଖବର ପ୍ରକାଶ ପରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀକାନ୍ତ କୁମାର ଶତପଥି ଲୋକଙ୍କ ସମସ୍ୟାକୁ ନେଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅବଗତ କରାଇଥିଲେ।

## ପ୍ରଫେସର ସନାତନ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ



**ଖୋର୍ଦ୍ଧା,୨।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧାର ଇଂରାଜୀ ସାହିତ୍ୟର ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ ପ୍ରଫେସର ସନାତନ ମିଶ୍ର। ଜଣେ ଅମାୟିକ ବ୍ୟକ୍ତିତ୍ୱ ଭାବରେ ସମଗ୍ର ଛାତ୍ର ସମାଜ ତଥା ସହକର୍ମୀ ମେଳରେ ସେ ସମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ। ଆଜକୁ ବର୍ଷକ ତଳେ ସେ ଇହଲିଲା ସମ୍ବରଣ କରିଥିଲେ। ଆଜି ସ୍ଥାନୀୟ ଗୀତା ଭବନ ପରିସରରେ ତାଙ୍କର ସ୍ମୃତି ଚାରଣ ସଭା ବିଶିଷ୍ଟ ଗବେଷକ ତଥା ବରିଷ୍ଠ ଆଇନଜୀବୀ ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସ୍ମୃତି ଚାରଣ ସଭାରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ରାଧା ବିନୋଦ ଦାସ କାନୁନଗୋ, ପ୍ରାଧାପକ ଗୋପାଳ କୃଷ୍ଣ ଦାସ, ଶ୍ରୀ ଚୈତନ୍ୟ ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ତଥା ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ, ସ୍ତମକାର ତଥା ମାର୍ଗଦର୍ଶୀ ର ସମ୍ପାଦକ, ଉମା ଶଙ୍କର ପ୍ରସାଦ, ରାଜଧାନୀ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼.ବୃନ୍ଦାବନ ପଣ୍ଡା, ବରିଷ୍ଠ ଆଇନଜୀବି ତଥା ଗୀତାଭବନ, ଖୋର୍ଦ୍ଧା ର ସଭାପତି ଶକ୍ତି ଶଙ୍କର ମିଶ୍ର ନିଜ ନିଜ ବକ୍ତବ୍ୟରେ ପ୍ରଫେସର ମିଶ୍ରଙ୍କର ବିଭିନ୍ନ ଦିଗକୁ ନେଇ ସ୍ମୃତି ଚାରଣ କରିଥିଲେ। ସଭାପତି ତାଙ୍କର ବକ୍ତବ୍ୟରେ ସନାତନ ବାବୁଙ୍କ ଜୀବନର ଅନେକ ଘଟଣା ବଳୀ ଆଲୋଚନା କରିଥିଲେ। ପ୍ରଫେସର ମିଶ୍ରଙ୍କ ସ୍ମୃତି ଉଦେଶ୍ୟରେ 'କୁସୁମାଞ୍ଜଳି' ନାମକ ଏକ ସ୍ମରଣୀକାକୁ ମଂଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ । ଶେଷରେ ପ୍ରଫେସର ମିଶ୍ରଙ୍କ କନିଷ୍ଠ ପୁତ୍ର ଅଧାପକ ସୁଶାନ୍ତ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ସିସିଟିଏନ୍‌ଏସ୍ ରିପୋର୍ଟ୍‌ରେ ଗଞ୍ଜାମର ଦମ୍‌ଦାର ସଫଳତା

### ରାଜ୍ୟରେ ପ୍ରଥମ ସ୍ଥାନରେ ଗଞ୍ଜାମ ପୁଲିସ ଥାନା

### ଏସ୍‌ଡିପିଓ ସୂଚୀରେ ସୁଜିତ୍ ନାୟକ ଶୀର୍ଷରେ




**ଛତ୍ରପୁର,୨।୧ (ସଂଚାର ବ୍ୟୁରୋ):** କ୍ରାଇମ୍ ଏଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱର୍କିଂ ସିଷ୍ଟମ୍ (ସିସିଟିଏନଏସ)ର ରାଜ୍ୟସ୍ତରୀୟ ରିପୋର୍ଟ୍ ସମ୍ପ୍ରତି ପ୍ରକାଶ ପାଇଛି। ଏହି ରିପୋର୍ଟ୍‌ରେ ରାଜ୍ୟର ସମସ୍ତ ପୋଲିସ ଥାନାଙ୍କର କାର୍ଯ୍ୟଦକ୍ଷତା, ଅପରାଧ ନୋଟିଂ, ତଦନ୍ତ ପ୍ରକ୍ରିୟା ସହିତ ଡିଜିଟାଲ୍ ତଥ୍ୟ ପରିଚାଳନାର ଅଗ୍ରଗତିକୁ ସୁସ୍ପଷ୍ଟ ଭାବେ ଉପସ୍ଥାପନ କରାଯାଇଛି। ସିସିଟିଏନଏସ ବ୍ୟବସ୍ଥା ମାଧମରେ ଅପରାଧ ନିୟନ୍ତ୍ରଣ, ଅଭିଯୁକ୍ତ ଟ୍ରାକିଂ ଏବଂ ପୋଲିସ–ଜନସାଧାରଣ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥିବା ଏହି ରିପୋର୍ଟ୍‌ରେ ପ୍ରତିଫଳିତ ହୋଇଛି।

ପ୍ରକାଶିତ ପ୍ରଗତି ଡ୍ୟାସବୋର୍ଡ (ସିସିଟିଏନଏସ), ଓଡ଼ିଶା ଅନୁସାରେ ରାଜ୍ୟସ୍ତରରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରି ଗଞ୍ଜାମ ପୋଲିସ ଥାନା ୧ମ ସ୍ଥାନ ଅଧିକାର କରିଛି। ସେହିପରି ପୋଲସରା ୨ୟ, ପୁରୁଷୋତ୍ତମପୁର ୩ୟ, କୋଦଳା ୪ଥ, ରମ୍ଭା ୫ମ ଏବଂ ଧରାକୋଟ ପୋଲିସ ଥାନା ୧୦ମ ସ୍ଥାନରେ ରହିଛି।

ଏହା ସହିତ, ପ୍ରଗତି ଡ୍ୟାସବୋର୍ଡ (ସିସିଟିଏନଏସ) ଆଧାରରେ ରାଜ୍ୟର ସମସ୍ତ ଏସ୍‌ଡିପିଓମାନଙ୍କ ମଧରୁ ଏସ୍‌ଡିପିଓ ପୁରୁଷୋତ୍ତମପୁର ଶ୍ରୀ ସୁଜିତ୍ ନାୟକ ୧ମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ତାଙ୍କର ସୁଦୃଢ଼ ନେତୃତ୍ୱ, କାର୍ଯ୍ୟଦକ୍ଷ ପ୍ରଶାସନ ଓ ଡିଜିଟାଲ୍ ପୋଲିସିଂ ପ୍ରତି ଅତୁଟ ନିଷ୍ଠା ଫଳରେ ଏହି ଗୌରବମୟ ସଫଳତା ସମ୍ଭବ ହୋଇଥିବା ପୋଲିସ ମହଲରୁ ପ୍ରକାଶ ପାଇଛି।ଗଞ୍ଜାମ ପୁଲିସ ର ଏହି ଉଲ୍ଲେଖନୀୟ ସଫଳତାର ପଛରେ ଗଞ୍ଜାମର ଥାନା ଅଧିକାରୀ- ଶ୍ରୀମତୀ ସୁମିତ୍ରା ପାତ୍ର, ଶ୍ରୀ କୌସିକ ମାଝୀ, ଶ୍ରୀ ରାଜେଶ ନାୟକ, ଶ୍ରୀ ସୁବାଷ ବେହେରା, ଶ୍ରୀ କୁମାର ମୁଦୁଲି ଏବଂ ଶ୍ରୀମତୀ ଚନ୍ଦ୍ରିକା ସ୍ୱାଇଁଙ୍କର ସମନ୍ୱିତ ଓ ନିଷ୍ଠାପୂର୍ଣ୍ଣ ପ୍ରୟାସ ମୁଖ୍ୟ ଭୂମିକା ରହିଛି।

## ଏଟିଏମ୍ ଲୁଟି ଟଙ୍କା ନେଇଗଲେ ଦୁର୍ବୃତ୍ତ

**ଯାଜପୁର,୨।୧ (ସଂଚାର ବ୍ୟୁରୋ):** ବିଂଝାରପୁର ବ୍ଲକ ମଇନ୍ଦା ଛକସ୍ଥିତ ଏଚଡିଏଫସି ବ୍ୟାଙ୍କ ଏଟିଏମ୍‌ରୁ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏଟିଏମ୍ ଲୁଟ୍ କରିଥିବା ଘଟଣା ସାମ୍ନାକୁ ଆସିଛି। ଦୁର୍ବୃତ୍ତମାନେ ଏଟିଏମ୍‌ଟିକୁ ଉଠାଇ ନେବା ପରେ ପଡ଼ିଶା ଘରର ଏକ ମାଲବାହୀ ଅଟୋ ବ୍ୟବହାର କରିଥିଲେ। ଅଟୋଟି ଷ୍ଟାର୍ଟ ନ ହେବାରୁ ଠେଲି ଠେଲି ଏକ ନିସ୍ତବ୍ଧ ସ୍ଥାନକୁ ନେଇଯାଇଥିଲେ। ଏହି ସମୟରେ ଏକ ଖାଲଖମାରେ ଗାଡ଼ିର ଚକ ଫସିଯାଇଥିଲା। ଗାଡ଼ି ଆଗକୁ ନ ଗଡ଼ିପାରିବାରୁ ଦୁର୍ବୃତ୍ତମାନେ ସେଠାରେ କଟର୍ ମେସିନ୍‌ର ସହାୟତାରେ ଏଟିଏମ୍‌ଟିକୁ କାଟି ସମସ୍ତ ଟଙ୍କା ଲୁଟି ନେଇଥିଲେ। ସୂଚନା ପାଇ ବିଂଝାରପୁର ପୁଲିସ୍ ଏବଂ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହଯୋଗରେ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।









## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୬,୨୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୮୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୬,୨୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୬,୨୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୬,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୫,୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୭,୨୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୫,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୬,୨୦୦ ଓ ୧,୨୪,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୨,୦୦୦ ଟଙ୍କା ହୋଇଛି।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଫେବ୍ରୁଆରୀରୁ କାର୍ ପାଇଁ ରହିବନି କେୱାଇଭି

ନୂଆଦିଲ୍ଲୀ, ୨।୧: ଫାସଟାଗ୍ ପାଇଁ ନ୍ୟାସନାଲ ହାଇଓ୍ୱେ ଅଥରିଟି ଅଫ୍ ଇଣ୍ଡିଆ (ଏନଏଚଏଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ବନ୍ଦ ହେବ କାର, ଜିପ୍ ଏବଂ ଭ୍ୟାନ ଭଳି ଚାରି ଚକିଆ ଗାଡ଼ି ପାଇଁ ନୂଆ ଫାସଟାଗ୍ ଜାରି ସମୟରେ ଆବଶ୍ୟକ ହେଉଥିବା 'ନୋ ୟୋର ଭେଇକିଲ' ବା କେୱାଇଭି ପ୍ରକ୍ରିୟା। ଏହି ପରିବର୍ତ୍ତନ ୨୦୨୬ ଫେବ୍ରୁଆରୀ ୧ରୁ ଲାଗୁ ହେବ। ଏହାଦ୍ୱାରା ହାଇଓ୍ୱେରେ ଯାତ୍ରା କରୁଥିବା ଲକ୍ଷ ଲକ୍ଷ ଲୋକଙ୍କୁ ସୁବିଧା ହେବ ଏବଂ ଫାସଟାଗ୍ ଆକ୍ଟିଭ ହେବା ପରେ ହେଉଥିବା ଅସୁବିଧା ଦୂର ହୋଇଯିବ।

କେଓ୍ୱାଇଭି ଏକ ପ୍ରକାର ଯାଞ୍ଚ ପ୍ରକ୍ରିୟା। ଯାହା ଫାସଟାଗ୍ ଜାରି କରିବା ଏବଂ ବ୍ୟବହାର କରିବା ସହ ଜଡ଼ିତ। ଏହାର ଉଦ୍ଦେଶ୍ୟ, ଫାସଟାଗ୍ ଠିକ୍ ଗାଡ଼ିରେ ଲଗାଯାଇଛି ଏବଂ ଏହାର ପ୍ରକୃତ ମାଲିକଙ୍କ ସହ ଜଡ଼ିତ ରହିଛି କି' ନାହିଁ ତାହା ସୁନିଶ୍ଚିତ କରିବା। ଏହାଦ୍ୱାରା ଭୁଲ ବ୍ୟବହାର, ଡୁପ୍ଲିକେଟ ଟ୍ୟାଗ କିମ୍ବା ଭୁଲ ଗାଡ଼ି ଦ୍ୱାରା ଲିଙ୍କ୍ ହେବା ଭଳି ଅସୁବିଧା ହୋଇନଥାଏ। ତେବେ ଏହି ଯାଞ୍ଚ ବାହାନ ପୋର୍ଟାଲରେ ପଞ୍ଜିକୃତ ଥିବା ଗାଡ଼ିର ରେଜିଷ୍ଟ୍ରେସନର ଡିଟେଲ ଅନୁସାରେ ହୋଇଥାଏ। ଏସବୁ ଯାଞ୍ଚ ବାଦ୍ ଗାଡ଼ିରେ ପୂର୍ବରୁ କୌଣସି ଆକ୍ଟିଭ ଫାସଟାଗ୍ ଅଛି କି ନାହିଁ ? ଯଦି ଅଛି ତାହା ବ୍ଲାକଲିଷ୍ଟେଡ ହୋଇନାହିଁ ତ ? ତାହାର ମଧ ଯାଞ୍ଚ କରାଯାଇଥାଏ।

ପୂର୍ବରୁ ଫାସଟାଗ୍ ଆକ୍ଟିଭ ହୋଇଯିବା ପରେ ବେଳେ ବେଳେ କେଓ୍ୱାଇଭିର ଯାଞ୍ଚ କରିବାକୁ ପଡୁଥିଲା। ଏହାଦ୍ୱାରା ୟୁଜର୍ସଙ୍କୁ ପରେ ଡକ୍ୟୁମେଣ୍ଟ ଦେବାକୁ ପଡୁଥିଲା। କିନ୍ତୁ ଏବେ ଏହି ନୂଆ ପଦକ୍ଷେପ କେଓ୍ୱାଇଭିର ଆବଶ୍ୟକତାକୁ ଶେଷ କରିଦିଆଯାଇଛି। ଯେଉଁ ଗାଡ଼ିରେ ପୂର୍ବରୁ ଫାସଟାଗ୍ ରହିଛି। ସେମାନଙ୍କ ପାଇଁ ମଧ ରୁଟିନ କେଓ୍ୱାଇଭିର ଆବଶ୍ୟତା ରହିବନି। ଏହି ଯାଞ୍ଚ କେବଳ ସ୍ୱତନ୍ତ୍ର ମାମଲାରେ ହେବ, ଯେମିତିକି ଫାସଟାଗ୍ ଭୁଲ ଉପାୟରେ ଜାରି ହୋଇଥିଲେ କିମ୍ବା ଅନୁଚିତ ବ୍ୟବହାର ହୋଇଥିବା ଅଭିଯୋଗ ଆସିଥିଲେ। ଯଦି କୌଣସି ଅଭିଯୋଗ ହୋଇନାହିଁ, ତେବେ ପୁରୁଣା କାର୍ର ଫାସଟାଗ୍ ଉପରେ କୌଣସି କେଓ୍ୱାଇଭି କରିବାକୁ ପଡ଼ିବନି। ବ୍ୟବହାରକାରୀଙ୍କ ପାଇଁ ପ୍ରକ୍ରିୟାକୁ ସରଳ କରିବା ସହ ଏନଏଚଏଆଇ ତ୍ରୁଟି ରୋକିବା ଏବଂ ଫ୍ରଡ୍ ରୋକିବା ପାଇଁ ଫାସଟାଗ୍ ଆକ୍ଟିଭ କରିବା ନିୟମକୁ କଡ଼ାକଡ଼ି କରିଛି। ବ୍ୟାଙ୍କଗୁଡ଼ିକ ଏବେ ବାହନ ପୋର୍ଟାଲରେ ଗାଡ଼ିର ବିବରଣୀ ଯାଞ୍ଚ କରିବା ପରେ ହିଁ ଫାସଟାଗ୍ ଆକ୍ଟିଭ କରିପାରିବେ। ଏବେ ଆକ୍ଟିଭ କରିବା ଏବଂ ତା' ପରେ ଯାଞ୍ଚ ସିଷ୍ଟମ ବନ୍ଦ କରାଯାଇଛି।

ତେବେ ଯଦି ଗାଡ଼ିର ବିବରଣୀ ବାହନ ପୋର୍ଟାଲରେ ଉପଲବ୍ଧ ନାହିଁ। ତା'ହେଲେ ବ୍ୟାଙ୍କକୁ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର (ଆର୍‌ସି) ଦେଖି ଯାଞ୍ଚ କରିବାକୁ ପଡ଼ିବ ଏବଂ ଏଥିପାଇଁ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବ। ଏହି ନିୟମଗୁଡ଼ିକ ଅନଲାଇନରେ କିଣାଯାଇଥିବା ଫାସଟାଗ୍ ପାଇଁ ମଧ ପ୍ରଯୁଜ୍ୟ ହେବ। ଏହାର ଅର୍ଥ ହେଉଛି ଏବେ ପ୍ରଥମେ ସଂପୂର୍ଣ୍ଣ ଯାଞ୍ଚ ହେବ ଆଉ ତାହା ପରେ ଆକ୍ଟିଭେସନ ହେବ। ସମସ୍ତ ବୈଧ ଡକ୍ୟୁମେଣ୍ଟ ଥିଲେ ମଧ ଫାସଟାଗ୍ ଆକ୍ଟିଭ ପରେ ମଧ କେୱାଇଭି ଯାଞ୍ଚ ଯୋଗୁ ଲକ୍ଷ ଲକ୍ଷ ଲୋକ ବିଳମ୍ବ ଏବଂ ଅସୁବିଧାର ସମ୍ମୁଖୀନ ହେଉଥିଲେ।ଏହି ସମସ୍ୟାର ସମାଧାନ ପାଇଁ ଏନଏଚଏଆଇ ଏହି ପଦକ୍ଷେପ ନେଇଛି। ଆକ୍ଟିଭ ପୂର୍ବରୁ ସମସ୍ତ ସୂଚନା ଯାଞ୍ଚ କରିବା ଦାୟିତ୍ୱ ବର୍ତ୍ତମାନ ଫାସଟାଗ୍ ଜାରି କରୁଥିବା ବ୍ୟାଙ୍କଗୁଡ଼ିକୁ ଦିଆଯାଇଛି। ଏହା ଫାସଟାଗ୍ ସିଷ୍ଟମକୁ ଅଧିକ ସରଳ, ସ୍ୱଚ୍ଛ ଏବଂ ଉନ୍ନତ ଟେକ୍ନୋଲୋଜି ସହ ଯୋଡ଼ିବ। ଉପଭୋକ୍ତାଙ୍କ ଅଭିଯୋଗ କମିବ।




# ନୂଆବର୍ଷରୁ ବୃଦ୍ଧି ପାଇବ ସିମେଣ୍ଟ ଦର!

ନୂଆଦିଲ୍ଲୀ,୨।୧: ନୂଆବର୍ଷ ଅବସରରେ ମୁଦ୍ରାସ୍ଫୀତି ସମ୍ପର୍କରେ ନିରାଶାଜନକ ଖବର ଆସିଛି। ପ୍ରକୃତରେ କମ୍ପାନୀଗୁଡ଼ିକ ସିମେଣ୍ଟର ମୂଲ୍ୟ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ସିମେଣ୍ଟ କମ୍ପାନୀଗୁଡ଼ିକ ଦକ୍ଷିଣ ଭାରତରେ ସିମେଣ୍ଟର ମୂଲ୍ୟ ବୃଦ୍ଧି କରିବେ। ଏଥିରେ ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନା ସମେତ ଅନ୍ୟାନ୍ୟ ରାଜ୍ୟ ଅନ୍ତର୍ଭୁକ୍ତ। କୁହାଯାଉଛି, ପ୍ରତି ବସ୍ତା ସିମେଣ୍ଟରେ ୨୦-୩୦ ଟଙ୍କା ବୃଦ୍ଧି ହୋଇପାରେ। ଫଳରେ ଘର ତିଆରି ପାଇଁ ମହଙ୍ଗା ହୋଇପାରେ। ଏହା ପରେ ସିମେଣ୍ଟ ଷ୍ଟକ୍‌ରେ ବୃଦ୍ଧି ଦେଖାଯାଉଛି। ଜେକେ ସିମେଣ୍ଟ, ଡାଲମିଆ ଭାରତ, ଏସିସି, ଜେଏସଡବ୍ଲ୍ୟୁ ସିମେଣ୍ଟ, ଇଣ୍ଡିଆ ସିମେଣ୍ଟ ଏବଂ ଷ୍ଟାର ସିମେଣ୍ଟର ଶେୟାର ୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।



# ନୂଆବର୍ଷ ଆରମ୍ଭରୁ ମହଙ୍ଗା ହେଲା ରୁପା

ନୂଆଦିଲ୍ଲୀ, ୨।୧: ନୂଆବର୍ଷରୁ ବଢ଼ିଲା ରୁପା। ଲଗାତାର ଦୁଇ ଦିନ ଧରି ଅହେତୁକ ହ୍ରାସ ପରେ ସୁନା ଏବଂ ରୁପାର ଦାମ୍ ବୃଦ୍ଧି ପାଇଛି। ରୁପା ୭ ହଜାର ଟଙ୍କା ବଢ଼ିଥିବା ବେଳେ ସୁନା ମଧ୍ୟ ଉପରକୁ ଉଠିଛି। ୨୦୨୫ ଶେଷ ଆଡକୁ ରୁପା ୨୨ ହଜାର ଟଙ୍କା ଶସ୍ତା ହୋଇଥିଲା। ଏସବୁକୁ ଦେଖି ବିଶେଷଜ୍ଞମାନେ ମଧ୍ୟ ଦରର ଉପର ତଳ ଟ୍ରେଣ୍ଡକୁ ଆକଳନ କରିପାରୁ ନାହାଁନ୍ତି।

ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଶୁକ୍ରବାର ଦିନ ସାଢେ ୧୧ଟାରେ ରୁପାର ଦାମ୍ ୭୪୬୮ ଟଙ୍କା ବଢ଼ିଛି। ମାର୍ଚ୍ଚର ଭବିଷ୍ୟତ ଦରରେ ଦାମ୍ ବୃଦ୍ଧି ପାଇଛି। ସେହିପରି ସୁନା ଦାମ୍ ଫେବ୍ରୁଆରୀ ମାସ ପାଇଁ ୧୦୧୧ ଟଙ୍କା ଅଧିକ ହୋଇଛି। ଫଳରେ ମାର୍ଚ୍ଚ ମାସ ପାଇଁ ରୁପା ଦର କେଜି ପିଛା ୨ ଲକ୍ଷ ୪୩ ହଜାର ୩୪୧ ଟଙ୍କାରେ ପହଁଚିଥିବା ବେଳେ ସୁନା ଫେବ୍ରୁଆରୀ ପାଇଁ ଭରି ପିଛା ୧ ଲକ୍ଷ ୩୬ ହଜାର ୮୧୫ ଟଙ୍କାରେ ପହଁଚିଛି। ବିଶେଷଜ୍ଞଙ୍କ କହିବା କଥା ହେଲା, ୨୦୨୫ରେ ରୁପା ୧୫୦ ପ୍ରତିଶତ ମହଙ୍ଗା ହୋଇଥିଲା। ସୁନା ଦାମରେ ମଧ୍ୟ ୭୦ ପ୍ରତିଶତର ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏବେ ଉଭୟ ଦାମୀ ଧାତୁ ରେକର୍ଡ ମୂଲ୍ୟରେ କାରବାର କରୁଛନ୍ତି। ଯାହାପାଇଁ ନିବେଶକ ସତର୍କ ରହିଛନ୍ତି। ଏଥିପାଇଁ ଦାମରେ ଲଗାତାର ପରିବର୍ତ୍ତନ ଘଟୁଛି। ଦାମ୍ କମିଲେ ନିବେଶକମାନେ ଅଧିକ ସୁନା ରୁପା କିଣୁଛନ୍ତି। ଯାହା ଦ୍ୱାରା ସେମାନେ ଦାମ୍ ବଢ଼ିଲେ ଅଧିକ ଲାଭ ପାଇପାରିବେ।

ଚୀନ ସରକାର ଜାନୁଆରୀ ୧ରୁ ରୁପା ରପ୍ତାନୀ ଉପରେ ନୂଆ ନିୟମ ଲାଗୁ କରିଛନ୍ତି। ଏବେ କେବଳ ସରକାରୀ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ରୁପାର ରପ୍ତାନୀ କରିପାରିବେ। ଏହାବ୍ୟତୀତ ଅନ୍ୟ କୌଣସି କମ୍ପାନୀ ଦେଶ ବାହାରକୁ ରୁପା ପଠାଇପାରିବେ ନାହିଁ। ଡ୍ରାଗନ ସାରା ବିଶ୍ୱର ୬୦ରୁ ୭୦ ପ୍ରତିଶତ ରୁପା ବ୍ୟବସାୟ ଏବଂ ରପ୍ତାନୀକୁ ନିୟନ୍ତ୍ରଣ କରିଥାଏ। ଡ୍ରାଗନର ଏହି ନିଷ୍ପତ୍ତି ବୈଶ୍ୱିକ ସ୍ତରରେ ରୁପାର ଚାହିଦା ବଢ଼ାଇବା ସହ ଦାମରୁ ଉପର ତଳ କରୁଛି।




# ଡିସେମ୍ବରରେ ୧.୭୪ ଲକ୍ଷ କୋଟିର ଜିଏସ୍‌ଟି

**ଗତ ବର୍ଷ ତୁଳନାରେ ୬.୧% ବୃଦ୍ଧି**

**୫୧,୯୭୭ କୋଟିର ଆମଦାନି ଟିକସ**

**୨୮,୯୮୦ କୋଟିର ରିଫଣ୍ଡ ଜାରି**

ନୂଆଦିଲ୍ଲୀ, ୨।୧: ୨୦୨୫ ଡିସେମ୍ବରରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି ) ଆଦାୟ ୬.୧% ବୃଦ୍ଧି ହୋଇ୧.୭୪ ଲକ୍ଷ କୋଟି ଟଙ୍କା ଟପିଛି। ୨୦୨୪ ଡିସେମ୍ବରରେ ଏହା ୧.୬୪ ଲକ୍ଷ କୋଟି ଟଙ୍କା ରହିଥିଲା। ଡିସେମ୍ବର ଡାଟାକୁ ଦେଖିଲେ, ବିଦେଶୀ ସାମଗ୍ରୀ ଆମଦାନିରୁ ହୋଇଥିବା ଟିକସ ଆଦାୟ ୧୯.୭% ବୃଦ୍ଧି ହୋଇଛି। ଏହି ବର୍ଗରେ ୫୧,୯୭୭ କୋଟିର ଟିକସ ରାଜକୋଷକୁ ଆସିଛି। ସେହିଭଳି ଘରୋଇ ଟ୍ରାଞ୍ଜାକ୍ସନରୁ ଟିକସ ୧.୨% ବୃଦ୍ଧି ହୋଇ ୧.୨୨ ଲକ୍ଷ କୋଟି ଟଙ୍କା ରହିଛି। ଡିସେମ୍ବର ମାସରେ ରିଫଣ୍ଡ ୩୧% ବୃଦ୍ଧି ହୋଇ ୨୮,୯୮୦ କୋଟି ଟଙ୍କା ରହିଛି। ମୋଟ ଟିକସ ମଧ୍ୟରୁ ରିଫଣ୍ଡ୍ ବାଦ ଦେଲେ ନେଟ୍ ଜିଏସ୍‌ଟି ରାଜସ୍ୱ ୧.୪୫ ଲକ୍ଷ କୋଟି ଟଙ୍କା। ରିଫଣ୍ଡ ଯୋଗୁ ନେଟ୍ ଜିଏସ୍ଟି ୫% କମିଛି। ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ ଏବଂ ହରିଆଣା ଟିକସ ସଂଗ୍ରହରେ ପ୍ରମୁଖ ରାଜ୍ୟ ରହିଛନ୍ତି। ଡିସେମ୍ବରରେ ସେସ୍ ବା ଉପକର ଆଦାୟ ୪୨୩୮ କୋଟିକୁ ହ୍ରାସ ହୋଇଛି। ୨୦୨୪ ଡିସେମ୍ବରରେ ଏହା ୧୨,୦୦୩ କୋଟି ରହିଥିଲା। ୨୦୨୫ ସେପ୍ଟେମ୍ବର ୨୨ରୁ ଲାଗୁ ହୋଇଥିବା ନୂଆ ନିୟମ ମୁତାବକ, କେବଳ ତମାଖୁ ଏବଂ ଏହା ସହ ଜଡିତ ଉତ୍ପାଦ ଉପରେ ସେସ୍ ଲାଗୁ ହେଉଛି। ପୂର୍ବରୁ ବିଳାସପୂର୍ଣ୍ଣ ଏବଂ ଅବଗୁଣକାରୀ ସାମଗ୍ରୀ ଉପରେ ସେସ୍ ଲାଗୁ ହେଉଥିଲା। ଏହା ମଧ୍ୟରେ ଦାମୀ କାର ଏବଂ ମୃଦୁ ପାନୀୟ ଭଳି ସାମଗ୍ରୀ ସାମିଲ ରହିଥିଲା।

ଘରୋଇ ବଜାରରେ ପରୋକ୍ଷ ଟିକସ ଆଦାୟ ଧିମା ହେବାର ପ୍ରମୁଖ କାରଣ ହେଉଛି ସେପ୍ଟେମ୍ବର ମାସରେ ବିଭିନ୍ନ ସାମଗ୍ରୀ ଉପରେ ହୋଇଥିବା ଜିଏସ୍ଟି ହ୍ରାସ। ସେପ୍ଟେମ୍ବରରେ ୩୭୫ ସାମଗ୍ରୀ ଉପରେ ଜିଏସ୍ଟି ହ୍ରାସ ହୋଇଥିଲା। ଘରୋଇବଜାରରେ ଚାହିଦା ବୃଦ୍ଧି ଏବଂ ଲୋକଙ୍କୁ ଦରଦାମ ଚାପରୁ ଆଶ୍ୱସ୍ତି ଦେବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଟିକସ ହାର କମିବା ଯୋଗୁ ଘରୋଇ ବଜାରରେ ରାଜସ୍ୱ ଅଭିବୃଦ୍ଧି ପ୍ରଭାବିତ ହୋଇଛି। ମାତ୍ର ଦୀର୍ଘ ମିଆଦୀ ଭିତ୍ତିରେ ଟିକସ ଆଦାୟ ଉନ୍ନତି ଆସିପାରେ ବୋଲି ସରକାରଙ୍କ ବିଶ୍ୱାସ ରହିଛି।




୨୦୨୫ ଏପ୍ରିଲରେ ସରକାର ୨.୩୭ ଲକ୍ଷ କୋଟି ଟଙ୍କାର ଜିଏସ୍ଟି ଆଦାୟ କରିଥିଲେ।

ବାର୍ଷିକ ଭିତ୍ତିରେ ଏଥିରେ ୧୨.୬% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଜିଏସ୍‌ଟି ଆଦାୟରେ ଏହା ରେକର୍ଡ ଥିଲା। ଏହା ପୂର୍ବରୁ ୨୦୨୪ ଏପ୍ରିଲରେ ସର୍ବାଧିକ ପରୋକ୍ଷ ଟିକସ ଆଦାୟ ହୋଇଥିଲା। ସେହି ସମୟରେ ୨.୧୦ ଲକ୍ଷ କୋଟିର ପରୋକ୍ଷ ଟିକସ ରାଜକୋଷକୁ ଆସିଥିଲା। ଉନ୍ନତ ଜିଏସ୍‌ଟି ରାଜସ୍ୱ ଅର୍ଥବ୍ୟବସ୍ଥାର ଦୃଢ଼ତାକୁ ଦର୍ଶାଇଥାଏ। ଟିକସ ସଂଗ୍ରହ ଉନ୍ନତ ଲୋକଙ୍କ କ୍ରୟ ଦମ୍ଭାର, ଫ୍ୟାକ୍ଟ୍ରି ଗୁଡ଼ିକର ଉତ୍ପାଦନ ବୃଦ୍ଧିକୁ ଦର୍ଶାଇଥାଏ।

ଇଓ୍ୱାଇ ଇଣ୍ଡିଆର ଟାକ୍ସ ପାର୍ଟନର ସୌରଭ ଅଗ୍ରୱାଲ କହିଛନ୍ତି, ଟିକସ ସଂସ୍କାର ଯୋଗୁ ପରୋକ୍ଷ ଟିକସ ଆଦାୟ ସାମାନ୍ୟ ପ୍ରଭାବିତ ହୋଇଛି। ଯାହା ଚିନ୍ତାଜନକ ନୁହେଁ। ଆଗାମୀ ଦିନରେ ଏହି ସ୍ଥିତିରେ ଆହୁରି ଉନ୍ନତି ଆସିବ। ଜିଏସ୍ ଟି ୨.୦ରେ ସଂସ୍କାର ଯୋଗୁ ଅନୁପାଳନରେ ଅଟୋମେଶନ ସହ ଅନ୍ୟ ପଦକ୍ଷେପ ଟିକସ ଆଦାୟ ଧାରାକୁ ତ୍ୱରାନ୍ୱିତ କରିବ। ଡେଲଏଟ୍ ଇଣ୍ଡିଆର ପାର୍ଟନର ମହେଶ ଜୟସିଂହ କହିଛନ୍ତି, ଅର୍ଥନୀତିରେ ଅଭିବୃଦ୍ଧି ସହ ଟିକସ ବ୍ୟବସ୍ଥା ଆହୁରି ଦୃଢ଼ ହେବ।

## ରାଜରାସ୍ତାରେ ମାନସିକ ବିକୃତ ଅସହାୟ ବୃଦ୍ଧା



**ପ୍ରଶାସନ ନିରବଦ୍ରଷ୍ଟା**

**ଘୁ.ଉଦୟଗିରି,୨।୧ (ସଂଚାର ବ୍ୟୁରୋ:** ଫେଲ୍ ମାରିଛି କି ସରକାରୀ ଜନକଲ୍ୟାଣୀକାରୀ ଯୋଜନା? ଏହିଭଳି ପ୍ରଶ୍ନ ଉଙ୍କି ମାରିଛି ସ୍ଥାନୀୟ ସହରବାସୀଙ୍କ ମନରେ। ଏମିତି ଏକ ହୃଦୟ ବିଦାରକ ଦୃଶ୍ୟ ସ୍ଥାନୀୟ ସହରରେ ଦେଖିବାକୁ ମିଳିଛି। ଦିନେ କି ଦୁଇ ଦିନ ନୁହଁ ଦୀର୍ଘ ମାସ ହେଲା ଜଣେ ଅସହାୟ ମାନସିକ ବିକୃତ ବୃଦ୍ଧା ମୁଣ୍ଡରେ ଏକ ବୁଜୁଳା ମୁଣ୍ଡେଇ ରାସ୍ତାରେ ଘୋଷାଡ଼ି ହୋଇ ଯାଉଥିବା ଦୃଶ୍ୟ ଦେଖିବା ପରେ ଏହିଭଳି ପ୍ରଶ୍ନ ଯାହା ମନରେ ଆସିବା ସ୍ୱାଭାବିକ।

ମାନସିକ ବିକୃତ ମହିଳାଙ୍କ ନାମ ଅଳକା। ସେ ପ୍ରତ୍ୟେକ ଦିନ କନ୍ଧମାଳଜିଲ୍ଲା ଘୁ.ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦର ବିଭିନ୍ନ ବଜାର ଅଞ୍ଚଳରେ ଗୁରୁଣ୍ଡି ଗୁରୁଣ୍ଡି ବୁଲୁ ଥିବାର ଦେଖା ଦେଉଛି। ଏହି ମାନସିକ ବିକୃତ ମହିଳାଙ୍କୁ ଥଇଥାନ ପାଇଁ ଦାବୀ ଉଠି ଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅଂଚଳରେ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ମହିଳାଙ୍କୁ ଥଇଥାନ ସହ ହୁଇଲ ଚେୟାର ପାଇଁ ଅଂଚଳବାସୀ ଦାବି କରିଛନ୍ତି । ତାଙ୍କର କୌଣସି ଆଧାର କାର୍ଡ କିମ୍ବା କୌଣସି ପରିଚୟ ପତ୍ର ନାହିଁ। ଏଣୁ ତାଙ୍କର ଯତ୍ନ ନେବା ସହିତ ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଅଞ୍ଚଳବାସୀ ଚଳିତ ମାସ ୮ତାରିଖ ଦିନ ଟିକାବାଲି ଠାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଲିଖିତ ଅନୁରୋଧ କରିଥିଲେ।

### କଳିଙ୍ଗନଗର ଗୁଳିକାଣ୍ଡକୁ ପୂରିଲା ୨୦ ବର୍ଷ

# ସହିଦ ଦିବସ ପାଳନ କଲେ ବିସ୍ଥାପିତ ଜନତା




**ଏବେବି ଶୁଖି ନାହିଁ ମନ ଭିତର କୋହ**

**ବିତିଛି ଦୁଇ ଦଶନ୍ଧି ହରାଇଛନ୍ତି ବହୁତ, ମିଳିଛି କମ୍**

**କଳିଙ୍ଗନଗର,୨।୧ (ସଂଚାର ବ୍ୟୁରୋ):** ଆଜିବି ମନେପଡେ ଯାଜପୁର ଜିଲ୍ଲା କଳିଙ୍ଗନଗର ଗୁଳିକାଣ୍ଡର ଅବିସ୍ମରଣୀୟ ମୁହୂର୍ତ୍ତ। ବହୁ ଚର୍ଚ୍ଚିତ କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ଇତି ମଧ୍ୟରେ ୨୦ ବର୍ଷ ପୁରିଛି। ଏହି ଉପଲକ୍ଷେ ବିସ୍ଥାପନ ଉନ୍ନୟନ ପରିଷଦ ପକ୍ଷରୁ ସହିଦ ଦିବସ ପାଳନ କରାଯାଇଛି । ସକାଳ ଶତାଧିକ ଆଦିବାସୀ ମହିଳା ଓ ପୁରୁଷମାନେ ଗୁଳିକାଣ୍ଡସ୍ଥଳ ଚମ୍ପାକୋଇଲ ଠାରେ ଏକତ୍ରିତ ହୋଇ ସେଠାରେ ଥିବା ସହିଦ ସ୍ତମ୍ଭ ନିକଟରେ ନୂଆ ବସ୍ତ୍ର, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ତିରୀ ଦୁସଲମ, ଅୟାରଚମ୍ ଆଦି କରାଯାଇ ମାୟବଲିଙ୍ଗଙ୍କୁ ପାଣି ଢ଼ାଳି ଗାଧୋଇ ଦିଆ ଯାଇଥିଲା। ପରେ ସମୂହେ ନିଜ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଥିଲେ ।

ଏହି ଶୋଭାଯାତ୍ରା ବାରଗାଡିଆ ଛକ, ଡୁବୁରୀ ଛକ, ଟାଟା କାରଖାନା ମୁଖ୍ୟ ଫାଟକ ଦେଇ ବିର ଭୂମି ଆମ୍ବଗାଡ଼ିଆ ଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ କଳିଙ୍ଗନଗର ବିର ସହିଦ ଅମର ରହେ, ଆଦିବାସୀଙ୍କୁ ନ୍ୟାୟ ମିଳୁ ଆଦି ସ୍ଲୋଗାନ ମାନ ଦେଇଥିଲେ। ଏହି ଶୋଭାଯାତ୍ରା ବୀରଭୂମି ଠାରେ ପହଂଚିବା ପରେ ସେଠାରେ ଆଦିବାସୀ ମାନଙ୍କ ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅପରାହ୍ନ ୩ଟାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଦିବାସୀ ନେତା ରବୀନ୍ଦ୍ର ଜାରିକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ଅମର ସିଂ ବାନରା,ସନିଆ ତିରିଆ, ବିରେନ ଜାମୁଦା, ତ୍ରିଲୋଚନ ମହାନ୍ତ, ସିନି ସଏ, ସ୍ୱର୍ଣ୍ଣଲତା ବାନରା, ସାଧୁ ଚରଣ ତିୟୁ, ରୀନା ହାଇବ୍ରୁ, ବାବୁଲି ହାଇବ୍ରୁ, ଲକ୍ଷ୍ମଣ ଜାମୁଦା,ପ୍ରମୁଖ ଉପସ୍ଥିତ ଥିବା ବେଳେ ଅତିଥି ଭାବେ ସିପିଆଇଏମ ର ଭାଲ ଚନ୍ଦ୍ର ସଡ଼ଙ୍ଗୀ, ମାନସ ସରକାର, ନିୟମଗିରି ସୁରକ୍ଷା ମଞ୍ଚ ର ଲେଲିନ ମହାନ୍ତି, ଆର. ପି. ଆଇ ର ଅବଦୁଲ ୱାହୀଦ, ପ୍ରମୁଖ ମଞ୍ଚାସିନ ହୋଇ ସରକାର ଓ ପୁଞ୍ଜିପତି ମାନଙ୍କ ଠାରୁ ନ୍ୟାୟ ପାଇବା ପାଇଁ ଏକଜୁଟ ହୋଇ ସଂଗ୍ରାମ କରିବାକୁ ପଡିବ ବୋଲି କହିଥିଲେ।

ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ୪ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ଦୁଇଜଣ ଆଡ଼ିସିନାଲ ଏସ. ପି, ୬ଜଣ ଇନିସ୍ପେକ୍ଟର ନିୟୋଜିତ ଥିଲେ। ସ୍ମୃତି ସଭାରେ ଆଲୋଚନା ସ୍ଥାୟୀ ଜମୀ ପଟ୍ଟା, ସମସ୍ତଙ୍କୁ ନିଯୁକ୍ତି ଓ ସହିଦ ମାନଙ୍କ ଡି.ଏନ୍.ଏ ରିପୋର୍ଟ ପରିବାର ଲୋକଙ୍କୁ ତୁରନ୍ତ ପ୍ରଦାନ କରିବାକୁ ଦାବି କରିଥିଲେ। ୨୦ ବର୍ଷ ପରେ ବି ଟାଟା କାରଖାନା କାର୍ଯ୍ୟକ୍ଷମ ହେଇଛି, ଭିଟାମାଟି ହରାଇ ଆଦିବାସୀ ସମସ୍ତ ସୁବିଧାରୁ ବଞ୍ଚିତ ଥିବା ବିସ୍ଥାପିତ ପରିବାର ଆଜିର ସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସାର୍ବଜନୀନ ମା ଭଗବତୀଙ୍କ ପୂଜା ଉଦ୍‌ଯାପିତ



**ବାଲିଆପାଳ,୨।୧ (ସଂଚାର ବ୍ୟୁରୋ):**ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତ ତାଡକେଶ୍ୱର ଗୋଲେଇ ପୂଜା ସଂସଦ ପୂଜା ମଣ୍ଡପରେ ମା ଭଗବତୀ (ସାତଭଉଣୀ ) ଙ୍କର ପୂଜାର୍ଚ୍ଚନା ଆଠଦିନଧରି ମହାସମାରୋହରେ ପାଳିତ ହୋଇ ଆଜି ଉଦଯାପନି ହୋଇଯାଇଛି। ସୁଚନାଯୋଗ୍ୟ ଘଣ୍ଟୁଆ ପଞ୍ଚାୟତ ସମ୍ମୁଖରେ ତାଡକେଶ୍ୱର ଗୋଲେଇ ପୂଜା ସଂସଦ ଓ ଗ୍ରାମବାସୀଙ୍କ ସହଯୋଗରେ ମା ଭଗବତୀଙ୍କ ସାତଭଉଣୀ ଆଠଦିନ ଧରି ପୂଜା ପାଉଛନ୍ତି।ଦିର୍ଘ ୭ବର୍ଷ ଧରି ମା ଭଗବତୀଙ୍କ ପୂଜାର୍ଚ୍ଚନା ହୋଇଆସୁଛି। ୨୭ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପ୍ରତିଦିନ ସଂଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ହୋଇଆସୁଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଏ।

### ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ ପାଳନ ଉପଲକ୍ଷେ

# ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ

**ସୁବର୍ଣ୍ଣପୁର,୨।୧ (ସଂଚାର ବ୍ୟୁରୋ):** ଜାନୁୟାରୀ ମାସ କୁ ଜାତୀୟ ସଡ଼କ ସୁରକ୍ଷା ମାସ - ୨୦୨୬ ପାଳନ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରୁ ଜାତୀୟ ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ ସହିତ ସୁବର୍ଣ୍ଣପୁର ସହରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଜାତୀୟ ସଡ଼କ ସୁରକ୍ଷା ସଚେତନତା ରଥ ଓ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ଶ୍ରୀ ନାରାୟଣ ନାୟକଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।



ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଶ୍ରୀମତି ଆଞ୍ଜଳିନା ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ, ସୁବର୍ଣ୍ଣପୁର, ଅଗ୍ନିଶମ ବିଭାଗର କର୍ମଚାରୀମାନେ, ରେଥାର, ସୋନପୁର ସମେତ ବିଭିନ୍ନ ସ୍ୱେଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ, ସୁବର୍ଣ୍ଣପୁର ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ସଚେତନତା ଶୋଭାଯାତ୍ରା ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରୁ ବାହାରି ସୋନପୁର ତହସିଲ ଅଫିସ ଛକ, ଉପ - ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ, ମଟିପଡ଼ା ଦେଇ ସୋନପୁର ବସ ଷ୍ଟାଣ୍ଡ, ନଳିନୀ ଛକ ରୁ ପୁଣି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଶୋଭାଯାତ୍ରା ଫେରି ଆସିଥିଲେ। ଏହି ଶୋଭାଯାତ୍ରା ସମୟରେ ଛାତ୍ରଛାତ୍ରୀ ମାନେ ସଡ଼କ ସୁରକ୍ଷା ସମ୍ବଳିତ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ ସହିତ ସ୍ଲୋଗାନ ଗୁଡ଼ିକ ଜନସାଧାରଣଙ୍କ ସଚେତନତା ପାଇଁ ପରିବେଷଣ କରିଥିଲେ।

## ମେଡିକାଲ କଲେଜ ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଶାଳ ଶୋଭାଯାତ୍ରା

● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର




**ନୟାଗଡ଼,୨।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦରମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଆଜି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଗୋଦାବରିଶ୍ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଶାଳ ଶୋଭାଯାତ୍ରାରେ ଦଳ ମତ ନିର୍ବିଶେଷରେ ଶହ ଶହ ଲୋକ ଯୋଗ ଦେଇଥିଲେ । ନୟାଗଡ଼ ଜିଲ୍ଲାର ସମସ୍ତ ବ୍ଲକରୁ କ୍ରିୟାନୁଷ୍ଠାନ କମିଟି ପ୍ରତିନିଧିମାନେ ଯୋଗ ଦେଇ ଆନ୍ଦୋଳନକୁ ସମର୍ଥନ ଦେଇଥିଲେ । ନୂଆଗାଁ, ଦଶପଲ୍ଲା, ଗଣିଆ, ଖଣ୍ଡପଡ଼ା, ଭାପୁର, ଓଡ଼ଗାଁ ବ୍ଲକ ସମେତ ବାହାଡ଼ଝୋଲା ଓ ରଣପୁର ବ୍ଲକ ଶରଣକୁଳ ଅଞ୍ଚଳରୁ ଲୋକମାନେ ସାମିଲ ହୋଇଥିଲେ । ରାଜ୍ୟ ସରକାର ଘୋଷଣା ମୁତାବକ ତୁରନ୍ତ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ ନେବା ସହ ଘୋଷଣା କରିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି । ଏହି ଅବସରରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ନାରାବାଜି କରାଯିବା ସହ ସରକାର ତୁରନ୍ତ ଘୋଷଣା ନକଲେ ଆଗାମୀ ଦିନରେ ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି କର୍ମକର୍ତ୍ତମାନେ କହିଛନ୍ତି । ନୟାଗଡ଼ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ରୋଗୀ ପ୍ରେରଣ କେନ୍ଦ୍ର ଭାବେ କାର୍ଯ୍ୟ କରିବା ଜନସାଧାରଣଙ୍କୁ ଅତିଷ୍ଠ କରି ସାରିଛି । ଜିଲ୍ଲାରେ ରହିଥିବା ଅନେକ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ଅଭାବ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଦଶପଲ୍ଲା ବ୍ଲକ ବାଣିଗୋଛା, ଗଣିଆ ବ୍ଲକ ବଡ଼ଶିଲିଙ୍ଗାଠାରୁ ଓଡ଼ଗାଁ ବ୍ଲକ ରୋହିବାଙ୍କ ପର୍ଯ୍ୟନ୍ତ ଲୋକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି । ଏହା ସହିତ ବୌଦ୍ଧ ଜିଲ୍ଲା, ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼, କଟକ ଜିଲ୍ଲା ନରସିଂହପୁର ଓ ବଡ଼ମ୍ବା ବାସୀ ମଧ ନୟାଗଡ଼ ଉପରେ ନିର୍ଭର କରୁଛନ୍ତି । ଆଖପାଖ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ଓ ନୟାଗଡ଼ ଜିଲ୍ଲାର ହିତ ଦୃଷ୍ଟିରୁ ସରକାର ତୁରନ୍ତ ମେଡିକାଲ କଲେଜ ସ୍ଥାପନ ପାଇଁ ଘୋଷଣା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଯୁବନେତା ଦୁର୍ଯ୍ୟୋଧନ ବେହେରାଙ୍କ ନେତୃତ୍ୱରେ ଅନେକ ଯୁବକ ସାମିଲ ହୋଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପଦର୍ଶନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ ।

### ଶୀତକାଳୀନ ସେବା ଶିବିର ଉଦଯାପିତ

## ସେବା ମାଧ୍ୟମରେ ଉତ୍ତମ ରାଷ୍ଟ୍ର ଗଠନ ହୁଏ




**ବାଲିଆପାଳ,୨।୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୁରୁବାର ପୂର୍ବାହ୍ନରେ ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ କଲେଜ ଅଧକ୍ଷ ରାଜକିଶୋର ବାରିକଙ୍କ ଅଧକ୍ଷତା ମୁଖ୍ୟ ଅତିଥି ଭାବେ ବସ୍ତା ଏସଡିପିଓ ମାନସ ଦେଓ ଯୋଗଦେଇ ପାଠ ପଢ଼ା ସହିତ ଶିକ୍ଷାର୍ଥୀ ମାନଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରାଯାଉଥିବା ବିଭିନ୍ନ ସେବା ଯୋଜନାରେ ସାମିଲ ହେଲେ ଅନ୍ତର୍ନିହିତ ଗୁଣ ସହିତ ପାରିପାର୍ଶ୍ୱିକ ଜ୍ଞାନ ର ବିକାଶ ଘଟିଥାଏ ଅର୍ଥାତ୍ ସେବା ମାଧମରେ ଉତ୍ତମ ରାଷ୍ଟ୍ର ଗଠନ କରିହୁଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଧ୍ରୁବ ଚରଣ ଲତାଯୋଡି କଲେଜର ଅଧକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୋଗାଇ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଅଧାପକ ବିଜୟ କୁମାର ଜେନା, ଅବସର ପ୍ରାପ୍ତ ଅଧାପକ ଶ୍ରୀ କାନ୍ତ କାମୁଲିଆ, ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଥିଲେ।ପ୍ରୋଗ୍ରାମ ଅଫିସର ଡ଼ ଲକ୍ଷ୍ମୀକାନ୍ତ ରଥ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଜାତୀୟ ଯୋଜନାରେ ସାମିଲ ହୋଇଥିବା ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ‘ଖବରକାଗଜ ପଠନ କେନ୍ଦ୍ର’ ଉଦ୍‌ଘାଟିତ



**ବୈଶିଙ୍ଗା,୨।୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ‘ଖବରକାଗଜ ପଠନ କେନ୍ଦ୍ର’ର ଉଦ୍‌ଘାଟନୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ବୃଦ୍ଧି ଓ ପଠନ ଅଭ୍ୟାସକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରବୀନ୍ଦ୍ର କୁମାର ସାମନ୍ତରାୟ ଅଧକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ବିମଳେନ୍ଦୁ ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ପଠନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକା ତୃପ୍ତି ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ‘ଧ୍ୱନି ପ୍ରତିଧ୍ୱନି’ର ସାମ୍ବାଦିକ ମଧୁସୁଦନ ମହାନ୍ତି ଯୋଗଦେଇ ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ। ନିଜର ବକ୍ତବ୍ୟରେ ଅତିଥିମାନେ ଦୈନନ୍ଦିନ ଜୀବନରେ ଖବରକାଗଜ ପଠନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ କିପରି ଦେଶ ବିଦେଶର ଖବର ସହ ନିଜକୁ ଅପଡେଟ୍ ରଖିପାରିବେ, ସେ ସମ୍ପର୍କରେ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ହରେକୃଷ୍ଣ ଦାସ ମଧ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା କ୍ରୀଡ଼ା ଶିକ୍ଷକ ଶ୍ରୀ ଦେବଦତ୍ତ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ବିଦ୍ୟାରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇସ୍ତଫା ଦେଲେ ନବନିଯୁକ୍ତ ସରକାରୀ ଓକିଲ

**ଜୟପୁର,୨।୧ (ସଂଚାର ବ୍ୟୁରୋ):**ଇସ୍ତଫା ଦେଲେ ନବ ନିଯୁକ୍ତ ସରକାରୀ ଓକିଲ ମନୋରଞ୍ଜନ ରାଉତରାୟ। ନୂତନ ସରକାର ଗଠନ ହେବାର ଅଠର ମାସ ପରେ ରାଜ୍ୟରେ ସରକାରୀ ଓକିଲଙ୍କୁ ନିଯୁକ୍ତି ଦେଇଥିଲେ ରାଜ୍ୟ ସରକାର। ଗତ ଡିସେମ୍ବର ୨୪ ତାରିଖ ଆଇନ ବିଭାଗର ନୋଟିଫିକେସନ ଅନୁଯାୟୀ ଜୟପୁର ମହିଳା କୋର୍ଟରେ ସହକାରୀ ଓକିଲ ଭାବେ ନିଯୁକ୍ତି ପାଇଥିଲେ କୋରାପୁଟର ଆଇନଜୀବୀ ମନୋରଞ୍ଜନ ରାଉତରାୟ। ହେଲେ ଗୁରୁବାର ସେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

ଦୀର୍ଘବର୍ଷଧରି ଚାଷୀମୁଲିଆ ଆଦିବାସୀ ସଂଘ ଓ ନକ୍ସଲ ଅଭିଯୁକ୍ତଙ୍କ ମାମଲା ଲଢ଼ି ଚର୍ଚ୍ଚାକୁ ଆସିଥିଲେ ଆଇନଜୀବୀ ରାଉତରାୟ। ସେ ବିଭିନ୍ନ ସାମାଜିକ ସଂଗଠନ ସହ ଜଡିତ ଥିବାବେଳେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ଦାୟିତ୍ୱରେ ଅଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିବା ଜଣାଯାଇଛି।

### ସାମ୍ବାଦିକଙ୍କ ବନ୍ଧୁମିଳନ

## ସମାଜ ସମସ୍ୟା ଉପରେ ଗୁରୁତ୍ୱ



**ରାୟଗଡା,୨।୧ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲାର ପୁରାତନ ସାମ୍ବାଦିକ ସଂଗଠନ ଜିଲ୍ଲା ସମ୍ବାଦିକ ସଙ୍ଗ ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ବନ୍ଧୁ ମିଳନ ୨୦୨୬ କାର୍ଯ୍ୟକ୍ରମ ରାୟଗଡା ଜିଲ୍ଲାର ହାଲୁଆ ତଟାରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସାମ୍ବାଦିକମାନଙ୍କ ମଧ୍ୟରେ ସୁସମ୍ପର୍କ ଭାତୃତ୍ୱ ଓ ସଂଗଠନକୁ ଆହୁରି ସୁଦୃଢ଼ କରିବା ଥିଲା।

ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ବାଦିକ ସଙ୍ଗର ସଭାପତି ଶ୍ରୀ ବାଦଲ କୁମାର ଥା ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀ ଶ୍ୟାମ କୁମାର ଦାସ ଓ ସମ୍ପାଦକ ଶ୍ରୀ ବିଦ୍ୟା ଭୂଷଣ ପଣ୍ଡା ମଞ୍ଚାସୀନ ରହି ସାମ୍ବାଦିକଙ୍କ ଭୂମିକା ଦାୟିତ୍ୱ ଓ ସମାଜ ପ୍ରତି ତାଙ୍କର କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ସେମାନେ ସତ୍ୟନିଷ୍ଠ ଓ ନିର୍ଭୟ ସାମ୍ବାଦିକତା ମାଧମରେ ସମାଜର ସମସ୍ୟାକୁ ସରକାର ଓ ପ୍ରଶାସନଙ୍କ ନଜରକୁ ଆଣିବାକୁ ଆହ୍ୱାନ କରିଥିଲେ। ରାୟଗଡା ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ସମ୍ବାଦିକ ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ନିଜ କାର୍ଯ୍ୟାନୁଭବ ବାଣ୍ଟିଥିଲେ। ସେଥିସହ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ ସେବା, ପାନୀୟଜଳ, ସଡକ, ଆଦିବାସୀ ଅଞ୍ଚଳର ମୌଳିକ ସୁବିଧା ଓ ପ୍ରଶାସନିକ ଅବହେଳା ଭଳି ବିଷୟ ଉପରେ ଆଲୋଚନା କରିଥିଲେ। ସଂଘର ପଦାଧିକାରୀମାନେ ସମସ୍ତ ସମସ୍ୟାକୁ ଗୁରୁତ୍ୱ ସହ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବା ପାଇଁ ଆଶ୍ୱାସନ ଦେଇଥିଲେ। ବନ୍ଧୁ ମିଳନ କାର୍ଯ୍ୟକ୍ରମ ସାମ୍ବାଦିକମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଏକତା ଓ ସଂଘବଦ୍ଧତାର ମନୋଭାବ ସୃଷ୍ଟି କରିଥିବା ଦେଖାଯାଇଥିଲା।

## ଧାନ ପଡ଼ିଛି ମଣ୍ଡିରେ, ଚିନ୍ତାରେ ଚାଷୀ



**ସୁବର୍ଣ୍ଣପୁର,୨।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ହିଲୁଙ୍ଗ ସେବା ସମବାୟ ସମିତି ର ଚିତ୍ର ଚାଷୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଆଜିକୁ ପ୍ରାୟ ୨୨ ଦିନ ହେବ ଧାନ କ୍ରୟ ପ୍ରକ୍ରିୟା ଆମ ଜିଲ୍ଲାରେ ଆରମ୍ଭ ହୋଇଯାଇଛି। କିନ୍ତୁ ବିଡମ୍ବନା ର କଥା ଏହି ପେକ୍ସ ରେ ୧୨ ଗୋଟି ଧାନ ମିଲ ଧାନ କ୍ରୟ ପ୍ରକ୍ରିୟା ରେ ଅଂଶଗ୍ରହଣ କରିଥିଲେ ସୁଦ୍ଧା ମାତ୍ର ଆଜି ଯାଏଁ ୧୩୨ ଜଣଙ୍କ ଚାଷୀ ର ୬୬୯୫ କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି। ଏପଟେ ଚାଷୀଙ୍କ ପ୍ରଥମ ଟୋକନ ବିକ୍ରି ସାରିଥିବା ବେଳେ ଦ୍ୱିତୀୟ ଟୋକେନ୍ ଆସିବ କି ନାହିଁ ବୋଲି ଅସ୍ତବ୍ୟସ୍ତ ମଣ୍ଡି ରେ ପ୍ରାୟ ୨୦୦୦୦ ହଜାର ଧାନ ପଡ଼ି ରହିଛି। ହେଲେ ଦିନକୁ ଗୋଟେ ମଧ ଗାଡ଼ି ଆସୁନାହିଁ ବୋଲି ଦୁଃଖ ବ୍ୟକ୍ତ କରୁଚନ୍ତି ଚାଷୀ । ସରକାରୀ ଅଧିକାରୀ ଯୋଗାଣ ନିରୀକ୍ଷକ ଶ୍ରୀ କ୍ଷୀରୋଦ କୁମାର ଧଳକୁ ଛାଡ଼ିଦେଲେ ଆଉ କେହି ମଣ୍ଡି କୁ ବୁଲି ଦେଖୁ ନାହାନ୍ତି। ଅନ୍ୟପଟେ ପାଣିପାଗ ବିଭାଗ ର ସୂଚନା ଲଘୁଚାପ ଜନିତ ସମସ୍ୟା ମଧ ସମସ୍ତଙ୍କ ମନରେ ଭୟ ଭରି ଦେଉଛି। ଅଧିକ ରୁ ଅଧିକ ମାତ୍ରାରେ ଗାଡ଼ି ଆସିଲେ ଚାଷୀଙ୍କ ଧାନ ସୁରୁଖୁରୁରେ ବିକ୍ରି ହେଇପାରିବ ଏ ନେଇ ସୂଚନା ଦେଲେ ପେକ୍ସ୍ ସଭାପତି ଯୋଗୀନ୍ଦ୍ର ମିର୍ଦ୍ଧା ଏବଂ ସମ୍ପାଦକ ହାରାଧନ ବେହେରା ସୂଚନା ଦେଇଥିଲେ।

# ହଜିଯାଉଛି କୃଷିଭିତ୍ତିକ ପର୍ବ ପୁଷପୁନି ପରମ୍ପରା

**କଳାହାଣ୍ଡି,୨।୧ (ସଂଚାର ବ୍ୟୁରୋ):** ଜାନୁୟାରୀ ୪ ତାରିଖ ରବିବାର ପୌଷ ପୂର୍ଣ୍ଣିମା ବା ପୁଷ ପୂନି (ଛେରଛେରା) ପର୍ବ ପାଳିତ ହୋଇଥିବା ବେଳେ, ତେବେ ପୂର୍ବଭଳି ଆଉ ଲୋକଙ୍କ ମଧ୍ୟରେ ଏହି ପର୍ବପାଇଁ ଯେଉଁ ଉତ୍ସାହ ଥିଲା ତାହା ଏବେ ପରିଲକ୍ଷିତ ହେଉନାହିଁ । ପୁଷପୁନି ପର୍ବ ଏକ କୃଷି ଭିତିକ ପର୍ବ ଓ ଏହାର ଏକ ସ୍ୱତନ୍ତ୍ରତା ରହିଛି ହେଲେ ଦିନକୁ ଦିନ ପାଶ୍ଚାତ୍ୟ ସଂସ୍କୃତିର କାୟାବିସ୍ତାର ଯୋଗୁଁ ଏବେ ଆଉ ପୂର୍ବଭଳି ଦେଖିବାକୁ ମିଳୁନି ଲୋକଙ୍କ ମଧ୍ୟରେ ଆଗ୍ରହ।

ସାଧାରଣତଃ କଳାହାଣ୍ଡି ତଥା ପଶ୍ଚିମ ଓଡିଶାର ପାଳିତ ହୋଇ ଆସୁଥିବା ଏହି ପୁଷପୁନି ତିହାରର ଏକ ସ୍ୱତନ୍ତ୍ରତା ରହିଛି ଏବଂ ଏହା ଏକ କୃଷି ଭିତିକ ପର୍ବ ଭାରତରେ ପାଳିତ ହୋଇ ଆସୁଛି। ଚାଷୀ ଏହି ସମୟରେ ଅମଳ କରିଥିବା ଧାନକୁ ନେଇ ଆସିଥାଏ। ଯେଉଁ ଶ୍ରମିକ ମାନେ ମାଲିକ ମାନଙ୍କ ପାଖରେ ହଳିଆ (ଶ୍ରମିକ) କାମ କରୁଥାନ୍ତି ଏହି ଦିନ ପୂର୍ବରୁ ସେମାନେ ମାଲିକ ଠାରୁ ମୁକୁଳିବା ସହ ଖଳାଛେଦ ନିସ୍ତାର ସହ ଅନ୍ୟାନ୍ୟ ବ୍ୟବହାରିକ ସାମଗ୍ରୀ ନେଇ ଏହି ତିହାରକୁ ପାଳନ କରିଥାନ୍ତି।



**ଆଉ ଶୁଭୁନି ଦେ’ରେ ବୁଢ଼ୀ ଛେର୍ ଛେରା**

ଏହି ପୁଷପୁନି ତିହାର ପରେ ପରେ ମାଘ ମାସରୁ ପୁଣି ଏହି ଶ୍ରମିକ ତାର ମାଲିକ ପାଖରେ କାମ କରିବା ପାଇଁ ଚୁକ୍ତି କରିଥାଏ। ମୁଣ୍ଡର ଝାଳକୁ ତୁଣ୍ଡରେ ମାରି ଖରା ବର୍ଷାରେ ଅକ୍ଳାନ୍ତ ପରିଶ୍ରମ କରି କ୍ଳାନ୍ତିକୁ ଉପଶମ କରିବା ପାଇଁ ଏହି ଦିନ ବିଭିନ୍ନ ରକମର ବିଭିନ୍ନ ପିଠାପଣା ସହ ସ୍ୱତନ୍ତ୍ର ଭାବରେ ମଣ୍ଡାପିଠା ତିଆରି କରି ସେ ନିଜେ ଏବଂ ତାର ପଡୋଶୀ ମାନଙ୍କୁ ପୁଷପୁନି ମଡାପିଠା ଦେଇ ଭାଇଚାରାର ସମ୍ପର୍କକୁ ସୁଦୃଢ଼ କରିଥାଏ। ଏହି ଦିନ ଗ୍ରାମର ପୁରୁଣା ବୃଦ୍ଧମାନେ ଗ୍ରାମର ଛୋଟଛୋଟ ଶିଶୁମାନଙ୍କୁ ନେଇ ପୁଷପୁନି ଛେରଛେରା ମାଗିଥାନ୍ତି। ଏହି ଛେରଛେରା ମାଗିବା ସମୟରେ ଗ୍ରାମ୍ୟ ଜୀବନରେ ପ୍ରତିଫଳିତ ହେଉଥିବା ବିଭିନ୍ନ ଗୀତ ଗାଇ ବିଭିନ୍ନ ବାଦ୍ୟର ତାଳେତଳେ ନୃତ୍ୟ କରିଥାନ୍ତି ଯାହା ଗ୍ରାମୀଣ ଜୀବନର ଅନ୍ୟ ଏକ ସ୍ୱତନ୍ତ୍ରତା ରହିଛି। କିନ୍ତୁ ବର୍ତ୍ତମାନ ପୌରାଣିକ ଆଖ୍ୟା ଓ ଗ୍ରାମ୍ୟ ଜୀବନରେ ଭାଇଚାରାର ସମ୍ପର୍କକୁ ସୁଦୃଢ଼ କରି ଆସୁଥିବା ପଶ୍ଚିମ ଓଡିଶାର ଏହି ମହାନ ପର୍ବ ଆଗ ପରି ଆଉ ପାଳିତ ହେଉନାହିଁ। ଏହି ମହାନ ପର୍ବ ଅପସଂସ୍କୃତିକ ସୁନାମୀ ଝଡ଼ରେ ତାର ନିଜତ୍ୱ ହରେଇବାକୁ ବସିଲାଣି।

ଏହି ମହାନ ପର୍ବକୁ ବଞ୍ଚାଇ ରଖିବାକୁ ଯଦି ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣ କରାନଯାଏ ତାହାହେଲେ ଆଗାମୀ ଦିନରେ ଏହି ମହାନ ପର୍ବ ଇତିହାସ ପୃଷ୍ଠାରେ କେବଳ ସୀମିତ ହୋଇ ରହିଯିବ।

## ପ୍ରାଧ୍ୟାପକ ପ୍ରକାଶ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର କଷୋଟି ଗ୍ରାମରେ ଅବସ୍ଥାନ କରୁଥିବା ମାର୍ଶାଘାଇ ବ୍ଲକ ଅଧିନ ଜମପଡା ଗ୍ରାମରେ ଜନ୍ମିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ନୃତ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପରିଡାଙ୍କୁ ଶିକ୍ଷକ ଓ କର୍ମଚାରୀ ସଙ୍ଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷା ଡ. ସୁପ୍ରଭା ପରିଡାଙ୍କ ପୌରହିତ୍ୟରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଅଧକ୍ଷ ଡ. ଦିଲ୍ଲିପ କୁମାର ମିଶ୍ର, ଶିକ୍ଷକ କର୍ମଚାରୀ ସଙ୍ଘ ସଭାପତି ପ୍ରତାପ କୁମାର ସାହୁ, ସମ୍ପାଦକ ମନମୋହନ ଖଟୁଆ, ପ୍ରାଧ୍ୟାପକ ବିରି ନାରାୟଣ ପଣ୍ଡା, ପ୍ରାଧ୍ୟାପକ ପଦାରବିନ୍ଦ ବିଶ୍ୱାଳ, ପ୍ରାଧ୍ୟାପକ ସୁଶାନ୍ତ କୁମାର ନାୟକ, କର୍ମଚାରୀ ଅଭିରାମ ନାୟକ, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ପ୍ରାଧ୍ୟାପକ ଡ. ପରିଡାଙ୍କ ପ୍ରତିଭା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ କଲେଜ ପ୍ରତି ଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖି ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ପ୍ରାଧ୍ୟାପକ ଡ. ପରିଡାଙ୍କୁ ପୁଷ୍ପଗୁଛ ଓ ଉପଢୌକନ ସମେତ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।




# ଶୀତଦିନେ ପିଲାଙ୍କ ପାଇଁ ଲାଭଦାୟକ ଜାଇଫଳ ଗୁଣ୍ଡ

## ଥଣ୍ଡା ଓ କାଶକୁ କରେ ଦୂର



ଭାରତୀୟ ଖାଦ୍ୟରେ ଅନେକ ପ୍ରକାରର ଗୋଟା ମସଲା ବ୍ୟବହାର କରାଯାଏ। ସେହି ସବୁ ଗୋଟା ମସଲା ମଧ୍ୟରୁ ଜାଇଫଳ ଏକ ଅତ୍ୟନ୍ତ ଲାଭଦାୟକ ମସଲା। ଯାହା ଖାଦ୍ୟର ସ୍ୱାଦ ଏବଂ ସୁଗନ୍ଧ ବଢାଇବା ସହିତ ଔଷଧ ଭାବେ ମଧ କାର୍ଯ୍ୟ କରିଥାଏ। ତେବେ ଏହା ଘରୋଇ ଉପଚାର ମଧ୍ୟରୁ ଏକ ଅନ୍ୟତମ ଉପାୟ। ଯାହା ଶିଶୁମାନଙ୍କ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଶୀତଦିନେ ବିଶେଷ କରି ପିଲାଙ୍କଠାରେ ଅତ୍ୟଧିକ ଥଣ୍ଡା, କାଶ ଭଳି ସମସ୍ୟା ଦେଖିବାକୁ ମିଳିଥାଏ। ଯେଉଁଥି ପାଇଁ ଜାଇଫଳ ବେଷ୍ଟ ହୋଇଥାଏ। ଯଦି ଏଭଳି କିଛି ସମସ୍ୟା ପିଲାଙ୍କଠାରେ ଦେଖୁଛନ୍ତି ତେବେ ନିଶ୍ଚୟ ସେମାନଙ୍କୁ ଜାଇଫଳକୁ ଗୁଣ୍ଡ କରି ଦିଅନ୍ତୁ। କିଛି ଦିନ ମଧ୍ୟରେ ସକରାତ୍ମକ ପ୍ରଭାବ ଦେଖିପାରିବେ। ଏହା ବ୍ୟତୀତ ଯଦି ପିଲାଟିର ହଜମ ହେଉନଥିବ, ପାଟି ଘାଆ, ପେଟ ଯନ୍ତ୍ରଣା କିମ୍ବା କାନ ଯନ୍ତ୍ରଣା ଭଳି ସମସ୍ୟା ଦେଖା ଦେଉଥାଏ ତେବେ ଆପଣ ତାକୁ ଜାଇଫଳ ଗୁଣ୍ଡ ଖାଇବାକୁ ଦେଇ ପାରିବେ। ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିବାୟୋଟିକ୍ ଗୁଣ ଜାଇଫଳରୁ ମିଳିଥାଏ ଯାହା ସଂକ୍ରମଣକୁ ଭଲ କରିଥାଏ। ଏହାର ଗୁଣ୍ଡ ଖାଇବା ଦ୍ୱାରା ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ମଧ ବଢାଇଥାଏ। ପିଲାମାନଙ୍କୁ ଜାଇଫଳ ଗୁଣ୍ଡ ଖାଇବାକୁ ଦେଲେ କେଉଁ ସବୁ ଫାଇଦା ହୋଇଥାଏ ଆଜି ଆମେ ଆପଣଙ୍କୁ ସେ ସମ୍ପର୍କରେ ଜଣାଇବୁ।

**ଥଣ୍ଡା ଏବଂ କାଶରୁ ମିଳିବ ମୁକ୍ତି:** ଶୀତଦିନେ ସାଧାରଣତଃ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଇଥାଏ। ଯେଉଁଥି ପାଇଁ ସେମାନଙ୍କୁ ଶୀଘ୍ର ରୋଗ ସଂକ୍ରମଣ ହୋଇଥାଏ। ଖାସ୍ କରି ଶୀତଦିନେ ପିଲାମାନଙ୍କୁ ଥଣ୍ଡା ଏବଂ କାଶ ଲାଗି ରହିଥାଏ। ଏଭଳି ସମସ୍ୟା ଥିଲେ ପିଲାକୁ ଗୋଟିଏ ଛୋଟ ଚାମଚରେ ଜାଇଫଳକୁ ଗୁଣ୍ଡ କରି ଖାଇବାକୁ ଦେଇପାରିବେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଏହି ସବୁ ସମସ୍ୟାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ଜାଇଫଳ ଗରମ ହୋଇଥାଏ ଯାହା ପିଲାଙ୍କ ଥଣ୍ଡା ଏବଂ କାଶ ଦୂର କରିଥାଏ। ଏଥି ସହିତ ଜାଇଫଳ ଗୁଣ୍ଡକୁ ଘିଅ ସହିତ ମିଶାଇ ପିଲାଙ୍କ ଛାତିରେ ଲଗାଇଲେ ଅନେକ ରୋଗରୁ ଉପଶମ ମିଳିବ।

**ବଦହଜମିରୁ ମିଳିବ ଆରାମ:** ପିଲାମାନେ ପ୍ରାୟତଃ ବଦହଜମିର ଶିକାର ହୁଅନ୍ତି। ଏଥିପାଇଁ ଆପଣ ଜାଇଫଳ ବ୍ୟବହାର କରିପାରିବେ। ତେବେ ଜାଇଫଳକୁ ଭାଙ୍ଗନ୍ତୁ ଏବଂ ଏହାକୁ ଘିଅ କିମ୍ବା ମହୁରେ ମିଶାଇ ଶିଶୁର ନାହିରେ ଲଗାନ୍ତୁ। ଯାହା ପେଟ ଯନ୍ତ୍ରଣା ଜନିତ ସମସ୍ୟାରୁ ମୁକ୍ତି ଦେବ। ଏହା କରିବା ଦ୍ୱାରା ପିଲାର ମେଟାବୋଲିଜିମ୍ ମଧ ଭଲ ରହିଥାଏ।

**ପାଟି ଘା'ରୁ ମୁକ୍ତି:** ଅନେକ ଥର ପିଲାମାନଙ୍କ ପାଟିରେ ଘା 'ହୋଇଯାଏ। ଯେଉଁଥିପାଇଁ ସେମାନଙ୍କୁ ଖାଇବା ପିଇବାରେ ଅସୁବିଧା ହୋଇଥାଏ। ପିଲାଙ୍କ ପାଟିରେ ଘା' ହୋଇଥିଲେ ତାଙ୍କୁ ଜାଇଫଳ ଗୁଣ୍ଡ ଖାଇବା ପାଇଁ ଦିଅନ୍ତୁ। ଜାଇଫଳ ଏବଂ ମିଶିରି ଖଣ୍ଡକୁ ମିଶ୍ରଣ କରି ପିଲାକୁ ଦିଅନ୍ତୁ। ଏହା ପେଟକୁ ଥଣ୍ଡା କରିବ ଏବଂପାଟିରେ ହୋଇଥିବା ଘା'କୁ ଭଲ କରିଦେବ।

**କାନ ଯନ୍ତ୍ରଣାରୁ ମୁକ୍ତି:** ଜାଇଫଳରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଥାଏ। ଯାହା କାନ ଯନ୍ତ୍ରଣାରୁ ଆରାମ ଦେଇଥାଏ। ଜାଇଫଳକୁ ଗ୍ରାଇଣ୍ଡ୍ କରି କାନ ପଛରେ ମଧ ଲଗାଇପାରିବେ। ସୋରିଷ ତେଲରେ ଜାଇଫଳ ମିଶାଇ ପିଲାଙ୍କ କାନରେ ଲଗାଇବା ଦ୍ୱାରା ଏହା ତୁରନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବ।

**ଭୋକ ବଢିଯାଏ:** ଏହା ମେଟାବୋଲିଜିମ୍ କୁ ଭଲ ରଖେ। ଜାଇଫଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ଏବଂ ହଜମ ପ୍ରକ୍ରିୟାରେ ମଧ ଉନ୍ନତି ଆଣିଥାଏ। ଯାହାଫଳରେ ପିଲାମାନଙ୍କର ଭୋକ ବଢାଇଦେଇଥାଏ।

# ଶୀତଦିନେ ନିଶ୍ଚୟ ଖାଦ୍ୟରେ ସାମିଲ କରନ୍ତୁ ମେଥି ଶାଗ

ଶୀତ ଋତୁରେ ବଜାରରେ ସବୁଜ ପନିପରିବା ସହ ନାନା ରକମର ଶାଗ ମିଳିଥାଏ। ଶାଗ ଖାଇଲେ ନାନା ରୋଗ ଦୂର ହୋଇଥାଏ। ଏହା ମଧ୍ୟରେ ମେଥି ଶାଗ ଅନ୍ୟତମ। ମେଥିରେ ବହୁ ଔଷଧୀୟ ଗୁଣ ଭରି ରହିଥାଏ। ମେଥି ଶାଗରେ ପୋଟାସିୟମ, କ୍ୟାଲସିୟମ, ଲୌହ, ସେଲେନିୟମ, ମାଙ୍ଗାନିଜ, ପ୍ରୋଟିନ୍, ଫାଇବର୍, ଭିଟାମିନ୍ ସି', ନିୟାସିନ୍, ଆଇରନ୍, ଫଲିକ୍ ଏସିଡ୍, ମ୍ୟାଗ୍ନେସିୟମ, କପର୍ ପ୍ରଚୁର ପରିମାଣରେ ରହିଛି। ଏସବୁ ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ନିହାତି ଜରୁରୀ। ଉଚ୍ଚ ରକ୍ତଚାପ, ଡାଇବେଟିସ୍ ରୋଗୀ ଏହି ଶାଗ ଖାଇଲେ ବହୁ ଉପକାର ମିଳିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି। ମେଥି ଶାଗ ଖାଇଲେ କୋଲେଷ୍ଟରଲ୍ ମାତ୍ରା କମ୍ ହୋଇଥାଏ। ଏହି କାରଣରୁ ହୃତ୍‌ପିଣ୍ଡ ଜନିତ ରୋଗ ଆଶଙ୍କା ମଧ କମ୍ ହୋଇଥାଏ। ସୁସ୍ଥ ରହିବାକୁ ହେଲେ ପ୍ରତିଦିନ ମେଥିଶାଗ ଖାଦ୍ୟରେ ସାମିଲ କରିବା ଜରୁରୀ। ମେଥି ଶାଗ ଶୀତରେ ଶରୀରକୁ ଗରମ ରଖିଥାଏ। ଖାସ କରି ଶୀତଦିନେ ଏହି ଶାଗଟିକୁ ଦେଖିବାକୁ ମିଳିଥାଏ। ମେଥିକୁ ଆମେ ଯେକୌଣସି ଉପାୟରେ ରାନ୍ଧିକି ଖାଇଲେ ମଧ ଲାଭ ମିଳିଥାଏ। ମେଥିର ପ୍ରସ୍ତୁତ ରୁଟି ,ପରଟା ଇତ୍ୟାଦି ଦେହ ପାଇଁ ଅତ୍ୟନ୍ତ ଉପଯୋଗୀ। କିନ୍ତୁ ସେଥିପାଇଁ ସବୁଜ ମେଥିପତ୍ର ନିହାତି ଆବଶ୍ୟକ। ତେବେ ଆସନ୍ତୁ ଜାଣିବା ମେଥି ଶାଗର ଉପକାରୀ ଗୁଣ ସମ୍ପର୍କରେ।



**ଶରୀର ପୀଡାରୁ ମୁକ୍ତି ମିଳିଥାଏ:** ମେଥି ଶାଗ ଗଣ୍ଠି ବାତ ବା ଗଣ୍ଠି ଜନିତ ରୋଗ ପାଇଁ ଲାଭଦାୟକ ଅଟେ। ମେଥି ମଞ୍ଜିରେ କ୍ୟାଲସିୟମ, ଆଇରନ ଏବଂ ଫସଫରସ ରହିଛି ଯେଉଁଥିପାଇଁ ଶରୀର ପୀଡାରୁ ମୁକ୍ତି ମିଳିଥାଏ। ଯେଉଁମାନଙ୍କ ଗଣ୍ଠି ରୋଗ ରହିଛି ସେମାନଙ୍କୁ ପ୍ରତିଦିନ ମେଥି ଶାଗ ଖାଇବା ଉଚିତ।

**କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ:** ଶରୀରରେ କୋଲେଷ୍ଟ୍ରୋଲ ମାତ୍ରା କମ କରିବାରେ ମେଥି ବହୁତ ଲାଭଦାୟକ ହୋଇଥାଏ। ଏଥିରେ ଲିପୋପ୍ରୋଟିନ ରହିଛି ଯାହା କୋଲେଷ୍ଟ୍ରୋଲର ମାତ୍ରା କମ କରିବାରେ ସାହାଯ୍ୟ କରିଥାଏ।ମେଥି ଶାଗ ବଢିଥିବା କୋଲେଷ୍ଟ୍ରଲ ଆପଣଙ୍କ ସ୍ୱାସ୍ଥ୍ୟପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ। ମେଥି ପତ୍ରରେ ଅନେକ ଶକ୍ତିଶାଳୀ ଗୁଣ ରହିଛି ,ଯାହା କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଶରୀରରୁ ଖରାପ କୋଲେଷ୍ଟ୍ରଲକୁ ହଟାଇ ଭଲ କୋଲେଷ୍ଟ୍ରଲକୁ ସ୍ଥାପନ କରିବା ପାଇଁ ଶୀତଦିନେନିଜଖାଦ୍ୟରେମେଥିସାମିଲକରନ୍ତୁ।

**ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ ରଖେ:** ମଧୁମେହ ରୋଗୀଙ୍କ ପାଇଁ ଉଭୟ ମେଥି ଶାଗ ଏବଂ ମେଥି ଦାନ ବହୁତ ଲାଭଦାୟକ ଏଥିରେ ଏମିନୋ ଏସିଡ ରହିଛି ଯାହାକି ଇନସୁଲିନର ଉତ୍ପାଦନକୁ ବୃଦ୍ଧି କରିଥାଏ। ମେଥିରେ ଥିବା ଫାଇବର ବ୍ଲଡ଼ ସୁଗରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।ମେଥି ଅଧିକାଂଶ ରୋଗକୁ ଦୂର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେହିଭଳି ମେଥି ଶାଗକୁ ମଧ ଆୟୁର୍ବେଦରେ ଗୋଟିଏ ଔଷଧର ସ୍ଥାନ ଦିଆ ଯାଇଛି।

**ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ:** ମେଥି ଶାଗ କିମ୍ବା ମେଥି ଦାନା ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏଥିରେ ବହୁ ମାତ୍ରାରେ ପୋଟାସିୟମ ରହିଛି ଯାହାକି ରକ୍ତ ସଂଚାଳନକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

**ସୁସ୍ଥ ତ୍ୱଚାପାଇଁ ମେଥିଶାଗ ହିତକାରୀ:** ମେଥି ଶାଗରେ ଆଣ୍ଟିଆକ୍ସିଡେଣ୍ଟ ଓ ଅନେକ ଆବଶ୍ୟକ ଭିଟାମିନ ରହିଥିବାରୁ ଏହା ଆପଣଙ୍କ ତ୍ୱଚା ସହିତ ଯୋଡି ହୋଇଥିବା ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ମେଥି ପତ୍ର ଆପଣଙ୍କ ତ୍ୱଚା ଓ ସ୍ୱାସ୍ଥ୍ୟ ଉଭୟ ପାଇଁ ହିତକର। ଏହା ଆପଣଙ୍କ ରକ୍ତକୁ ସ୍ୱଚ୍ଛ କରିବା ସହିତ ଚମଡ଼ାରେ ସଂକ୍ରମଣ ଆସିବାକୁ ଦିଏ ନାହିଁ।

**ପାଚନ ତନ୍ତ୍ରକୁ ଉନ୍ନତ କରିବାରେ ସାହାଯ୍ୟ କରେ:** ମେଥି ପତ୍ର ପାଚନ ସହିତ ଯୋଡି ହୋଇଥିବାସମସ୍ୟାକୁଦୂରକରିବରେସାହାଯ୍ୟକରିଥାଏ।ଯଦିଆପଣମଧପାଚନସମସ୍ୟାସହିତ ଯୋଡି ହୋଇଥିବା ବିଭିନ୍ନ ଅସୁବିଧାକୁ ସାମ୍ନା କରୁଛନ୍ତି ,ତେବେ ମେଥି ଶାଗକୁ ନିଜ ଖାଇବାରେ ନିଶ୍ଚିନ୍ତ ସାମିଲ କରନ୍ତୁ। ମେଥିଶାଗ ଗ୍ୟାସକୁ କାମାଇବା ସହିତ ଅନ୍ତନଳୀକୁ ସୁସ୍ଥ ରଖିଥାଏ।

**ଓଜନ ନିୟନ୍ତ୍ରଣ କରିଥାଏ:** ଶୀତ ଋତୁରେ ମେଥିଶାଗ ଆପଣଙ୍କ ଓଜନକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ମେଥି ଏକ ପ୍ରକାରର ସ୍ୱାଦିଷ୍ଟ ଶାଗ ଅଟେ ଓ ଏହାକୁ ସେବନ କରିବା ଦ୍ୱାରା ଓଜନ କମିବାରେ ସାହାଯ୍ୟ ମିଳେ। ମେଥିଶାଗରେ ଫାଇବର ରହିଛି। ଯାହା ଦ୍ୱାରା ଶରୀରକୁ ଅଧିକ କ୍ୟାଲୋରୀ ମିଳିଥାଏ ଓ ଡେରି ପର୍ଯ୍ୟନ୍ତ ଭୋକ ଲାଗେନାହିଁ। ତେଣୁ ମେଥିଶାଗ ଶୀତଦିନେ ବ୍ୟବହାର କରନ୍ତୁ।

# ଗୋରା, ଚମକଦାର ତ୍ୱଚା ପାଇଁ କଦଳୀ ଖାଆନ୍ତୁ



କଦଳୀର ସେବନ ଆମ ଶରୀର ପାଇଁ ବହୁ ଲାଭଦାୟକ ହୋଇଥାଏ। ଏଥିରେ ବହୁତ ମାତ୍ରାରେ ପୋଷକ ରହିଥାଏ । କଦଳୀ ଖାଲି ଖାଇବା ଦ୍ୱାରା ନୁହଁ ବରଂ ଏହାକୁ ଲଗାଇବା ଦ୍ୱାରା ମଧ୍ୟ ଶରୀରକୁ ଅନେକ ପ୍ରକାରର ଫାଇଦା ମିଳିଥାଏ। ଆସନ୍ତୁ ଜାଣିବା କିପରି କଦଳୀ ଦ୍ୱାରା ଆପଣ ପାଇପାରିବେ ଗୋରା ଏବଂ ଚମକଦାର ତ୍ୱଚା। ଯଦି ଆପଣଙ୍କ ତ୍ୱଚା ଶୁଷ୍କ ଏବଂ ଟାଣ ହୋଇଯାଇଛି ତେବେ ଆପଣଙ୍କ ପାଇଁ କଦଳୀ ବରଦାନ ସ୍ୱରୂପ। କଦଳୀର ପେଷ୍ଟକୁ ରାତିରେ ମୁହଁରେ ଲଗାଇ ଶୁଅନ୍ତୁ। ସକାଳେ ଉଠି ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଦେଖିବେ ଚେହେରାରେ ଚମକ ଆସିବା ସହ ତ୍ୱଚା ନରମ ହୋଇଯିବ। କଦଳୀ ପେଷ୍ଟରେ ଦୁଇ ଚାମଚ ଲେମ୍ବୁ ରସ ମିଶାଇ ତାହାକୁ ମୁହଁରେ ଲଗାନ୍ତୁ। ୨୦ ମିନିଟ ଲଗାଇ ରଖିବା ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଦେଖିବେ ମୁହଁର କଳା ଦାଗ ଦୂର ହୋଇଯିବ। ଯଦି ପ୍ରାକୃତିକ ସ୍କର୍ବ କରିବାକୁ ଚାହୁଁଛନ୍ତି ତେବେ କଦଳୀ ସ୍କର୍ବ ବହୁତ ଭଲ। ଏହା ଦ୍ୱାରା ଚେହେରାର ଖରାପ କୋଷ ବାହାରିବା ସହ ତ୍ୱଚାର ଚମକ ରହିଥାଏ। ଆଭ୍ରୋକାଡ଼ୋ ଏବଂ କଦଳୀର ମିଶ୍ରଣ କରି ତାହାକୁ ୨୦ ମିନିଟ ମୁହଁରେ ଲଗାନ୍ତୁ। ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ,ଦେଖିବେ ଅପଣଙ୍କ ଚେହେରାର କୁଞ୍ଚିତରେଖା ଠିକ ହୋଇଯିବ।

# ଶୀତଦିନେ ନିଜ ଡାଏଟ୍‌ରେ ସାମିଲ କରନ୍ତୁ ମସରୁମ୍



ମସରୁମ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭଦାୟକ ହୋଇଥାଏ। ଏଥିରେ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଛି। ମସରୁମ୍‌ରେ ଥିବା ଗୁଣ ମଧୁମେହ, କୋଲେଷ୍ଟ୍ରଲ, ବ୍ଲଡ ପ୍ରେସର ସମସ୍ୟାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ବଢାଇଥାଏ। ମସରୁମ୍ ବା ଛତୁ ଏକ ଏପରି ଶାକାହାରୀ ଖାଦ୍ୟ ଯାହା ସ୍ୱାଦିଷ୍ଟ ହେବା ସହ ଆମ ଶରୀର ପାଇଁ ଫଳପ୍ରଦ ହୋଇଥାଏ। ତେବେ ଆମିଷ ଖାଉନଥିବା ଲୋକମାନେ ଏହା ଖାଇବାକୁ ଖୁବ୍ ପସନ୍ଦ କରିଥାନ୍ତି। ବିଶେଷ କରି ଶୀତ ଦିନେ ମସରୁମ୍ ଖାଇବା ଆମ ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ। ତେଣୁ ଶୀତଦିନେ ମସରୁମକୁ ନିଜ ଡାଏଟ ଲିଷ୍ଟରେ ସାମିଲ କରନ୍ତୁ। ଯାହା ଆପଣଙ୍କୁ ଅନେକ ଫାଇଦା ଦେବ। ଶୀତଦିନେ ମସରୁମ୍ ଖାଇବା ଦ୍ୱାରା ଆପଣଙ୍କୁ କେଉଁ ସ୍ୱାସ୍ଥ୍ୟ ଉପକାର ମିଳିବ ତାହା ଆଜି ଆମେ ଆପଣଙ୍କୁ ଜଣାଇବୁ।

**ସମରୁମ୍‌ରେ ପୋଷକ ତତ୍ତ୍ୱରେ ଭରପୂର ରହିଥାଏ:** ପ୍ରୋଟିନ୍, ଭିଟାମିନ୍ ଏ, ବି, ସି, ଡି ସେଲେନିୟମ୍, ଜିଙ୍କ, ଫାଇବର, ଆମିନୋ ଏସିଡ୍ ପରି ପୁଷ୍ଟିକର ଖାଦ୍ୟ ମସରୁମ୍‌ରେ ପ୍ରଚୁର ପରିମାଣରେ ମିଳିଥାଏ। ଏହା ବ୍ୟତୀତ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-କ୍ୟାନ୍ସର, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଡିଏବେଟିକ୍ ଏବଂ ଆଣ୍ଟିଭାଇରାଲ୍ ଗୁଣ ମଧ୍ୟ ମିଳିଥାଏ ଯାହା ଆପଣଙ୍କୁ ଅନେକ ରୋଗରୁ ରକ୍ଷା କରିଥାଏ।

**ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ:** ଶୀତଦିନେ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବହୁତ କମ ହୋଇଯାଏ। ତେଣୁ ଏହାକୁ ବଢାଇବାକୁ ହେଲେ ଆପଣଙ୍କୁ ଖାଦ୍ୟରେ ମସରୁମ୍ ସାମିଲ କରିବା ନିହାତି ଜରୁରୀ। ଭିଟାମିନ୍ ଏ, ବି,ସି ବ୍ୟତୀତ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ମସରୁମ୍‌ରେ ମିଳିଥାଏ ଯାହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ।

**ହାର୍ଟକୁ ଭଲ ରଖିଥାଏ:** ମସରୁମ୍‌ରେ ଫାଇବର, ପୋଟାସିୟମ୍, ଭିଟାମିନ୍ 'ସି' ମିଳିଥାଏ ଯାହା ବ୍ଲଡ ପ୍ରେସରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ବିଟ୍ ଗ୍ଲୁଟେନ୍ ନାମକ ଏକ ତତ୍ତ୍ୱ ଏଥିରେ ମିଳିଥାଏ ଯାହା କୋଲେଷ୍ଟ୍ରୋଲ୍ କମ୍ କରିବାରେ ସାହାଯ୍ୟ କରିଥାଏ। ଯେଉଁଥିପାଇଁ ଆପଣଙ୍କ ହାର୍ଟ ସୁସ୍ଥ ରହିଥାଏ।

**ହାଡକୁ ମଜ୍‌ବୁତ କରିଥାଏ:** ଯଦି ଆପଣଙ୍କର ଗଣ୍ଠିରେ ବହୁତ ଯନ୍ତ୍ରଣା ହେଉଛି କିମ୍ବା ଯଦି ଆପଣଙ୍କର ହାଡରେ ବହୁତ କଷ୍ଟ ହୁଏ। ତେବେ ଆପଣଙ୍କୁ ମସରୁମ୍ ଖାଇବା ଆବଶ୍ୟକ। ମସରୁମ୍‌ରେ କ୍ୟାଲସିୟମ୍ ଏବଂ ଭିଟାମିନ୍ 'ଡି' ପ୍ରଚୁର ପରିମାଣରେ ମିଳିଥାଏ। ଯାହା ଆପଣଙ୍କର ହାଡକୁ ମଜ୍‌ବୁତ କରିବାରେ ସାହାଯ୍ୟ କରେ।

**ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ:** ସୂଚନା ମୁତାବକ, ମସରୁମ୍‌ରେ ଆଣ୍ଟିଡିଏବେଟିକ୍ ଗୁଣ ମିଳିଥାଏ ଯାହା ଆପଣଙ୍କ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

**ଓଜନ କମ୍ କରିବାରେ ସାହାର୍ଯ୍ୟ କରେ:** ମସରୁମ୍‌ରେ ଫାଇବର ବ୍ୟତୀତ ପଲିସାକାରାଇଡ୍, ପଲିଫେନୋଲ୍, ଫ୍ଲାଭୋନାଏଡ୍ ପରି ଅନେକ ଜିନିଷ ମିଳିଥାଏ। ଯାହା ଓଜନ କମ୍ କରିବା ସହିତ ଆପଣଙ୍କ ହାର୍ଟକୁ ମଧ୍ୟ ଠିକ୍ ରଖେ।

## ନୂଆବର୍ଷରେ ଭକ୍ତଙ୍କୁ ସେବା ଯୋଗାଇଲା ହାପିନେସ ଫାଉଣ୍ଡେସନ

**ପୁରୀ,୨।୧ (ସଂଚାର ବ୍ୟୁରୋ):** ଶ୍ରୀକ୍ଷେତ୍ରରେ ନୂଆବର୍ଷ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଦୂର ଦୂରାନ୍ତରୁ ଆସିଥିବା ଭକ୍ତ ବ୍ୟାରିକେଡ ଭିତରେ ଯାଉଥିଲେ। ଏହି ଭକ୍ତ ମାନଙ୍କୁ ହାପିନେସ ଫାଉଣ୍ଡେସନ ପକ୍ଷରୁ ଭୁଜି, ଲାଣ୍ଡିବଗୁଲି ଓ ମିଶିରି ପାଣି ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ଶହରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସର୍ବତ ବଣ୍ଟନ କାର୍ଯ୍ୟ କରିଥିଲେ। ୫ଟି ଷ୍ଟଲ କରାଯାଇ ଏହି ସର୍ବତ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଶମ୍ଭୁ ମହାନ୍ତି, ସଂଯୋଜକ ନରେଶ ଚନ୍ଦ୍ର ପାଲ୍, ଟି. ମନୋଜ କୁମାର ପ୍ରଧାନ, ନଳିନୀକାନ୍ତ ମିଶ୍ର, ସଞ୍ଜୋଜିକା ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ଚିନ୍ମୟୀ ଲେଙ୍କା, ରୋଜାଲିନ ସାହୁ, ଆରତୀ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ଓ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା ପହଞ୍ଚି ସ୍ୱେଚ୍ଛାସେବୀ ମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହିତ ସେବା କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ।

# ବୈଶିଙ୍ଗା ମହୋତ୍ସବ ଉଦ୍‌ଘାଟିତ

**ବୈଶିଙ୍ଗା,୨।୧ (ସଂଚାର ବ୍ୟୁରୋ):** ବୈଶିଙ୍ଗାର ମାଟି ହେଉଛି କଳା ସଂସ୍କୃତିର ମାଟି ଯାହା ସାରା ଓଡିଶାରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଆଉ ଏହାକୁ ଜୀବନ୍ତ ରଖିବା ପାଇଁ ବୈଶିଙ୍ଗା ମହୋତ୍ସବ ଏକ ନିଆରା ପ୍ରୟାସ ତଥା ଏହି ମହୋତ୍ସବ ଏହି ଅଞ୍ଚଳ ମାଟିର କଥା କୁହେ ବୋଲି ଆଜିର ୪ର୍ଥ ବାର୍ଷିକ ବୈଶିଙ୍ଗା ମହୋତ୍ସବ ଉଦଘାଟନ ଉତ୍ସବରେ ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି।

ବୈଶିଙ୍ଗା ମହୋତ୍ସବ-୨୦୨୩, ୨୪ ଓ ୨୫ର ସଫଳତା ପରେ ଚଳିତ ବର୍ଷ ଆରମ୍ଭରେ ଜାନୁଆରୀ ୨ତାରିଖରୁ ବୈଶିଙ୍ଗା ମହୋତ୍ସବ-୨୦୨୬ ଆରମ୍ଭ ହୋଇ ୭ ତାରିଖ ଉଦଯାପିତ ହେବାର ସ୍ଥିରିକୃତ ହୋଇଛି। ଆଜିର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ବୈଶିଙ୍ଗା ମାଟିର ବରପୁତ୍ର ଶ୍ରୀଯୁକ୍ତ କ୍ଷେତ୍ରମୋହନ ପଣ୍ଡା ଯୋଗ ଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।



ମହୋତ୍ସବ କମିଟିର ସଂଯୋଜକ ଦୀପକ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ସମାଜସେବା କ୍ଷେତ୍ରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶ୍ରୀମାନ ଦେବେନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଭଞ୍ଜ ମାଟିର କଳା ସଂସ୍କୃତିକୁ ବଖାଣିବା ସହିତ ବୈଶିଙ୍ଗାର ଐତିହ ଓ ମହୋତ୍ସବ କମିଟୀର ଚିନ୍ତାଧାରାକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଃ ପ୍ରକାଶ ଚନ୍ଦ୍ର ମହାପାତ୍ର, ପ୍ରତିଷ୍ଠିତା ତ୍ରିପାଠୀ ପ୍ରମୁଖ ମଞ୍ଚାସିନ ହୋଇ ତାଙ୍କର ବହୁ ତାତ୍ପର୍ଯ୍ୟପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ ।

ମହୋତ୍ସବ କମିଟିର ପୂର୍ବତନ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ମହୋତ୍ସବର ସ୍ଥାନ ମହୁରୀ ଉଡାପଡିଆ ସ୍ଥାନ ପାଇ ଥିବାରୁ ଏହି ଗ୍ରାମବାସୀଙ୍କ ସମେତ ବୈଶିଙ୍ଗା ଅଞ୍ଚଳର ସମସ୍ତଙ୍କୁ ନବବର୍ଷର ଶୁଭ କାମନା ଜଣାଇଥିଲେ। ଶେଷରେ ଜୟନ୍ତ କୁମାର ପ୍ରଧାନ ଗତ ବର୍ଷର ସଫଳତାକୁ ପାଥେୟ କରି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ତେବେ ଆଜି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଯଜିଉଡ ଜଗତର ପ୍ରସିଦ୍ଧ କଣ୍ଠଶିଳ୍ପୀ ଡି. କ୍ରିଷ୍ଣା ଓ ଉପସ୍ଥାପିକା ରଶ୍ମୀ । ପରେ ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଯୁବ କୁଲୁତା ସମାଜର ପରିବେଶ ସୁରକ୍ଷା

**ବଲାଙ୍ଗିର,୨।୧ (ସଂଚାର ବ୍ୟୁରୋ):** ନୂତନ ବର୍ଷ ଅବସରରେ ସମସ୍ତେ ନିଜ ପରିବାର, ସାଙ୍ଗ ସାଥୀଙ୍କ ଗହଣରେ ଆନନ୍ଦ ଉଲ୍ଲାସରେ ମସଗୁଲ ରହିଥାନ୍ତି। ଠିକ୍ ଏତିକି ବେଳେ କିଛି ଯୁବକ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ସଂଗଠନ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଲୋଇସିଂହା ବ୍ଲକ ଉଚ୍ଛବପାଲି ଗ୍ରାମ ୟୁ.ପି. ସ୍କୁଲ ଓ ଗ୍ରାମ ବନ୍ଧଆଡିରେ ୩୦ଟି ଗଛ ଲଗାଯାଇଛି। ଏହି ଅବସରରେ ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ କୈଳାସ ବରିହା ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା କରିବା, ଜଙ୍ଗଲରେ ନିଆଁ ନ ଲଗାଇବା, ମୃତିକା ସଂରକ୍ଷଣ, ଜଳ ସଂରକ୍ଷଣ କରିବା ପାଇଁ ସମାଜସେବୀ ଅସୀମ ଭୋଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ସଂଗଠନ ର ଉପଦେଷ୍ଟା ବଶିଷ୍ଟ ପ୍ରଧାନ, କୋଷାଧ୍ୟକ୍ଷ ଆକାଶ ବିଶ୍ୱାଲ, ଜିଲ୍ଲା ସଦସ୍ୟ ବୃନ୍ଦାବନ ବେହେରା, ଧବଳେଶ୍ୱର ବେହେରା, ରୁନା ପାତ୍ର, ଗୋବର୍ଦ୍ଧନ ବେହେରା, ରଞ୍ଜିତ ପାତ୍ର, ପୁରନ ପାତ୍ର, ତପନ ପାତ୍ର, ରଞ୍ଜନ ପାତ୍ର, ନିତ୍ୟାନନ୍ଦ ବେହେରା ଓ ଜଙ୍ଗଲ ବିଭାଗର ମୁନା ଗଡ଼ତ୍ୟା ସହଯୋଗ କରିଥିଲେ।

ପ୍ରକାଶ ଥାଉକି, ନୂତନ ବର୍ଷ ଅବସରରେ ପରିବେଶ ପ୍ରେମୀ ଅସୀମ ଭୋଇ ନିଜ ଖର୍ଚ୍ଚରେ ପୃଥ୍ୱୀରାଜ ହାଇସ୍କୁଲ ପଡ଼ିଆରେ ଗଛ ଲଗାଇଛନ୍ତି। ଏହି ଅବସରରେ ଯୁବ କୁଲୁତା ସମାଜର ସକ୍ରିୟ ସଦସ୍ୟ ବୃନ୍ଦାବନ ବେହେରା ଉଚ୍ଛବପାଲି ଗ୍ରାମରୁ ଆସି ଶ୍ରୀ ଭୋଇଙ୍କ ଉପସ୍ଥିତିରେ ଭୀମଭୋଇ ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି।

# ଫୁଲବାଣୀରେ ନବବର୍ଷ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ

**ଫୁଲବାଣୀ,୨।୧ (ସଂଚାର ବ୍ୟୁରୋ):** ଅବସରରେ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ରେ"ସାମାଜିକ ସୁସ୍ଥତାରେ ନାଗରିକ ଦାୟିତ୍ୱ" ଶୀର୍ଷକ ଆଲୋଚନା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢୀ ଚିକିତ୍ସାଳୟ ପରିସରରେ ପେପର୍ କପ୍ ବ୍ୟବହାର ନିଷିଦ୍ଧ ସହ ମାଟି କପ୍ ବ୍ୟବହାର ଆରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ଏପରି ସମାଜ ହିତକର କାର୍ଯ୍ୟର ଦୃଢ଼ ପ୍ରଶଂସା କରିଥିଲେ।ଶେଷରେ ସେଠାରେ ସ୍ଥାପିତ ଅଖଣ୍ଡ ଦୀପ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା ଆୟୋଜିତ ହୋଇଥିଲା।



ସେହିପରି ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ଠାରେ ସନ୍ଧ୍ୟାରେ ଜିଲ୍ଲା ଲେଖକ ସାମ୍ମୁଖ୍ୟ ସହ ମିଳିତ ପ୍ରୟାସରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ଆବାହନ ସହ ସ୍ୱରଚିତ କବିତା ପାଠ ଏବଂ ଜନ ସଚେତନତା ପାଇଁ ଖାଦ୍ୟରେ ଅପମିଶ୍ରଣର ଖରାପ ପ୍ରଭାବ ସଂପର୍କରେ ଆଲୋଚନା ଓ ଭବିଷ୍ୟତ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିଜୟକୃଷ୍ଣ ପଟ୍ଟନାୟକ, ଲେଖକ ସାମ୍ମୁଖ୍ୟ ସଭାପତି ରବିନ୍ଦ୍ରନାଥ ମିଶ୍ର, ମୁଖ୍ୟ ଅତିଥି ପ୍ରଶାସକ ପ୍ରବୀଣ କୁମାର ବାଣୁଆଙ୍କ ସମେତ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ବହୁ ସଂଖ୍ୟାରେ କବି ଯୋଗଦେଇ ସାମାଜିକ ସଚେତନତା ନିମନ୍ତେ ସାହିତ୍ୟର ପ୍ରତିବଦ୍ଧତା ସଂପର୍କରେ ଆଲୋଚନା କରିଥିଲେ। ଅଧାପିକା ହରପ୍ରିୟା ମିଶ୍ର ଓ ଶିବ ସୁନ୍ଦର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପ୍ରବଳ ଶୀତ ସତ୍ତ୍ୱେ ବହୁ ସଂଖ୍ୟାରେ ଉପସ୍ଥିତ ସାହିତ୍ୟ ମନସ୍କ ବ୍ୟକ୍ତିଙ୍କ ଉପସ୍ଥିତିରେ ନିଆଁ ପୁଆଁ ସହ ରାତ୍ରି ଭୋଜନ ଏକ ନିଆରା ଅନୁଭବ ଆଣିଥିଲା। ଆୟୋଜନରେ ଉଭୟ ଅନୁଷ୍ଠାନର ସମ୍ପାଦକ ଶରତ ସାହୁ ଓ ପ୍ରସନ୍ନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ସଫଳତାର ସହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

## ଜାନୁୟାରୀ ୪ ରୁ ୧୩ ଭୋଳାନାଥ ସ୍କୁଲରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

**ପୁରୀ,୨।୧ (ସଂଚାର ବ୍ୟୁରୋ):** ଚଳିତବର୍ଷ ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଜାନୁୟାରୀ ୪ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପି ଏହି ପୁସ୍ତକ ମେଳା ଶରଧାବାଲି ପରିବର୍ତେ ଭୋଳାନାଥ ବିଦ୍ୟାପୀଠ ପରିସରରେ ଆୟୋଜିତ ହେବ। ଏ ସମ୍ପର୍କରେ ଶୁକ୍ରବାର ଅପରାହ୍ନରେ ଜିଲ୍ଲାସ୍କୁଲ ସମ୍ମୁଖ ଓଡ଼ିଶା ସଙ୍ଗୀତ ଏକାଡ଼େମୀ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁସ୍ତକ ମେଳା ଦିନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଚଳିତବର୍ଷ ଦିଲ୍ଲୀରୁ ୫୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଯୋଗଦେବେ। ପ୍ରାୟ ୧୨୦ଟି ବୁକ ଷ୍ଟଲ ଖୋଲିବ। ସାଂସ୍କୃତିକ ମଞ୍ଚରେ ନୃତ୍ୟ, ଭକ୍ତି ସଙ୍ଗୀତ, ସାହିତ୍ୟ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବ।ଏହି ଅବସରରେ ଗବେଷଣା ପାଇଁ ଗୌରାଙ୍ଗ ଚରଣ ପରିଡ଼ା, ସାହିତ୍ୟ କ୍ଷେତ୍ରରେ ପବିତ୍ର ମୋହନ ଦାଶ, ପ୍ରକାଶକ କ୍ଷେତ୍ରରେ ଗୀତାଞ୍ଜଳି ପବ୍ଲିକେଶନ କଟକଙ୍କୁ ପୁସ୍ତକ ମେଳା ସମ୍ମାନ ପ୍ରଦାନ କରାଯିବ।

## ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ନେଇ ସଫେଇ ଓ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ାର,୨।୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ବନ ବିଭାଗ ପକ୍ଷରୁ ପରିବେଶ ସୁରକ୍ଷା ଓ ଆଇନ ସଚେତନତା ପାଇଁ ଓ ଏକକ-ବ୍ୟବହାର ପ୍ଲାଷ୍ଟିକମୁକ୍ତ ଜିଲ୍ଲା ଗଠନ ନେଇ ସଫେଇ କାର୍ଯ୍ୟ ସହ ବାଲ୍ୟବିବାହମୁକ୍ତ ଭାରତ ଏବଂ ନିଶାମୁକ୍ତ ଭାରତ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଆଜି ଖଡିଆଳ ସ୍ଥିତ ଯୋଗୀମଠ ଏବଂ ରିଷିପିଠ ପର୍ଯ୍ୟଟନସ୍ଥଳିରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ର ଉଦଘୋଷଣାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ବିଭାଗ, ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଏବଂ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ। ପର୍ଯ୍ୟଟନ ସ୍ଥଳୀରେ ପଡ଼ିଥିବା ଅଳିଆ ଆବର୍ଜନାକୁ ଏକାଠି କରି ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନରେ ସହାୟକ ହେବା ସହିତ ଭାରତକୁ ବାଲ୍ୟବିବାହ ଓ ନିଶାମୁକ୍ତ କରିବାକୁ ପ୍ରାଧିକରଣ ସଚିବ ନବନୀତା ଦାଶ ଆହ୍ୱାନ ଦେଇଥିଲେ। ସଭାରେ ଖଡ଼ିଆଳ ତାଲୁକ ଆଇନ ସେବା କମିଟି ବରିଷ୍ଠ ଦେୱାନୀ ବିଚାରପତି ଇଶା ପତି, ଖଡିଆଳ ଡିଏଫଓ ଅଜିଜ ଖାନ, ଖଡ଼ିଆଳ ଏନ୍.ଏ.ସି ଅଧ୍ୟକ୍ଷ ସ୍ୱାଧୀନ କେତନ ମହାରଣା, ପିଇଓ କମଳିନୀ ବାଗ, ଖଡ଼ିଆଳ ଓକିଲ ସଂଘ ସଭାପତି ପ୍ରତାପ କିଶୋର ଜଗତ, ସଚିବ ସଂକର୍ଷଣ ପଣ୍ଡା, ୟାର୍ ସଂଗଠନର ପ୍ରତିଷ୍ଠାତା ମହେନ୍ଦ୍ର ଯୋଶୀ, ମିରର୍ ସଂଗଠନର ପ୍ରତିଷ୍ଠାତା କାର୍ତିକ ବାଗ, ମହିଳା ଡିଗ୍ରୀ କଲେଜ ଅଧାପକ ତଥା ପ୍ରାଧିକରଣର ଅଧିକାର ମିତ୍ର ଘନଶ୍ୟାମ ଶଗରିଆ, ପବିତ୍ର ଡୋଙ୍ଗରାଜ, ପ୍ରତିଭା ପାଣିଗ୍ରାହୀ, ତପସ୍ୱିନୀ ରଣା, ସୁଷମା ଗହିର, ରାଜେଶ ପୋଢ଼, କ୍ଷୀରସିନ୍ଧୁ ତାଣ୍ଡି, ବୋଧିସତ୍ୱ ବାଗ, ଇନ୍ଦୁମତି ସାଗର, ଦ୍ରୌପଦୀ ସଗରିଆ, ନିରଞ୍ଜନ ନାଗଙ୍କ ସମେତ ବହୁ ସ୍ୱେଚ୍ଛାସେବୀ, ଅନ୍ୟାନ୍ୟ ଓକିଲଗଣ ଓ ପ୍ରାଧିକରଣର ଅଧିକାରମିତ୍ରଗଣ ଯୋଗ ଦେଇଥିଲେ। ପ୍ରାୟ ୩୫୦ କିଲୋ ପ୍ଲାଷ୍ଟିକ୍ ଆବର୍ଜନା ଉକ୍ତ ପର୍ଯ୍ୟଟନସ୍ଥଳୀରୁ ଉଠା ହୋଇଥିଲା।

## ଡକ୍ଟର ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧଦିବସ ପାଳନ



**ଧାମନଗର,୨।୧ (ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ,ନବ ଉତ୍କଳର ନିର୍ମାତା,ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୩୯ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଧାମନଗର ସ୍ଥିତ ମହତାବ ସେବାସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ପ୍ରାରମ୍ଭରେ ସେବାସଦନ ପରିସରରେ ଥିବା ଡକ୍ଟର ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରାଯାଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମହତାବ ସେବାସଦନର ପରିଚାଳକ ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବରିଷ୍ଠ ନାଗରିକ ପରିଷଦର ସଭାପତି ସାମ୍ବାଦିକ ଅନିଲ କୁମାର ବାରିକ,ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା,ଶିକ୍ଷା ବିତ୍ ରସାନନ୍ଦ ମହାପାତ୍ର,କୃଷ୍ଣ ଚନ୍ଦ୍ର ଜେନା,ସେକ ଜାଫର ଅଲ୍ଲୀ,ରଜତ ପଣ୍ଡା,ଦୁର୍ଗାପ୍ରସାଦ ମହାପାତ୍ର,ସରୋଜ କୁମାର ସେଠୀ,ଗୋଲାମ ଜିଲାନି ହବିବି,ଆଇନଜୀବୀ ଅମରେନ୍ଦ୍ର ମହାନ୍ତି,ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ,ଧାମନଗର ୟୁକୋ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରଭାତ କୁମାର ମହାନ୍ତି,ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ,ହୃଦାନନ୍ଦ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସ୍ୱଦେଶୀ ମହୋତ୍ସବ 'ମେଘାସନୀ' ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

**ବାରିପଦା,୨।୧ (ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ସ୍ୱଦେଶୀ ମହୋତ୍ସବ "ମେଘାସନୀ" ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଫେବୃଆରୀ ମାସ ୧ ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଏହାକୁ ଆୟୋଜନ କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି । ଓରମାସ୍ ତଥା ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ପକ୍ଷରୁ ଆୟୋଜନ ହେବାକୁ ଥିବା ଏହି ମେଳାରେ ୨୫୦ଟି ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ଖୋଲିବାକୁ ଯୋଜନା ହୋଇଛି । ସେହିପରି ଏହି ଉତ୍ସବ ଅବସରରେ ଶିମିଳିପାଳକୁ ମଣିଷକୃତ ନିଆଁ ଦାଉରୁ ରକ୍ଷା କରିବା ବାର୍ତ୍ତା ପ୍ରଚାର ପାଇଁ ଏକ ହାଫ୍ ମାରାଥନ୍ ଓ ଶିମିଳିପାଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ ।



ମେଳାରେ "ଏକ ଜିଲ୍ଲା ଏକ ଉତ୍ପାଦ" କୁ ପ୍ରୋତ୍ସାହନ କରିବା ପାଇଁ ଆଇଟିଆଇ ଓ ପଲିଟେକନିକ୍ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ୱଦେଶୀ ଉତ୍ପାଦ ଉପରେ ନମୁନା ପ୍ରଦର୍ଶନ ହେବା ସହ ଉଦ୍ୟମିତା ବୃଦ୍ଧି ଉପରେ କର୍ମଶାଳା ଆୟୋଜନ ହେବ । ଏହି କ୍ରମରେ ସବାଇ ଘାସର ବିଭିନ୍ନ ଉତ୍ପାଦ, ବିର୍ଲା ଟାୟାର୍ସଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ରବର ଉତ୍ପାଦକୁ ବ୍ୟବହାର ଟାୟାର ପ୍ରସ୍ତୁତ ସମ୍ପର୍କିତ ପ୍ରଦର୍ଶନୀ ଷ୍ଟଲ ରହିବ ବିଶେଷ ଆକର୍ଷଣ । ଏହାସହ ରେଶମ୍ ଉତ୍ପାଦ ସମ୍ପର୍କିତ ସ୍ୱତନ୍ତ୍ର ଷ୍ଟୋଲ୍ ମଧ ପ୍ରଦର୍ଶନ ହେବ । ସେହିପରି ଶିମିଳିପାଳ ଜୈବମଣ୍ଡଳ ଆଧାରିତ ସ୍ୱତନ୍ତ୍ର ଷ୍ଟୋଲ୍ ମଧ ରହିଛି । ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଜନଜାତି ଅଧ୍ୟୟନ ଓ ସାନ୍ତାଳୀ ବିଭାଗ ତରଫରୁ ଆଦିବାସୀ ସଂଗ୍ରହାଳୟ ଷ୍ଟଲ୍ ଏଥିରେ ସ୍ଥାନୀତ ହେବ । ମେଳାରେ ସୁଭଦ୍ରା ଶକ୍ତି ସମ୍ପର୍କିତ ଷ୍ଟୋଲ ଗୁଡ଼ିକ ସ୍ଥାନୀତ ହେବ । ଏହା ମହିଳା ଶକ୍ତି ଓ ଆତ୍ମନିର୍ଭରଶୀଳତା ସମ୍ପର୍କରେ କାହାଣୀ ବଖାଣିବ । ଏଥିରେ ଲକ୍ଷପତି ଦିଦି ଆସି ନିଜର ଅଭିଜ୍ଞତା ବାଣ୍ଟିବେ । ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ମାର୍କେଟିଂ ପାଇଁ ମଧ କର୍ମଶାଳା ଆୟୋଜନ ହେବ । ସେହିପରି ବିଭିନ୍ନ ପୁସ୍ତକ ଷ୍ଟୋଲ୍ ମଧ ପ୍ରଦର୍ଶନ ହେବ ।

## ଓଡ଼ିଆ ନବବର୍ଷ ପାଳନ କରିବା ପାଇଁ ଉତ୍କଳ ବିଦ୍ୟୁତ୍ ପରିଷଦର ନିବେଦନ

**ପୁରୀ,୨।୧ (ସଂଚାର ବ୍ୟୁରୋ):** ଶ୍ରୀକ୍ଷେତ୍ରର ଅଗ୍ରଣୀ ଧାର୍ମିକ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ବିଦ୍ୟୁତ୍ ପରିଷଦ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ କରିବା ପାଇଁ ଅନୁରୋଧ କରିଛନ୍ତି। ନୂଆବର୍ଷ ଉପଲକ୍ଷେ ଲକ୍ଷାଧିକ ଭକ୍ତ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବ୍ୟାରିକେଡ ଭିତରେ ଯାଉଥିଲେ। ସିଂହଦ୍ୱାର ଠାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଇଂରାଜୀ ଜାନୁଆରୀ ୧ ତାରିଖ ନୂଆବର୍ଷ ପାଳନ ନକରି ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ନବବର୍ଷ ପାଳନ କରିବା ପାଇଁ ସଚେତନତା ବାର୍ତା ଉତ୍କଳ ବିଦ୍ୟୁତ୍ ପରିଷଦ ପରାମର୍ଶ ଦେଇଥିଲା। ଓଡ଼ିଆ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦାରେ ରାଷ୍ଟ୍ରୀୟ ନବବର୍ଷ ପାଳନ ସହ ଧାର୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଅନୁଷ୍ଠାନର ସଦସ୍ୟମାନେ ସଚେତନ କରିଥିଲେ। ପଣା ସଂକ୍ରାନ୍ତିକୁ ଧୁମ ଧାମର ସହ ପାଳନ କରିବା ପାଇଁ ଉତ୍କଳ ବିଦ୍ୟୁତ୍ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ରଥ ଅନୁରୋଧ କରିଥିଲେ। ଏହି ଅବସରରେ ଗରିବ ଅସହାୟ ଲୋକମାନଙ୍କୁ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳ ବଣ୍ଟନ କରାଯାଇଥିଲା।

## ଶଢ଼ ନୃତ୍ୟ ଆଦି ଗୁରୁ ଭଜମନ ଦାସ କଳା ପରିଷଦ ଉଦ୍‌ଘାଟିତ

**ବଲାଙ୍ଗୀର,୨।୧ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ସାଲେଭଟା ନିକଟସ୍ଥ ଐତିହାସିକ ଗାଁ କୁଟାସିଂହା ଠାରେ ଶଢ଼ ନୃତ୍ୟର ଆଦି ଗୁରୁ ଭଜମନ ଦାସ କଳା ପରିଷଦ ଉଦଘାଟିତ ହୋଇଯାଇଛି, ସ୍ୱାଗତ ଭାଷଣ ଦେଇଥିଲେ ଆନନ୍ଦ ଚନ୍ଦ୍ର ପଶାୟତ, ସୁରେଶ ଚନ୍ଦ୍ର ଦାସ ଦ୍ୱୀପ ପ୍ରଜ୍ୱଳନ ଏବଂ ମନ୍ତ୍ର ପାଠ କରିଥିଲେ, ଆବାହକ ସରୋଜ କୁମାର ଦାସଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ଏବଂ ସଭାପତିତ୍ୱରେ ମୁଖ୍ୟ ଅତିଥି ସରପଞ୍ଚ ଡିଗ୍ରୀ ମେହେର, ମୁଖ୍ୟ ବକ୍ତା ସମିତି ସଭ୍ୟ ପ୍ରକାଶ ବେହେରା, ସମ୍ମାନୀତ ଅତିଥି ନିମାଇଁ ଚରଣ ଦାସ, ତପସ୍ୱିନୀ ଦାସ ପ୍ରମୁଖ ଯୋଗଦାନ କରି ଐତିହାସିକ ଗାଁ କୁଟାସିଂହା ମାଟିର ମହାପୁରୁଷ ଗୁରୁ ଭଜମନ ଦାସଙ୍କ ପାଇଁ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ସମ୍ପତି ଶାସ୍ତ୍ରୀୟ ଶଢନୃତ୍ୟର ପ୍ରଚାର ହେଇଛି ଏବଂ କୁଟାସିଂହା ଗାଁ ସ୍ୱତନ୍ତ୍ର ପରିଚୟ ଲାଭ କରିଛି, ଗୁରୁ ଭଜମନ ଦାସଙ୍କ ସ୍ମୃତିରେ ଅନେକ ପଦକ୍ଷେପ ନିଆଯିବାକୁ ନିଷ୍ପତି ନିଆଯାଇଥିଲା, ଏହି ଅବସରରେ ନୂତନ ବର୍ଷ ଉପଲକ୍ଷେ ତୁଳସୀ ରାମାୟଣ ସାତକାଣ୍ଡ ପରିବେଷଣ ହୋଇଥିଲା, ପବିତ୍ର ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ, ସମସ୍ତ ଆୟୋଜନରେ ଦୁଃଖିଶ୍ୟାମ ଦାସ, ନନ୍ଦ ଲାଲ ଦାସ, ବୃନ୍ଦାବନ ପୁରୋହିତ, ଅନିରୁଦ୍ଧ ପାତ୍ର, ବରୁଣ ବଗର୍ତୀ, ସୁବାଷ ସାହୁ, ରାଧେଶ୍ୟାମ ମେହେର, ମୂରଲୀଧର ସେଠୀ, ପ୍ରଦୀପ ପାତ୍ର, ଧର୍ମେନ୍ଦ୍ର ସେଠୀ, ଅରକ୍ଷିତ ବେହେରା, କ୍ଷୀର ପାତ୍ର, ବେଦବର ପାତ୍ର, ହଳଧର ପାତ୍ର, ଗଗନ ବେହେରା, ନିରଞ୍ଜନ ଦେହେରୀ ପ୍ରମୁଖ ସହଯୋଗ କରିଥିଲେ

## ସାନଘାଗରାକୁ ପ୍ଲାଷ୍ଟିକ୍-ମୁକ୍ତ କରିବାକୁ ସଚେତନତା ଅଭିଯାନ

**କେନ୍ଦୁଝର,୨।୧ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବନ ବିଭାଗର ସହଯୋଗିତାରେ ଟାଟା ଷ୍ଟିଲ୍ ପକ୍ଷରୁ ନିକଟସ୍ଥ ସାନଘାଗରା ପିକନିକ୍ ସ୍ପଟରେ ଏକ ବିଶାଳ ପରିବେଶ ସଚେତନତା ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ସାନଘାଗରାକୁ ପ୍ଲାଷ୍ଟିକ୍ ମୁକ୍ତ ପିକନିକ୍ ସ୍ଥଳୀରେ ପରିଣତ କରିବା ଉଦ୍ଦେଶ୍ୟରେ ଏକ ସପ୍ତାହରୁ ଅଧିକ ଧରି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ୭,୦୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। କେନ୍ଦୁଝର, କଟକ, ଭୁବନେଶ୍ୱର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଗଞ୍ଜାମ, ପୁରୀ, ଅନୁଗୁଳ, ଯାଜପୁର, ଖୋର୍ଦ୍ଧା, ତାଳଚେର, ଜଗତସିଂହପୁର ସହିତ କୋଲକାତା ଓ ପଶ୍ଚିମବଙ୍ଗର ହୁଗଳୀ ଜିଲ୍ଲାରୁ ମଧ ଆସିଥିବା ପର୍ଯ୍ୟଟକ ମାନେ ଏଥିରେ ସାମିଲ ହୋଇଥିଲେ। ବିଭିନ୍ନ ବର୍ଗର ଲୋକମାନେ ପରିବେଶ ସୁରକ୍ଷା ପ୍ରତି ସାଧାରଣ ଦାୟିତ୍ୱବୋଧ ମନୋଭାବ ନେଇ କାର୍ଯ୍ୟ କରିଥିଲେ। ଖ୍ରୀଷ୍ଟମାସ ଓ ନୂଆବର୍ଷ ପୂର୍ବରୁ ଏହି ଅଭିଯାନ ଆୟୋଜନ କରାଯାଇ, ପର୍ଯ୍ୟଟକ ଓ ଭ୍ରମଣକାରୀମାନଙ୍କୁ ପରିବେଶ ସଫା ରଖିବା ପାଇଁ ପ୍ରେରିତ କରାଯାଇଥିଲା।

ସଚେତନତା କାର୍ଯ୍ୟକ୍ରମର ଅଂଶ ଭାବେ ପରିବେଶ, ବନ୍ୟପ୍ରାଣୀ ଓ ପ୍ରାକୃତିକ ପରିସ୍ଥିତି ଉପରେ ପ୍ଲାଷ୍ଟିକ୍‌ର କୁପ୍ରଭାବ ସମ୍ପର୍କରେ ସୂଚନା ଥିବା ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଏଥିସହ ଗୋଟିଏ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଏକ ବ୍ୟାନର ଲଗାଯାଇଥିଲା। ଅଂଶଗ୍ରହଣକାରୀମାନେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଏବଂ ସାନଘାଗରା ପିକନିକ୍ ସ୍ଥଳୀକୁ ସଫା ଓ ସ୍ୱଚ୍ଛ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ।

**କୋରାପୁଟ ଜିଲ୍ଲାରେ ଶୁଭୁନି ହଳିଆ ଗୀତ, ପଡୁନି ଧାନ ବେଙ୍ଗଳା**

## ଏବେ ମେସିନ କରୁଛି ଧାନ ଅମଳ

**ଜୟପୁର,୨।୧ (ସଂଚାର ବ୍ୟୁରୋ):** କୃଷି ପ୍ରଧାନ କୋରାପୁଟ ଜିଲ୍ଲାରେ ପୂର୍ବରୁ ବର୍ଷର ଅଧିକାଂଶ ସମୟ ଚାଷ ଜମିରେ କୃଷକ ଓ କୃଷି ଶ୍ରମିକମାନେ ସମୟ ଦେଉଥିଲେ। ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତି ଠାରୁ ଆରମ୍ଭ କରି ରୁଆ, ବୁଣା, ଧାନ ବଛା, ଶେଷରେ ଧାନ କଟା ଓ ଅମଳ ପର୍ଯ୍ୟନ୍ତ ଚାଷୀ ଓ କୃଷି ଶ୍ରମିକ ମାନେ ନିୟୋଜିତ ରହୁଥିଲେ। କ୍ଷେତରୁ ବର୍ଷକର ରୋଜଗାର ପାଉଥିବା ଚାଷୀ ପୂର୍ବରୁ ପାରମ୍ପରିକ ପଦ୍ଧତିକୁ ଆପଣାଉଥିଲେ।



ଜମିରେ ହଳ, ବଳଦ ଠାରୁ ଆରମ୍ଭ କରି ଜମି ଚାଷ ପାଇଁ ଲଙ୍ଗଳ, ମହି ଆଦି ବ୍ୟବହାର କରୁଥିଲେ। ଏଥିପାଇଁ ରାଜ୍ୟରେ ବଳଦ ବହୁଳ ବ୍ୟବହାର ହେଉଥିଲା। ଏବେ କିନ୍ତୁ ସମୟ ବଦଳିଛି। ପାରମ୍ପରିକ ଚାଷରୁ ମୁହଁ ଫେରାଇ ଏବେ ଯନ୍ତ୍ରପାତି ଉପରେ ଅଧିକ ନିର୍ଭରଶୀଳ ହେଲେଣି ଚାଷୀ। ଫଳରେ ହଳ ବଳଦର ଆଉ ବହୁଳ ବ୍ୟବହାର ଦେଖିବାକୁ ମିଳୁନି। ଚାଷ ଜମିରେ ମଧ କୃଷି ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ କମିଗଲାଣି। ଆଉ ଧାନ ଅମଳ ପାଇଁ ଗାଁ ଗାଁରେ ବେଙ୍ଗଳା ପଡୁନି। ଗୋରୁ ମାନଙ୍କୁ ନେଇ ଧାନ ମଳା ଯାଉନି। ମେସିନରେ ଧାନ ଅମଳ ହେଉଛି। ଧାନ ଅମଳ ପରେ ପାଳ ସଂଗ୍ରହ କରାଯାଉଥିଲା। ତାହା ବର୍ଷ ସାରା ଗାଈଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହୃତ ହେଉଥିଲା। ହେଲେ ଏବେ ପାଳ ମଧ ଅଧିକ ଦେଖିବାକୁ ମିଳୁନି। କାଁ ଭାଁ କିଛି ଚାଷୀ ଗୋରୁ ମାନଙ୍କୁ ନେଇ ଗାଁ ଗହଳିରେ ବେଙ୍ଗଳା ବୁଲାଇ ଧାନ ଅମଳ କରୁଥିବା ବେଳେ ଅଧିକାଂଶ ଚାଷୀ ମେସିନ ସହାୟତାରେ ଧାନ ଅମଳ କରୁଛନ୍ତି। କୋରାପୁଟ ଜିଲାର ଜୟପୁର, ବୋରିଗୁମ୍ମା, କୁନ୍ଦୁରା, ବୈପାରିଗୁଡା, କୋଟପାଡ଼ ବ୍ଲକରେ ଗାଁ ଗାଁରେ ରାତିରେ ଧାନ ଅମଳ ବେଳେ କୃଷି ଶ୍ରମିକ ମାନେ ଗୋରୁ ମାନଙ୍କୁ ନେଇ ଧାନ ବେଙ୍ଗଳା ବୁଲାଇ ହଳିଆ ଗୀତ ଗାଉଥିଲେ। ତେବେ ଖର୍ଚ୍ଚ କମିବା ସହ କମ୍ ସମୟରେ ଧାନ ଅମଳ ହୋଇ ପାରୁଥିବାରୁ ଏବେ ମେସିନ ସହାୟତାରେ ହିଁ ଧାନ ଅମଳ କରାଯାଉଛି। ପୂର୍ବରୁ ଅମଳ ପରେ ଏହାକୁ ସଂରକ୍ଷଣ କରିବାକୁ ସେଥିରୁ ବାହାରୁଥିବା ପାଳକୁ ବଳି ଦଉଡି ପ୍ରସ୍ତୁତ କରି ପୁଡ଼ୁଗ କରୁଥିଲେ ଚାଷୀ। କିନ୍ତୁ, ଆଜିର ଯାନ୍ତ୍ରିକ ଯୁଗରେ ମେସିନରେ ଧାନ ଅମଳ ପରେ ତୁରନ୍ତ ତାକୁ ଜମିରୁ ହିଁ ଅଖାରେ ଭର୍ତି କରି ମଣ୍ଡି ପରେ ମିଲ କୁ ପଠାଇଦିଆଯାଉଛି। ଷ୍ଟିମ ଦେଇ ଧାନରୁ ଚାଉଳ ବାହାର କରାଯାଇ ତାକୁ ବଜାରକୁ ଛାଡି ଦିଆଯାଉଛି। ଏସବୁ ଚାଉଳ ଖାଇ ଲୋକେ ପ୍ରାକୃତିକ ପୃଷ୍ଟିରୁ ବଞ୍ଚିତ ହେବା ସହ ଶରୀରରେ ରୋଗ ନିରୋଧ ଶକ୍ତି ହ୍ରାସ ପାଉଥିବା କହିଛନ୍ତି କିଛି ଚାଷୀ। ବା

ସ୍ତବରେ ଏବେ ଆଧୁନିକତା ଦ୍ୱାହି ଦେଇ ପୁରୁଣା ପରମ୍ପରାକୁ ଭୁଲି ଗଲେଣି ଅନେକ ଚାଷୀ। ସେପଟେ କୃଷି ଶ୍ରମିକ ମାନେ କାମ ଧନ୍ଦା ଅଭାବରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି ବୋଲି ଚାଷି ମାନେ ଅଭିଯୋଗ କରିଛନ୍ତି। ତେଣୁ ସରକାର ଚାଷ ଓ ଚାଷିକୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।

**ପଏଁରୀ ତିହାରର ଦ୍ୱିତୀୟ ସଂଧ୍ୟା**

# ନଚନିଆଁ ଓ ଘୁଡକା ନାଚରେ ଶୀତ ରାତିରେ ଝୁମିଲେ ଦର୍ଶକ

**ସୁବର୍ଣ୍ଣପୁର,୨।୧ (ସଂଚାର ବ୍ୟୁରୋ):**ପଏଁରୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପଏଁରୀ ତିହାର ୨୦୨୬ ଆଜି ଦ୍ୱିତୀୟ ସଂଧାର ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପଏଁରୀ ଅନୁଷ୍ଠାନ ଦ୍ୱାରା ପରିବେଷିତ ଜାମୁ ଡାଲି, ବଲାଙ୍ଗୀରର ଦୁଲଦୁଲି କଳାପରିଷଦର ଘୁଡକା ଓ ନୟାଗଡ଼ର ପଶୁମୁଖା, ବିନିକାର ମାଁ ମାହେଶ୍ୱରୀ ସାଂସ୍କୃତିକ ପରିଷଦର ନଚନିଆଁରେ ଦର୍ଶକ ବିଳମ୍ବିତ ରାତି ଯାଏ ମନଭରି ଉପଭୋଗ କରିଥିଲେ। ତିନିଦିନ ବ୍ୟାପି ଏହି ତିହାରକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ସଂଗୀତ ନାଟକ ଏକାଡେମୀ ନୂଆଁଦିଲ୍ଲୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଓ ଜିଲ୍ଲା ସଂସ୍କୃତି ପରିଷଦ, ସୁବର୍ଣ୍ଣପୁରଙ୍କ ସହଯୋଗରେ ଆୟୋଜିତ ହେଉଥିବା ପଏଁରୀ ଚଳିତ ବର୍ଷ ମା ସୁରେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ହେଉଛି।




ଦ୍ୱିତୀୟ ସଂନ୍ଧ୍ୟାର କାର୍ଯ୍ୟକ୍ରମ ସଭାପତି ଲଢ଼ୁ କିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟରେ ଅତିଥି ସମୂହ ପ୍ରଥମେ ମା' ସୁରେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓଡ଼ଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଅକ୍ଷୟ ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସୁବର୍ଣ୍ଣପୁର ର କଳା ସଂସ୍କୃତି ଅନ୍ୟନ୍ୟ ବୋଲି କହିଥିଲେ ।

ସମ୍ମାନିତ ଅତିଥି ଭାବରେ ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ମତ୍ସ୍ୟ ନିଗମ ଅଧକ୍ଷ ଅଭିମନ୍ୟୁ କୁଶଳ, ପୌରାଧକ୍ଷା ତାମସି ତାମସ୍ମିତା ନାୟକ, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ଯୋଗଦେଇଥିଲେ। ଆଜିକାର ସମ୍ବର୍ଦ୍ଧନା ପର୍ବ ରେ ପଏଁରୀ ସମ୍ମାନ- ରାଜେଶ ହାତୀ - ବିଶିଷ୍ଟ ଦଣ୍ଡ କଳାକାର (ରାଧା) ଅଖିଳ ଜାଲ - ଦଣ୍ଡ କଳାକାର ( କୃଷ୍ଣ), ଲାଲବାବୁ ସେଠୀ, (ଶିକ୍ଷାବିଦ୍) ଉଦ୍ଧବ ମେହେର ଅକ୍ସିଜିମ ର ପ୍ରତିଷ୍ଠାତା ଓ ସହରର କିଛି ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପଏଁରୀ ର ଉପ ସଭାପତି ପ୍ରଫୁଲ୍ଲ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ- ନୁର ବେଗମ, ନବିନ କୁଅଁର, ପଦ୍ମଲୋଚନ ସାହୁ, ବ୍ରହ୍ମ । କୁମ୍ଭାର, ମସ୍ତରାମ ସୁନା, ଶାନ୍ତନୁ ମୁନା ପ୍ରମୁଖ କଳାକାର ଲୋକ ସଙ୍ଗୀତ ଗାନ କରିଥିଲେ।